

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୧ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 01 OCTOBER 2023

Vol.No. 34 ■ No. 258■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ହୀରାକୁଦ ଜଳଭଣ୍ଡାରରୁ ୧୦ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୩୦/୦୯ (ନି.ପ୍ର): ଆଜି ପୂର୍ବାହ୍ନରେ ଆଉ ୩ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି । ଫଳରେ ଏବେ ମୋଟ୍ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରୀ ରହିଛି । ବନ୍ଧର ବାମ ପାର୍ଶ୍ୱ ଡାଇକ୍ ର ୭ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍ ର ୩ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୯୪ ହଜାର ୯୩୮ ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ୧୦ଟି ସ୍ଲୁଇସ୍ ଗେଟ୍, ବିଭିନ୍ନ ପାୱାର ଚାନେଲ ଓ ସ୍ପିଲୱେ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୨ ହଜାର ୯୩୯ ଘନଫୁଟ୍ ରୁ ଊର୍ଦ୍ଧ୍ୱ ଜଳ ମହାନଦୀକୁ ଛଡାଯାଉଛି । ଅପରାହ୍ନ ୩ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୯.୩୫ ଫୁଟ୍ ରହିଛି। ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୦୫.୨୭ ମି.ମି. ଏବଂ ତଳ ମୁଣ୍ଡରେ ୧୧.୧୯ ମି.ମି. ବର୍ଷା ରେକର୍ଡ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ପ୍ରକାଶ ।

# ଛତିଶଗଡରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାୱାର ଶୋ

## ଦୁର୍ନୀତିରେ ଉବୁଟୁବୁ ହେଉଛି ରାଜ୍ୟ



ବିଲାସପୁର, ୩୦/୦୯ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫ ଦିନ ଭିତରେ ଦ୍ୱିତୀୟ ଥର ପାଇଁ ଆଜି ପୁଣି ଛତିଶଗଡ଼ ଗସ୍ତରେ ଅଛନ୍ତି। ଆଜି ବିଲାସପୁରର ସିପାଟ ରୋଡରେ ଥିବା ସାଇନ୍ସ କଲେଜ ପଡ଼ିଆରେ ପ୍ରଧାନମନ୍ତ୍ରୀ ମୋଦୀ ଏକ ନିର୍ବାଚନ ରାଲି (ପରିବର୍ତ୍ତନ ଯାତ୍ରା)ରେ ଉଦବୋଧନ ଦେଇ ଦଳର କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିବା ସହିତ ସେମାନଙ୍କୁ ବିଜୟର ମନ୍ତ୍ର ମଧ୍ୟ ଦେଇଥିଲେ। ଏହି ସାଧାରଣ ସଭାରେ କଂଗ୍ରେସକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଯଦି କଂଗ୍ରେସ ପୁଣି କ୍ଷମତାକୁ ଆସେ, ତେବେ ଏହା ଛତିଶଗଡ଼ ଗାତରେ ପଡ଼ିବ। ସେ କହିଛନ୍ତି ଯେ ଛତିଶଗଡ଼ରେ ବିଜେପି ସରକାର ଗଠନ ହେବା ପରେ ପ୍ରଥମ କ୍ୟାବିନେଟ ବୈଠକରେ ଗରିବ ଲୋକଙ୍କୁ ସ୍ଥାୟୀ ଘର ଯୋଗାଇବା ଲାଗି ନିଷ୍ପତ୍ତି ନିଆଯିବ। କଂଗ୍ରେସ ଗରିବ ଲୋକଙ୍କୁ ଘୃଣା କରେ, ଓବିସିମାନଙ୍କୁ ଦୁର୍ବ୍ୟବହାର କରେ। ଯେତେବେଳେ ରାମନାଥଜୀଙ୍କୁ ରାଷ୍ଟ୍ରପତି କରାଯାଇଥିଲା, କଂଗ୍ରେସ ମଧ୍ୟ ଏହାକୁ ବିରୋଧ କରିଥିଲା। ଯେତେବେଳେ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଥିଲା, କଂଗ୍ରେସ ମଧ୍ୟ ଏହାକୁ ବିରୋଧ କରିଥିଲା। କଂଗ୍ରେସ ଲୋକଙ୍କ ସହ ପ୍ରତାରଣା କରିଛନ୍ତି। ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ମୋଦୀ ଅର୍ଥ ଗ୍ୟାରେଣ୍ଟି। ମୋଦୀ ଯାହା ବି କୁହନ୍ତି, ସେ ତାହା କରନ୍ତି ଓ ଲୋକଙ୍କ ବିଶ୍ୱାସ ଜିତିଛନ୍ତି। ବିରୋଧୀମାନେ ଭୟ କରୁଛନ୍ତି ଯେ ମହିଳାମାନେ ବର୍ତ୍ତମାନ ମୋଦୀଙ୍କୁ ଭୋଟ୍ ଦେବେ। ଏହି ଭୟ ଯୋଗୁଁ ସେ ମହିଳା ବିଲକୁ ସମର୍ଥନ କରିଛନ୍ତି।

# ମାଟ୍ରିକ ପରୀକ୍ଷା ଅନ୍‌ଲାଇନ୍ ଫର୍ମ ଫିଲ୍‌ଅପ୍ ଅବଧି ବଢ଼ିଲା

କଟକ, ୩୦/୦୯ (ନି.ପ୍ର): ମାଟ୍ରିକ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଫର୍ମ ଫିଲ୍‌ଅପ୍ ଅବଧିକୁ ବଢ଼ାଇ ଦିଆଯାଇଛି। ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ଏହି ଅବଧିକୁ ବଢ଼ାଇଛି ମାଧ୍ୟମିକ ଶିକ୍ଷା ପରିଷଦ। ଏନେଇ ଆଜି ପରିଷଦ ପକ୍ଷରୁ ପ୍ରେସ୍ ରିଲିଜ୍ ମାଧ୍ୟମରେ ସୂଚନା ଦିଆଯାଇଛି। ମାଟ୍ରିକ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ଅନ୍‌ଲାଇନ୍ ଫର୍ମ ଫିଲ୍‌ଅପ୍ ସହିତ ମଧ୍ୟମା ପରୀକ୍ଷାର ଅଫ୍‌ଲାଇନ୍ ଫର୍ମ ଫିଲ୍‌ଅପ୍ ଅବଧିକୁ ଅକ୍ଟୋବର ୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ଫର୍ମ ଫିଲ୍‌ଅପ୍ ଶେଷ କରିବା ପାଇଁ ସ୍କୁଲ୍‌ଗୁଡ଼ିକୁ ଅନୁରୋଧ କରାଯାଇଛି। ଏହା ପରେ ଆଉ ଫର୍ମ ଫିଲ୍‌ଅପ୍ ଅବଧି ବୃଦ୍ଧି କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇଛି। ସୂଚନାଯୋଗ୍ୟ, ଆସନ୍ତାବର୍ଷ ଫେବ୍ରୁଆରୀ ୨୦ରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ହେବ।




# ଗୃହ ବିବରଣୀରୁ ବାଦ୍ ପଡ଼ିଲା 'ମେଂଟାଲ ଡିସ୍‌ଅର୍ଡର' ଶବ୍ଦ



ଭୁବନେଶ୍ୱର: ଶେଷରେ ଶାସକ ଦଳ ନିଜ ଜିଦରୁ ଓହରିଛି । ବିରୋଧୀ ଦଳର ଦୁଇ ବରିଷ୍ଠ ନେତାଙ୍କ ପ୍ରତି ଶାସକ ଦଳ ପ୍ରୟୋଗ କରିଥିବା 'ମେଂଟାଲ ଡିସ୍‌ଅର୍ଡର' ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବା ପାଇଁ ବାଚସ୍ପତି ନିର୍ଦ୍ଦେଶ ଦେଇଛନ୍ତି । ଗତ ଦୁଇଦିନ ଧରି ଏହି ପ୍ରସଙ୍ଗକୁ ନେଇ ଗୃହରେ ତୁମ୍ବିତୋଫାନ ଲାଗି ରହିଥିଲା । ଆଜି ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହ କାର୍ଯ୍ୟ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଅନୁରୂପ ଅଚଳାବସ୍ଥା ଲାଗି ରହିବାରୁ ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ । ବାଚସ୍ପତି ପ୍ରମିଳା ମଲ୍ଲିକ ଗତ ୨୮ତାରିଖ ଦିନରେ ଶାସକ ଦଳ ▶▶ପୃଷ୍ଠା ୭

# ଖାଲି ହେଉଛି ପକେଟ୍: ହରଡ ଡାଲି ଛୁଇଁଲାଣି ୧୭୫ ଟଙ୍କା

ଭୁବନେଶ୍ୱର, ୩୦/୦୯ (ନି.ପ୍ର): ମହଙ୍ଗା ମାଡ଼ରେ ଘାଇଲା ହେଉଛନ୍ତି ଖାଉଟି। ଡାଲି କଲାଣି କଲବଲ। ହୁ ହୁ ହୋଇ ବଢୁଛି ଡାଲି ଦର। ୬ ମାସ ତଳେ ଯେଉଁ ହରଡ ଡାଲି ୧୧୦ରୁ ୧୨୦ ଟଙ୍କାରେ ବିକ୍ରି ହେଉଥିଲା, ତାହା ଏବେ ୧୫୫ରୁ ୧୭୫ ଟଙ୍କା ଛୁଇଁଲାଣି। ଏହାର ଅର୍ଥ ଡାଲି କିଲୋ ପିଛା ପାଖାପାଖି ୭୦ ଟଙ୍କା ବଢ଼ିଛି। ସେହିପରି ୯୦ ଟଙ୍କାରେ ଗ୍ରାହକ କିଣୁଥିବା ମୁଗ ଡାଲି ୧୧୦ରୁ ୧୧୫ ଟଙ୍କା ପହଞ୍ଚି ଗଲାଣି। ଖାଲି ସେତିକି ନୁହେଁ, ଫେବ୍ରୁଆରୀରେ ୯୦ରୁ ୧୦୫ ଟଙ୍କାରେ ବିକ୍ରି ହେଉଥିବା ବିରି ଡାଲି ଏବେ ୧୧୫ରୁ ୧୨୮ ଟଙ୍କାରେ କିଣିବାକୁ ପଡୁଛି। ସେମିତିକି ବୁଟ ଡାଲି ୨୦ ଟଙ୍କା ଓ ମସୁର ଡାଲି ୭ ଟଙ୍କା ବଢ଼ିଲାଣି। ଡାଲି ଦର ବୃଦ୍ଧିକୁ ନେଇ ଗୃହିଣୀ ଓ ଖାଉଟିଙ୍କ ଭିତରେ ଅସନ୍ତୋଷ ବୃଦ୍ଧି ପାଉଛି। ଜଣେ ଗୃହିଣୀ କହିଛନ୍ତି, ଯେହେତୁ ଖାଇବା ମେନୁରୁ ଡାଲିକୁ ବାଦ ଦେଇହେଉନି, ଏହା ଘର ବଜେଟକୁ ବିଗାଡ଼ି ଦେଲାଣି। ତେଣୁ କମ୍ ଡାଲି ବ୍ୟବହାର ହେଉଥିବା ଖାଦ୍ୟକୁ ଆପଣେଇବାକୁ ବାଧ ହେଉଛନ୍ତି। ବ୍ୟବସାୟୀ ସଂଘର କହିବା ଅନୁସାରେ, ଗତ ୬ ମାସ ହେଲା ଡାଲି ଦର ଲଗାତର ବଢ଼ି ଚାଲିଛି। ଅଳ୍ପ କେତୋଟି ବଡ଼ କର୍ପୋରେଟ ହାଉସଙ୍କ ମନମାନି ଯୋଗୁ ସୃଷ୍ଟି ହୋଇଛି ଏମିତି ସ୍ଥିତି। ଡାଲି ଅମଳ ବେଳେ ସେମାନେ ନିଜ ଗୋଦାମରେ ମହଜୁଦ କରି ରଖୁଛନ୍ତି ଓ ଜାଣିଶୁଣି କୃତ୍ରିମ ଦରବୃଦ୍ଧି ସୃଷ୍ଟି କରୁଛନ୍ତି। ବେଆଇନ୍ ହୋର୍ଡିଂ କରୁଥିବା କର୍ପୋରେଟ ହାଉସ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସୁସ୍ଥ ବ୍ୟବସାୟିକ ବାତାବରଣ ସୃଷ୍ଟି ହୋଇପାରିବ ଓ ଖାଉଟି ଉପକୃତ ହେବେ ବୋଲି କହିଛନ୍ତି ରାଜ୍ୟ ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା। ପୂର୍ବରୁ ମହଙ୍ଗା ମାଡ଼ରେ ଆକ୍ରାମାକ୍ରା ଖାଉଟିକୁ ଏବେକାର ଡାଲି ମାଡ଼ରୁ ବଞ୍ଚାଇବାକୁ ସରକାର କି ପଦକ୍ଷେପ ନେଉଛନ୍ତି, ତାହା ଦେଖିବାକୁ ବାକି ରହିଲା।



# ବଢ଼ିଲା ୨୦୦୦ ଟଙ୍କିଆ ନୋଟ୍ ବଦଳ ଅବଧି




ନୂଆଦିଲ୍ଲୀ,୩୦/୦୯ : ବଢ଼ିଲା ୨୦୦୦ ଟଙ୍କିଆ ନୋଟ୍ ବଦଳ ଅବଧି। ପାଖରେ ୨୦୦୦ ଟଙ୍କିଆ ନୋଟ୍ ଥିଲେ ଆଗକୁ ବଦଳାଇ ପାରିବ। ଆଜି ବଦଳ କରାଇବାର ଶେଷ ତାରିଖ ଥିଲା। କିନ୍ତୁ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଅବଧିକୁ ଅକ୍ଟୋବର ୭ ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏକ ସୂଚନା ଅନୁସାରେ, ୨୦୦୦ ଟଙ୍କିଆ ନୋଟ୍ ଜମା ଏବଂ ବଦଳ ସମୟସୀମାକୁ ଅନ୍ୟୁନ ମାସେ ବୃଦ୍ଧି କରାଯିବାର ଥିଲା। କିନ୍ତୁ ଆରବିଆଇ ଆଉ ସପ୍ତାହେ ସମୟ ଦେଇଛି। ବିଦେଶରେ ଥିବା ଲୋକଙ୍କୁ ପ୍ରାଧାନ୍ୟ ଦିଆଯାଇ ଏହି ନିଷ୍ପତ୍ତି ନିଆଯାଇଛି। ନିକଟରେ ଆରବିଆଇ ଏନେଇ ଏକ ସର୍କୁଲାର୍ ଜାରି କରିଥିଲା। ଏଥିରେ ବିମୁଦ୍ରିକରଣ ପରେ ଛପା ଯାଇଥିବା ୨୦୦୦ ଟଙ୍କିଆ ନୋଟକୁ ବଦଳ କରିବା ପାଇଁ ଆରବିଆଇ ଘୋଷଣା କରିଥିଲା। ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ୨୦୦୦ ଟଙ୍କିଆ ନୋଟ୍ ଜମା କିମ୍ବା ବ୍ୟାଙ୍କରେ ବଦଳ କରାଇବାକୁ କହିଥିଲା ବ୍ୟାଙ୍କ୍। ବ୍ୟାଙ୍କ ଆହୁରି କହିଛି ଯେ, ଡେଡଲାଇନ୍ ଶେଷ ପରେ ବି ୨୦୦୦ ଟଙ୍କିଆ ନୋଟ୍ ବୈଧ ରହିବ। କାରଣ ବର୍ତ୍ତମାନ ସୁଦ୍ଧା ୩ କୋଟି ୫ ଲକ୍ଷ ୬୦୦୦ ଟଙ୍କା ଫେରି ଥିବାବେଳେ ଆହୁରି ୨୫ ହଜାର କୋଟିର ନୋଟ୍ ଫେରିନି। ତେଣୁ ଛପା ଯାଇଥିବା ଏସବୁ ନୋଟକୁ ଫେରସ୍ତ ପାଇଁ ବ୍ୟାଙ୍କ୍ ଏହି ନୋଟ୍ ବଦଳି ଅବଧିକୁ ଆଉ ସାତ ଦିନ ବୃଦ୍ଧି କରିଛନ୍ତି।

# ବ୍ରହ୍ମପୁରରେ କସ୍‌ମେଟିକ୍ ଦୋକାନରେ ଚଢ଼ଉ: ୧୦ ଲକ୍ଷରୁ ଊର୍ଦ୍ଧ୍ୱ ସାମଗ୍ରୀ ଜବତ

ବ୍ରହ୍ମପୁର, ୩୦/୦୯ (ନି.ପ୍ର): ବଜାରରେ ନକଲି ଜିନିଷର ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅସଲି ଜିନିଷ କିଣିବାକୁ ଚାହୁଁଥିବା ଲୋକଙ୍କ ମନରେ ଅନେକ ସନ୍ଦେହ ଆସୁଛି। ଭଲ ବ୍ରାଣ୍ଡର ଜିନିଷ ଭିତରେ ନକଲି ଜିନିଷ ରହୁଥିବା ଦୃଷ୍ଟିଗୋଚର ହେଉଛି। ଗୁଟଖା, ସିମେଣ୍ଟ, ଆଚାର, ପାମ୍ପଡ଼, ଘିଅ, ପନୀର, ସସ୍, ତେଲ, ମସଲା ପରେ ଏବେ ନକଲି କସମେଟିକ୍ ସାମଗ୍ରୀ ଜବତ ହୋଇଛି। ବ୍ରହ୍ମପୁର ସହରରେ ଶନିବାର ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ନକଲି କସମେଟିକ୍ ସାମଗ୍ରୀ ଜବତ ହୋଇଥିବା ପୁଲିସ କହିଛି। ହିନ୍ଦୁସ୍ଥାନ ଲିଭର କଂପାନି କର୍ତ୍ତୃପକ୍ଷଙ୍କ ତରଫରୁ ଅଭିଯୋଗ ହେଲା ପରେ ଟାଉନ୍ ପୁଲିସ ଓ ବଡ଼ବଜାର ପୁଲିସ ସହରର କିଛି ଦୋକାନରେ ଅତର୍କିତ ଚଢ଼ଉ କରିଛି। ଚଢ଼ଉ ସମୟରେ ପୁଲିସ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ଜବତ କରିଛି। ଜବତ ସାମଗ୍ରୀ ଭିତରେ ନକଲି ଲାକମେ ଆଏକନିକ୍ କାଜଲ, ଇଲେ ୧୮ କାଜଲ, ଲାକମେ ୯-୫ କମ୍ପାକ୍ଟ, ଲାକମେ ଆବସେଲୁଟ କମ୍ପାକ୍ଟ, ଲାକମେ ଫାଉଣ୍ଡେସନ୍, ଲିପଷ୍ଟିକ୍, ଆଏଲାଇନର, ମାସକେରା ଆଦି ଜବତ ହୋଇଛି।

# ଜାମ୍ମୁ-କାଶ୍ମୀରରେ ଆତଙ୍କବାଦୀଙ୍କ ଅନୁପ୍ରବେଶ ବିଫଳ : ୨ ଆତଙ୍କବାଦୀଙ୍କ ମୃତ୍ୟୁ



ନୂଆଦିଲ୍ଲୀ,୩୦/୦୯ : ଜାମ୍ମୁ-କାଶ୍ମୀର କୁପୱାଡା ଜିଲ୍ଲାରେ ଆତଙ୍କବାଦୀମାନେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ସେନା ସେମାନଙ୍କ ଅନୁପ୍ରବେଶକୁ ଅଟକାଇଛି । ଏଥିରେ ସେନା ଓ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳିବିନିମୟ ଫଳରେ ୨ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଛି । ସୂଚନା ମୁତାବକ ନିୟନ୍ତ୍ରଣ ରେଖା ନିକଟ କୁପୱାଡା ଜିଲ୍ଲାର ମଛଲୀ ସେକ୍ଟରରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ୨ଜଣ ଆତଙ୍କବାଦୀଙ୍କୁ ସେନା ଗୁଳିକରି ମାରିଛି । ଏହାସହ ଆଉକିଛି ଆତଙ୍କବାଦୀ ଅନୁପ୍ରବେଶ କରିବାକୁ ଉଦ୍ୟମ କରୁଥିବା ସନ୍ଦେହ କରି ସେନା ତାର ସର୍ଚ୍ଚ ଅପରେସନ ଜାରି ରଖିଛି । ମୃତ ଆତଙ୍କବାଦୀଙ୍କ ଠାରୁ ଦୁଇଟି ଏକେ ରାଇଫଲ, ୪ଟି ଏକେ ମ୍ୟାଗଜିନ, ୯୦ ରାଉଣ୍ଡ ଗୁଳି ,ଏକ ପାକିସ୍ତାନୀ ପିସ୍ତଲ. ଏକ ପାଉଚ ଓ ୨୧ଶହ ଟଙ୍କାର ପାକିସ୍ତାନୀ ମୁଦ୍ରା ଜବତ କରିଛି । ଜାମ୍ମୁ-କାଶ୍ମୀର ପୋଲିସ ମହାନିର୍ଦ୍ଦେଶକ ଦିଲବାଗ ସିଂ ଗୁରୁବାର ଦିନ କହିଥିଲେ କି ସୀମା ରାସ୍ତାଦେଇ ଭାରତକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଆତଙ୍କବାଦୀଙ୍କୁ ରୋକିବାକୁ ସେନା ତରଫରୁ ଅପରେସନ ଆରମ୍ଭ କରାଯାଇଛି । ଏହାସହ ସେ କହିଥିଲେ କି ଜାମ୍ମୁ-କାଶ୍ମୀରବାସୀ ଶାନ୍ତି ଚାହୁଁଛନ୍ତି ଓ ପାକିସ୍ତାନର ଅପରାଧୀକ ମୂର୍ଖତାପୂର୍ଣ୍ଣ କାର୍ଯ୍ୟକୁ କାଶ୍ମୀରବାସୀ ଜାଣିସାରିଛନ୍ତି ।

# କଂଗ୍ରେସ କ୍ଷମତାକୁ ଆସିଲେ, ଜାତିଗତ ଗଣନା କରାଯିବ: ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୩୦/୦୯ : ଦେଶରେ ଯଦି କଂଗ୍ରେସ କ୍ଷମତାକୁ ଆସେ, ତେବେ ପ୍ରଥମେ ଜାତିଗତ ଗଣନା କରାଯିବ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଶନିବାର ମଧ୍ୟ ପ୍ରଦେଶର ଶାଜାପୁରଠାରେ ଜନଆକ୍ରୋଶ ରାଲିରେ ଯୋଗ ଦେଇ ସେ କହିଛନ୍ତି, ଯଦି କୌଣସି ଆଘାତ ଲାଗିଥାଏ, ତେବେ ପ୍ରଥମେ ଏକ୍ସ-ରେ କିମ୍ବା ଏମଆରଆଇ କରାଯାଏ। କେବଳ ଏହା ଦ୍ୱାରା କି ପ୍ରକାର ଓ କେଉଁଠାରେ ସମସ୍ୟା ରହିଛି ତାହା ଜଣାପଡ଼ିଥାଏ। ଆମ ଦେଶରେ କେତେଗୁଡ଼ିଏ ପଛୁଆ ବର୍ଗ (ଓବିସି), ଆଦିବାସୀ ଏବଂ ଦଳିତ ଅଛନ୍ତି ସେ ବିଷୟରେ କାହାରି ପ୍ରଶ୍ନ ନାହିଁ। ଆମକୁ ଭାରତର ଏକ ଏକ୍ସ-ରେ କରିବାକୁ ପଡ଼ିବ। ସେଥିରୁ ଜଣାଯିବ ଦେଶର ବଜେଟ ଉପରେ ଓବିସିମାନଙ୍କର କେତେ ନିୟନ୍ତ୍ରଣ ଅଛି ତାହା ଜାଣିହେବ। ସେମାନଙ୍କର ଜନସଂଖ୍ୟା କ'ଣ ? ଭାରତ ଆଗରେ କେବଳ ଗୋଟିଏ ପ୍ରସଙ୍ଗ ଅଛି, ତାହା ହେଲା ଜନଗଣନା। ଯଦି କଂଗ୍ରେସ ସରକାର ଗଠନ ହୁଏ, ତେବେ ଏହା ପ୍ରଥମ କାର୍ଯ୍ୟ ହେବ। ଆମେ ଏଠାରେ କହିବୁ ଆମ ପାଖରେ କେତେ ଓବିସି ଅଛନ୍ତି। ରାହୁଲ ଗାନ୍ଧୀ ମହିଳା ସଂରକ୍ଷଣ ବିଲ୍ ସହିତ ଜାତି ଜନଗଣନା ପ୍ରସଙ୍ଗ ଆରମ୍ଭ କରିଥିଲେ। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶ୍ନ ପଚାରିଥିଲେ ଆପଣ କାହିଁକି ମହିଳା ସଂରକ୍ଷଣରେ ଓବିସି ସଂରକ୍ଷଣ ରଖିନହାନ୍ତି ? ଏହାର କୌଣସି ଉତ୍ତର ମିଳିଲା ନାହିଁ। ନରେନ୍ଦ୍ର ମୋଦୀ କହିଛନ୍ତି ଯେ ବିଜେପିରେ ଓବିସି ବିଧାୟକ ଏବଂ ସାଂସଦ ଅଛନ୍ତି। କିନ୍ତୁ ମୁଁ କହିବାକୁ ଚାହେଁ ଯେ ଚାରିଟି ରାଜ୍ୟରେ କଂଗ୍ରେସ ସରକାର ଅଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ତିନିଜଣ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓବିସି। ଏଥିରୁ ଓବିସି ପ୍ରତି କଂଗ୍ରେସର ମନୋଭାବ ସ୍ପଷ୍ଟ ହେଉଛି।

# ଆରଏସପି ଆନୁକୂଲ୍ୟରେ କୁଆଁରମୁଣ୍ଡା ବ୍ଲକରେ ଜୋନସ୍ତରୀୟ ଲୋକସାଂସ୍କୃତିକ ମହୋତ୍ସବ ଆୟୋଜିତ



ରାଉରକେଲା, ୩୦/୦୯ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସିଏସଆର ବିଭାଗ ଦ୍ୱାରା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ମାଡାଟୋଲା ଗ୍ରାମରେ ସେପ୍ଟେମ୍ବର ୨୯ ତାରିଖରେ ଆୟୋଜିତ ଜୋନ ସ୍ତରୀୟ "ସିନର୍ଜି ଲୋକସାଂସ୍କୃତିକ ମହୋତ୍ସବ"ରେ ବିଭିନ୍ନ ଗାଁଆର ୩୦ଟି ନୃତ୍ୟ ଦଳ ଉତ୍ସାହ ସହକାରେ ଅଂଶଗ୍ରହଣ କରିଥିଲେ । ଏହାର ଉଦଯାପନୀ ଉତ୍ସବରେ ଆରଏସପି ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏ କେ ବେହୁରିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ବେଳେ ସହର ପ୍ରଶାସନ ଓ ସିଏସଆର ବିଭାଗର ସିଜିଏମ, ଶ୍ରୀ ପି କେ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଅବସରରେ ସିଏସଆର ବିଭାଗର ମହାପ୍ରବନ୍ଧକ, ସୁଶ୍ରୀ ମୁନମୁନ ମିତ୍ର, ସହକାରୀ ମହାପ୍ରବନ୍ଧକ, ଶ୍ରୀ ଟି ବି ଟପ୍ପୋ, ସ୍ଥାନୀୟ ସରପଞ୍ଚ ଏବଂ ସିଏସଆର ବିଭାଗର ଅନ୍ୟ ଅଧିକାରୀ ଓ ଷ୍ଟାଫ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ତଥା ଗ୍ରାମର ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ଉପସ୍ଥିତ ଥିଲେ। ନିଜର ବକ୍ତବ୍ୟରେ ଶ୍ରୀ ବେହୁରିଆ ଆଦିବାସୀ ସଂସ୍କୃତି ଓ ପରମ୍ପରାର ସମୃଦ୍ଧତା ବିଷୟରେ ଉଲ୍ଲେଖ କରିବା ସହିତ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଏସଆର ବିଭାଗ ଦ୍ୱାରା ଅଞ୍ଚଳର ସାଂସ୍କୃତିକ ଐତିହ୍ୟର ପ୍ରୋତ୍ସାହନ ପାଇଁ ପ୍ରୟାସର ସେ ପ୍ରଶଂସା କରିଥିଲେ। ଏଭଳି ଉତ୍ସବ ସ୍ଥାନୀୟ ଓ ଜାତୀୟ ଏକତାକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ନୃତ୍ୟ ଦଳଗୁଡିକୁ ପୁରସ୍କାର ପ୍ରଦାନ କରିଥିଲେ। ହେଠାବାହାଲ ଗ୍ରାମ୍ୟ ଦଳ ପ୍ରଥମ ପୁରସ୍କାର ଆକାରରେ ୧୦୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଟ୍ରଫି ଲାଭ କରିଥିବାବେଳେ କଚାରୁ ଗ୍ରାମ ନୃତ୍ୟଦଳ ଦ୍ୱିତୀୟ ପୁରସ୍କାର ରୂପେ ୮୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଜବାକୁଦାର ଗ୍ରାମର ନୃତ୍ୟ ଦଳ ତୃତୀୟ ପୁରସ୍କାର ଆକାରରେ ୬୦୦୦ ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ଲାଭ କରିଥିଲା। ଅଂଶଗ୍ରହଣକାରୀ ଅବଶିଷ୍ଟ ୨୭ଟି ଦଳଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ରୂପେ ପ୍ରତ୍ୟେକ ଦଳକୁ ୨୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଚାରକ ମଣ୍ଡଳୀ ସଦସ୍ୟମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ନୃତ୍ୟ ଉତ୍ସବ ପ୍ରଭା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗରେ ଆରଏସପି ସିଏସଆର ବିଭାଗ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସୁଶ୍ରୀ ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶ୍ରୀ ଟି ବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସଆର ବିଭାଗର ସିନିୟର ଫିଲ୍ଡ ଆସିଷ୍ଟାଣ୍ଟ ଶ୍ରୀ ବି ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବହୁ ସଂଖ୍ୟାରେ ସ୍ଥାନୀୟ ତଥା ଆଖପାଖ ଗାଁଆ ଲୋକ ଏହି ନୃତ୍ୟୋତ୍ସବର ଆନନ୍ଦ ନେଇଥିଲେ। ସୂଚନାଯୋଗ୍ୟ ଯେ ଆରଏସପି ଏହାର ସିଏସଆର ପ୍ରୟାସ ଅନ୍ତର୍ଗତ "ସିନର୍ଜି ଲୋକ ସାଂସ୍କୃତିକ ମହୋତ୍ସବ" ପ୍ରତ୍ୟେକ ବର୍ଷ ଆୟୋଜନ କରୁଛି । ଏହି ପ୍ରୟାସ ଅନ୍ତର୍ଗତ ଚାରିଟି ବ୍ଲକରେ ଜୋନ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ଏବଂ ଫାଇନାଲ ପର୍ଯ୍ୟାୟ ପ୍ରତିଯୋଗିତା ରାଉରକେଲାରେ ଅନୁଷ୍ଠିତ ହେବ।

# ରୋଗରେ ପଡ଼ି ଆଦିବାସୀ ମହିଳାଙ୍କ ମୃତ୍ୟୁ

କୋରେଇ, ୩୦/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର "ରୁମାପଶି ରାସ୍ତା କଡ଼ରେ ଏକ ପରିତ୍ୟକ୍ତ ଘରେ ରହୁଥିବା ଏକ ଆଦିବାସୀ ମହିଳାଙ୍କ ରୋଗଗ୍ରସ୍ତ ଯୋଗୁଁ ମୃତ୍ୟୁଘଟିଛି। ସୂଚନା ଅନୁସାରେ ଭଦ୍ରକ ଜିଲ୍ଲା ଦୀପକ ଦାସ ନାମକ ଭଦ୍ରକର ଜଣେ ଶ୍ରମିକ ଉକ୍ତ ରାସ୍ତା କଡରେ ଥିବା ଏକ ପରିତ୍ୟକ୍ତ ଘରେ ରହୁଥିବା ବେଳେ ସ୍ଥାନୀୟ ଇଟାଭାଟିରେ କାମ କରୁଥିଲା। ସେହି ସମୟରେ ଉକ୍ତ ଇଟା ଭାଟିରେ କାମ କରୁଥିବା ହରିଚନ୍ଦନପୁର ଅଂଚଳର ଗୋଲାପ (୪୦) ନାମକ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ଧରି ଉକ୍ତ ଘରେ ରହୁଥିଲା। ତେବେ ରୋଗଗ୍ରସ୍ତ ହେବାରୁ ଦୀପକ ତାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଗତ ୨୫ ତାରିଖ ଦିନ ଦେଖାଇଥିଲା ମାତ୍ର ଗୋଲାପର ସୁଗାର ଲେବେଲ ବଢିଯାଇଥିବା ସହିତ ଜଣ୍ଡିସ ହୋଇଥିବାରୁ ତାକୁ କଟକ ବଡ଼ ଡ଼ାକ୍ତରଖାନାରେ ଦେଖାଇବା ଲାଗି ପରାମର୍ଶ ଦେଇ ବିଦା କରିଦେଇଥିଲେ। ତେବେ ଦୀପକ ଅର୍ଥ ଯୋଗାଡ଼ କରୁଥିବାବେଳେ ଆଜି ସକାଳେ ଗୋଲାପର ମୃତ୍ୟୁ ଘଟିଥିଲା। ଉକ୍ତ ଖବର ପାଇବା ପରେ ପାଣିକୋଇଲିସ୍ଥିତ ବୃଦ୍ଧାଶ୍ରମ ଶେଷ ପରିଚୟର ସଦସ୍ୟ ସୁଧାଶଙ୍କର ବିଶ୍ୱାଳ ଥାନାକୁ ଜଣାଇଥିଲେ। ପରେ ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ଥାନାରେ ଏକ ମାମଲା ୨୧/୨୩ ରୁଜୁ ହେବା ସହିତ ସବଇନିସପେକ୍ଟର ପ୍ରକାଶ ପ୍ରଧାନ। ଏଏସଆଇ ସୁଜିତ ମଲ୍ଲିକ ହାବିଲଦାର ସୁଲୋଚନା ବେହେରା ଶବର ପଚନାମା କରିବା ପରେ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବ୍ୟବଚ୍ଛେଦ ଘରେ ଗୋଲାପକ ଶବକୁ ବାରୁଣୀସ୍ଥିତ ଶ୍ମଶାନରେ ସତ୍କାର କରାଯାଇଥିଲା। ଉକ୍ତ କାର୍ଯ୍ୟରେ ଶେଷ ପରିଚୟର ସଦସ୍ୟ ତାରିଣୀ କୁମାର ପଟ୍ଟନାୟକ, ବାଦଲ ନାୟକ, ମନମୋହନ ବାରିକ, ଅଶୋକ କୁମାର ଦାସ ଓ ସଠିପୁରର ସମାଜସେବୀ ପ୍ରତାପ ଚନ୍ଦ୍ର ଧଳ ଏହାର ନିମନ୍ତେ ସମସ୍ତ ପ୍ରକାରର ସହୟତା କରିଥିଲେ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା, ୩୦/୦୯ (ନି.ପ୍ର): ଆଜି ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରା, +୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ବନ୍ୟା ବେହେରା, +୨ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ପ୍ରଭାସିନୀ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିରରେ ୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ଜନକଲ୍ୟାଣ ଅଧିକାରୀ ଶ୍ରୀଯୁକ୍ତ ଗୁରୁଚରଣ ମଲ୍ଲିକ୍ ଏହି ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼ ମଥୁରୀ ଚରଣ ନାୟକ, ଏକାଡେମିକ୍ ବର୍ସାର ଜ୍ୟୋତ୍ସ୍ନାମୟୀ ପତି, ଜିଲ୍ଲା ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ପଦ୍ମଜା କବି ଶତପଥୀଙ୍କ ସମେତ ଅନ୍ୟ ଅଧାପକ-ଅଧାପିକା ଏବଂ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ତୁଷୁରା ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩

ବଲାଙ୍ଗୀର, ୩୦/୦୯ (ନି.ପ୍ର): ତୁଷୁରା ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ ବାଳିକା ଉଚ୍ଚ ବିଦ୍ୟାଳୟ ତୁଷୁରା ଠାରେ ସେପ୍ଟେମ୍ବର ୩୦ ତାରିଖ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ତୁଷୁରା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭକ୍ତ ଚରଣ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୁଷୁରା ଏନ୍.ଏ.ସି. ଅଧକ୍ଷ ଅଜୟ ଜୟଶ୍ୱାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ତୁଷୁରା ଥାନା ଆଇ.ଆଇ.ସି ସଞ୍ଜିବ କୁମାର ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହରିହର ସାହୁ ଓ ଗୁଡଭେଲା ବ୍ଲକ୍ ଏ ବି.ଇ.ଓ ବିପିନ ବାଗ ଯୋଗଦେଇ ସୁରଭିର ଉଦ୍ଦେଶ୍ୟ ସଂପର୍କରେ ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ତୁଷୁରା କ୍ଲଷ୍ଟର୍ ସି.ଆର୍.ସି.ସି ଜଗମୋହନ ତ୍ରିପାଠୀ ବିବରଣୀ ପାଠ କରିଥିଲେ ଓ ହେମନ୍ତ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ନିବେଦିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ତୁଷୁରା କ୍ଲଷ୍ଟର୍ ଅଧିନସ୍ଥ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଗାଇଡ୍ ଶିକ୍ଷକମାନେ ସହଯୋଗ କରିଥିଲେ। ଏଥିରେ କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧମିକ ସ୍ତରରେ ପ୍ରବନ୍ଧ, ବକ୍ତୃତା, ବିତର୍କ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ସଙ୍ଗୀତ, ମଧାହ୍ନ ଭୋଜନ ସଂପର୍କିତ ଚିତ୍ରକଳା ଓ ଶିଳ୍ପକଳା ପ୍ରତିଯୋଗିତା, ମିଲେଟସ୍ ପ୍ରତିଯୋଗିତା ଓ ଦଳଗତ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଯେଉଁ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ବ୍ଲକ୍ ସ୍ତରରେ ଅଂଶ ଗ୍ରହଣ କରିବେ। ଗତବର୍ଷର ଦଶମ ବୋର୍ଡ଼ ଓ ଦ୍ୱାଦଶ ବୋର୍ଡ଼ ପରୀକ୍ଷାର ଟପ୍ପରଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜଳେଶ୍ୱର ରେଳ ଷ୍ଟେସନର ବିକାଶ ଓ ୯ ଟ୍ରେନ ରହଣୀ ଦାବି : ଜୟନାରାୟଣଙ୍କ ରେଳ ମନ୍ତ୍ରୀଙ୍କୁ ଚିଠି

## ଦିଲ୍ଲୀରେ ଦିବ୍ୟକାମ ମହାନ୍ତି ଓ ଅଶ୍ୱନୀ ବୈଷ୍ଣବଙ୍କ ଆଲୋଚନା



ଜଳେଶ୍ୱର, ୩୦/୦୯ (ନି.ପ୍ର): ଜଳେଶ୍ୱର ରେଳ ଷ୍ଟେସନରେ ବହୁ ଟ୍ରେନ ଅଟକୁ ନ ଥିବା, ଯାତ୍ରୀଙ୍କ ସୁବିଧାଲାଗି ବ୍ୟବସ୍ଥା ହେଉନଥିବା ଇତ୍ୟାଦି କେତେକ ସମସ୍ୟାକୁ ନେଇ ଜଳେଶ୍ୱରର ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି ରେଳ ମନ୍ତ୍ରୀଙ୍କୁ ଏକ ଚିଠି ଲେଖିଛନ୍ତି। ସେଥିରେ ୯ଟି ରେଳ ଅଟକିବା, ଶାନ୍ତିଆ ଠାରେ ପାସେଞ୍ଜର ହଲ୍ଟ ନିର୍ମାଣ ହେବା, ଜଳେଶ୍ୱର-ଚାକୁଲିଆ ଭାୟା ରାଇବଣିଆ ରେଳପଥ ନିର୍ମାଣ, ଜଳେଶ୍ୱର ଷ୍ଟେସନର ପୂର୍ବଦିନରେ ଏକ ଟିକଟ କାଉଣ୍ଟର ନିର୍ମାଣ, ରାଜଘାଟ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଇତ୍ୟାଦି ଦାବି ନେଇ ଶ୍ରୀ ମହାନ୍ତି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଛନ୍ତି। ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ଓ ପଶ୍ଚିମବଂଗର କେତେକ ଅଂଚଳର ଲୋକେ ଏହି ଷ୍ଟେସନରୁ ଯାତାୟାତ କରୁଥିବାରୁ ଡାଉନ ଉତ୍କଳ ଏକ୍ସପ୍ରେସ, ଅପ୍ ପାଟନା-ଏନାକୂଲମ ଏକ୍ସପ୍ରେସ, ଅପ୍ ଦିଘା-ଭିଶାଖାପାଟଣା ଏକ୍ସପ୍ରେସ, ଦିଘା-ପୁରୀ ଏକ୍ସପ୍ରେସ, ସାଲିମାର-ସିକନ୍ଦରାବାଦ ଏକ୍ସପ୍ରେସ, ସାଲିମାର-ଭାସ୍କୋଡାଗାମ ଏକ୍ସପ୍ରେସ, ଫାଲୋକନାମା ଏକ୍ସପ୍ରେସ, ଦକ୍ଷିଣ ଭାରତକୁ ଯାଉଥିବା କୌଣସି ଟ୍ରେନ ଜଳେଶ୍ୱରରେ ରହଣି ଲାଗି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବି ପତ୍ରରେ ଜଳେଶ୍ୱର-ଚାକୁଲିଆ ଭାୟା ରାଇବଣିଆ ନୂତନ ରେଳପଥ ପରିକଳ୍ପନା କରି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜଳେଶ୍ୱର ରେଳ ଷ୍ଟେସନର ବିଭିନ୍ନ ଉନ୍ନତି କରଣ, ନୂତନ ଟିକଟ କାଉଣ୍ଟର ନିର୍ମାଣ ସଂପର୍କରେ ସେ ଚିଠି ଲେଖିବା ସହିତ ମନ୍ତ୍ରୀ ବାଲେଶ୍ୱର ଜିଲାର ଜିଲାପାଳ ଥିବା ବେଳେ ଜଳେଶ୍ୱର ବିଧାୟକ ଭାବେ କାର୍ଯ୍ୟ କରି ତାଙ୍କ ଦକ୍ଷତା ସେତେବେଳେ ପ୍ରତିପାଦକ କରିଥିବା ଦର୍ଶାଇଛନ୍ତି। ଏହି ଚିଠିକୁ ତାଙ୍କ ପୁଅ ଦିବ୍ୟକାମ ମହାନ୍ତି ଧରି ନିୟୁ ଦିଲ୍ଲି ଯାଇ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଫଳରେ ଜଳେଶ୍ୱରରେ କେତେକ ଟ୍ରେନ ଅଟକିବା ସଂପର୍କରେ ସେମାନେ ଆଶାବାଦୀ ବୋଲି ଆଜି ସୂଚନା ଦେଇଛନ୍ତି।

# ମାଲକାନଗିରି କାରାଗାରରେ ଆବଶ୍ୟକତାଠାରୁ ଅଧିକ ଅନ୍ତେବାସୀ: ସୁରକ୍ଷା ପାଇଁ ନାହାନ୍ତି କାରାରକ୍ଷୀ

ମାଲକାନଗିରି, ୩୦/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା କାରାଗାରରେ ଆବଶ୍ୟକତା ଠାରୁ ଅଧିକ ଅନ୍ତେବାସୀ ରହିଥିବାର ଦେଖିବାକୁ ମିଳିଛି। ଏଠି ଜାଗା ଅଭାବରୁ ଅନ୍ତେବାସୀଙ୍କୁ କୋରାପୁଟ ଓ ରାୟଗଡା ଜିଲ୍ଲାରେ ଥିବା କାରାଗାରକୁ ପଠାଇବାକୁ ପଡୁଛି। ଏଥିସହ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ମଧ୍ୟ ମୋଟ ୧୨ ଜଣ କାରାରକ୍ଷୀ ରହିଛନ୍ତି। ସୂଚନାଯୋଗ୍ୟ, ୧୯୬୦ ମସିହାରୁ ମାଲକାନଗିରି ଉପକାରାଗାର ଆରମ୍ଭ ହୋଇଛି। ଏଠାରେ ୬୨୪ ଜଣ ଅନ୍ତେବାସୀ ରହିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ, କାରାଗାରରେ ୬୫୦ ଜଣ ଅନ୍ତେବାସୀ ରହୁଛନ୍ତି। କାରାଗାରରେ ମୋଟ୍ ୨୦ଟି ୱାର୍ଡ ସହିତ ୫ଟି ସେଲ୍ ରହିଛି। ମହିଳା ୱାର୍ଡରେ ୧୦ ଜଣ ଅନ୍ତେବାସୀ ରହିଥିବା ବେଳେ ପୁରୁଷ ୱାର୍ଡରେ ୬୪୦ ଜଣ ଅନ୍ତେବାସୀ ରହିଛନ୍ତି। ୬୪୦ ଜଣ ପୁରୁଷଙ୍କ ମଧ୍ୟରୁ ୧୧ ଜଣ କଏଦୀ ହୋଇଥିବା ବେଳେ ୬୨୯ ଜଣ ବିଚାରଧୀନ କଏଦୀ ଅଟନ୍ତି। ଏହି କାରାଗାରେ ଜାଗା ଅଭାବ ରହିଥିବା ବେଳେ ଏଠିକାର ଅନ୍ତେବାସୀମାନଙ୍କୁ ନେଇ କୋରାପୁଟ ଜିଲ୍ଲାର କୋଟପାଡ ଓ ରାୟଗଡା ଜିଲ୍ଲାର ବିଷମକଟକ କାରଗାରରେ ରଖାଯାଇଛି। ମାଲକାନଗିରି କାରାଗାରରେ ଖେଳକୁଦ କରିବା ପାଇଁ ଉପଯୁକ୍ତ ଜାଗା ମଧ୍ୟ ଅଭାବ ରହିଛି। ଏଥିସହ ଅନ୍ତେବାସୀମାନେ କୌଣସି ଧନ୍ଦାମୂଳକ କାର୍ଯ୍ୟ କରିବା ପାଇଁ ମଧ୍ୟ ସୁଯୋଗ ପାଇପାରୁ ନାହାନ୍ତି। ମାଲକାନଗିରି କାରାଗାରରେ କାରାପାଳ, ଉପ କାରାପାଳ, ଫାର୍ମାସିଷ୍ଟ, ଡାକ୍ତର, ଝାଡୁଦାର ଓ ଡ୍ରାଇଭର ଜଣେ ଲେଖାଏଁ ରହିଛନ୍ତି। ଅନ୍ତେବାସୀଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ୧୦ ଜଣ କାରାରକ୍ଷୀ ରହିଛନ୍ତି। ସେଥିରେ ୨ ଜଣ ମହିଳା ଓ ୮ ଜଣ ପୁରୁଷ ଅଟନ୍ତି। ଏହି ୧୦ ଜଣ କାରାରକ୍ଷୀଙ୍କୁ ପରିଚାଳନା କରିବା ପାଇଁ ୩ ଜଣ ମୁଖ୍ୟ କାରାରକ୍ଷୀ ଆବଶ୍ୟକତା ରହିଥିବା ବେଳେ ୨ ଜଣ ରହିଛନ୍ତି। ମାଲକାନଗିରି କାରାଗାରରେ ଗଞ୍ଜେଇ କେସ ଠାରୁ ଆରମ୍ଭ କରି ବହୁ ମାଓବାଦୀ ମଧ୍ୟ ରହିଛନ୍ତି। ସେମାନଙ୍କୁ ଅଧିକ ସୁରକ୍ଷା ଯୋଗାଇ ଦେବା ପାଇଁ ଅଧିକ କାରାରକ୍ଷୀ ଆବଶ୍ୟକତା ଥିବା ବେଳେ ତାହା ବୃଦ୍ଧି ହୋଇପାରୁ ନାହିଁ। ନୂତନ କାରଗାର ନିୟମ ଅନୁଯାୟୀ ୬ ଜଣ ଅନ୍ତେବାସୀଙ୍କୁ ଜଣେ କାରାରକ୍ଷୀ ନିୟୋଜିତ ପାଇଁ ନିୟମ ରହିଛି, କିନ୍ତୁ ଏଠାରେ ୪୫ ଜଣ ଅନ୍ତେବାସୀଙ୍କ ପାଇଁ ଜଣେ କାରାରକ୍ଷୀ ଅଛନ୍ତି। ଜଣଙ୍କୁ ଦୈନିକ ୮ ଘଂଟା ବଦଳରେ ୯ ଘଂଟା କାର୍ଯ୍ୟ କରିବାକୁ ପଡୁଛି। ଦିନବେଳା ୬ ଘଂଟା ଡ୍ୟୁଟି କରୁଥିବା ବେଳେ ରାତିରେ ପୁଣି ୩ ଘଂଟା ଲେଖାଏଁ ଡ୍ୟୁଟି କରୁଛନ୍ତି। ଅନ୍ତେବାସୀଙ୍କ ନିୟମିତ ଉପସ୍ଥାନ ନେବା, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ବୁଝିବା, ସାକ୍ଷାତକାର କରାଇବା ଭଳି ବିଭିନ୍ନ କାର୍ଯ୍ୟ କରିବାକୁ ପଡୁଛି।

# କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମଥର ପାଇଁ ଅବସର ପୂର୍ବରୁ ଫାଇନାଲ ପେନସନ କାଗଜପତ୍ର ସମାପ୍ତ

କେନ୍ଦ୍ରାପଡ଼ା, ୩୦/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ବିଭାଗର ସେକସନ ଅଫିସର ପଦରୁ ବ୍ରହ୍ମାନନ୍ଦ ସ୍ୱାଇଁ ଅବସର ଗ୍ରହଣ କରିଛନ୍ତି। ଜିଲ୍ଲାର ପ୍ରଥମ ସରକାରୀ କର୍ମଚାରୀ ଭାବେ ଶ୍ରୀ ସ୍ୱାଇଁଙ୍କର ଅବସର ପୂର୍ବରୁ ତାଙ୍କର ଫାଇନାଲ ପେନସନ କାଗଜପତ୍ର ଅନଲାଇନ୍‌ରେ ପଠାଇଦିଆଯାଇଛି। ଅବସର ନେବା ପରେ ସରକାରୀ କର୍ମଚାରୀମାନେ ପେନସନ ପାଇଁ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେଉଥିବା ବେଳେ ଏହା କେନ୍ଦ୍ରାପଡା ଜିଲ୍ଲାରେ ପଥମ ଘଟଣା ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଶ୍ରୀ ସ୍ୱାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ତାଙ୍କର ପେନସନ କାର୍ଯ୍ୟ ସାରିଥିବାରୁ ରାଜ୍ୟ ସରକାରଙ୍କ ପେନସନ ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଭୂୟସୀ ପ୍ରଶଂସା କରାଯିବା ସହିତ ତାଙ୍କ ଅବସର ଜୀବନ ସୁସ୍ଥ ଓ ନିରାମୟ ହେଉ ବୋଲି କାମନା କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଶ୍ରୀ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ଶ୍ରୀ ସ୍ୱାଇଁ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଖଣ୍ଡିଆବନ୍ଧ(ଭରତପୁର) ଗ୍ରାମର ସ୍ୱର୍ଗତ ପଂଚୁ ସ୍ୱାଇଁ ଓ ଶୁକ ସ୍ୱାଇଁଙ୍କ କୋଳ ମଣ୍ଡନ କରି ୧୯୬୩ମସିହା ସେପ୍ଟେମ୍ବରମାସ ୧୧ତାରିଖରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷା ସମାପ୍ତି ପରେ ଶ୍ୟାମସୁନ୍ଦରପୁର ଉଚ୍ଚ ବିଦ୍ୟାଳୟରେ କନିଷ୍ଠ କିରାଣୀ ଭାବରେ ଗତ ୧୯୮୩ ମସିହା ଜୁଲାଇ ୨୮ତାରିଖରେ ଯୋଗଦେଇ ୨୦୧୯ମସିହା ଅଗଷ୍ଟମାସ ୨୦ତାରିଖ ପର୍ଯ୍ୟନ୍ତ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଥିଲେ। ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୨୧.୦୮.୨୦୧୯ରିଖରେ ବରିଷ୍ଠ କିରାଣୀ ଭାବରେ ଯୋଗଦେଇଥିଲେ। ଏହାପରେ ଗତ ଜୁଲାଇମାସରେ ସେକସନ ଅଫିସର ପଦକୁ ପଦୋନ୍ନତି ପାଇ ସେହି ଠାରେ ନିଷ୍ଠାର ସହିତ ନିଜ ଦାୟୀତ୍ୱ ସମ୍ପାଦନ କରି ଆଜି ସରକାରୀ ଚାକିରୀରୁ ସେ ଅବସର ଗ୍ରହଣ କରିଛନ୍ତି।

# ଭବାନୀପାଟଣାଠାରେ ଜିଲ୍ଲାସ୍ତରୀୟ ଜାତୀୟ ପୋଷଣ ମାସ -୨୦୨୩ ପାଳନ

ଭବାନୀପାଟଣା, ୩୦/୦୯ (ନି.ପ୍ର): ଆଜି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଚଳିତ ବର୍ଷର ଜିଲ୍ଲା ସ୍ତରୀୟ ଜାତୀୟ ପୋଷଣ ମାସ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ପାଳିତ ହୋଇଯାଇଅଛି । ଏହି ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ତନ୍ମୟ କୁମାର ଦରଓ୍ୱାନ, କାର୍ଯ୍ୟକ୍ରମର ଶୁଭଉଦ୍ଘାଟନ କରିଥିଲେ, ତାଙ୍କ ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ନିହାର ରଞ୍ଜନ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପ୍ରଭାତୀ ରାଣୀ ତ୍ରିପାଠୀ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜେ.ଏସ. ରାଓ, ଉଦ୍ୟାନ ଉପ ନିର୍ଦ୍ଦେଶକ କିଶୋର ମହାଲିଙ୍ଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀଯୁକ୍ତ ଅମ୍ରିତ ପାଢୀ, ଜିଲ୍ଲା ମିଲେଟ ମିସନ ପ୍ରକଳ୍ପ ସଂଯୋଜକ ଜିତୁ ନାୟକ, ଜିଲ୍ଲା ଶିକ୍ଷା ବିଭାଗରୁ ପ୍ରତିନିଧି ମଂଚାସୀନ ଅତିଥି ଭାବେ ଯୋଗଦେଇଥିଲେ। ଅଂଶଗ୍ରହଣକାରି ମଧ୍ୟରେ ବାଲ୍ୟ ବିବାହ ସୁରକ୍ଷା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପରାମର୍ଶଦାତା ଦିବ୍ୟରଞ୍ଜନ ଯୋଷି, ମମତା କାର୍ଯ୍ୟକ୍ରମ ଅଧୀନରେ ଥିବା ଜିଲ୍ଲା ପ୍ରକଳ୍ପ ସଂଯୋଜକ ରାମାନୁଜ ପୁରୋହିତ, କନିଷ୍ଠ ପରିସଂଖ୍ୟନ ସହାୟିକା ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଶବର, ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଆଇ.ସି.ଡି.ଏସ.ର ସମସ୍ତ ମହିଳା ପରିଦର୍ଶୀକା, ପୋଷଣ କାର୍ଯ୍ୟକ୍ରମ ଅଧୀନରେ କାର୍ଯ୍ୟରତ ସମସ୍ତ ବ୍ଲକ ସଂଯୋଜକ, ଅଙ୍ଗନୱାଡି କର୍ମୀ, ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱନାଥ ଦାଶ ପୋଷଣ ଅଭିଯାନ ଆନୁକୂଲ୍ୟରେ ପାଳିତ ହେଉଥିବା ଷଷ୍ଠତମ ଜାତୀୟ ପୋଷଣ ମାସର ଆଭିମୁଖ୍ୟ, କାର୍ଯ୍ୟ। ବଳି ଓ ଜିଲ୍ଲାରେ ପାଳିତ ହୋଇଥିବା ମୁଖ୍ୟ ମୁଖ୍ୟ କାର୍ଯ୍ୟକ୍ରମଗୁଡିକୁ ଉପସ୍ଥାପନ କରିଥିଲେ। ନିଜ ନିଜ ଅଭିଭାଷଣ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦରଓ୍ୱାନ ଖାଦ୍ୟ ସହିତ ଶରୀର, ବୌଦ୍ଧିକ ଓ ଆଧ୍ୟାତ୍ମିକ ସମନ୍ୱୟକୁ ପ୍ରତିପାଦନ କରିଥିବାବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ତ୍ରିପାଠୀ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ପୁଷ୍ଟି ବର୍ଦ୍ଧନ ସମ୍ବନ୍ଧୀୟ ପଦକ୍ଷେପ ଗୁଡିକୁ ଜଣାଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପଣ୍ଡା ଖାଦ୍ୟ କିପରି ହେବା ଉଚିତ ଓ ଚଳିତ ସମାଜରେ କିଭଳି ଦେହ ପାଇଁ ଅହିତ ଖାଦ୍ୟର ଆଦର ରହିଛି ତଥା ସେସବୁ କିଭଳିଭାବେ ଶରୀର ଓ ସମାଜ ପ୍ରତି ବିପଦ ସୃଷ୍ଟି କରୁଛି ବୁଝାଇଥିଲେ। ନିଜର ଅଭିଭାଷଣରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀଯୁକ୍ତ ରାଓ କ୍ଷୁଦ୍ର ଶସ୍ୟର ଉପାଦେୟତା ଓ ଜିଲ୍ଲାରେ ମିଳୁଥିବା କ୍ଷୁଦ୍ରଶସ୍ୟ ବିଷୟରେ ଅବଗତ କରାଇଥିଲେ। ଜିଲ୍ଲା ଉଦ୍ୟାନ କୃଷି ବିଭାଗରୁ ଉପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାଲିଙ୍ଗ, ପୁଷ୍ଟି ସଂପ୍ରସାରଣ ପାଇଁ ନିଜ ବାଡିବାଗିଚାରେ ପାଂଚଟି ଅତିଦରକାରି ଗଛ ଓ ସେସବୁରୁ ମିଳୁଥିବା ପୁଷ୍ଟି ତଥା ଔଷଧୀୟ ଉପକାରିତାକୁ ବିସ୍ତୃତଭାବେ ବୁଝାଇବା ସହିତ ପ୍ରତ୍ୟେକ ବାସଗୃହ ପରିସର ମଧ୍ୟରେ ଏହିସବୁ ଗଛ ରହିବା ଉଚିତ ବୋଲି ଉପସ୍ଥାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଙ୍ଗନବାଡ଼ି ଦିଦି ଙ୍କ ଦାୟିତ୍ୱ ଓ କାର୍ଯ୍ୟନିର୍ବାହ କୁ ପ୍ରଶଂସା କରି ଜିଲ୍ଲାକୁ ଆନେମିଆ ମୁକ୍ତ କରିବା ଦିଗରେ ବିଶେଷ ପ୍ରଚାରର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଲେଟର ଗୁଣବତା ଉପରେ ଆଧାରିତ ଏକ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଭବାନୀପାଟଣା ସହରାଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ମାନଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଯଥା ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମାଧ୍ୟମରେ ମଳିବାକୁ ଥିବା ପୁଷ୍ଟି ସେବା, କ୍ଷୁଦ୍ର ଶସ୍ୟରୁ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ, ପୁଷ୍ଟି ପତାକା ସମ୍ବନ୍ଧୀୟ ଖାଦ୍ୟ, ମୋ ଉପକାରୀ ବଗିଚାର ପ୍ରତିରୂପ, ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ମିଳୁଥିବା ୬ଟି ସେବା ଇତ୍ୟାଦିକୁ ପ୍ରଦର୍ଶିତ କରିଥିଲେ। ଚଳିତ ବର୍ଷ ପୋଷଣ ମାସ ପାଳନ ଅବସରରେ ଜିଲ୍ଲାର ସ୍ଥିତି ରାଜ୍ୟସ୍ତରରେ ଭଲଥିବାକୁ ଜଣାଇ ସମସ୍ତ କର୍ମକର୍ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଗୁଆ ଭାବେ ଲକ୍ଷ ହାସଲ କରିଥିବା ତିନୋଟି ପ୍ରକଳ୍ପ ଯଥା କୋକସରା, କେସିଙ୍ଗା ଓ ଧର୍ମଗଡକୁ ଏବଂ ସବୁଠାରୁ ଅଧିକ ସଫଳତା ହାସଲ କରିଥିବା ତିନୋଟି ପ୍ରକଳ୍ପ ଯଥା ଭବାନୀପାଟଣା ସହରାଂଚଳ, ଭବାନୀପାଟଣା ଗ୍ରାମାଂଚଳ ଓ କଳମପୁର ପ୍ରକଳ୍ପକୁ ସମ୍ମାନିତ କରଯାଇଥିଲା। ଏତଦବ୍ୟତିତ ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗୀତାର ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାନ୍ତନା ମୂଳକ ପୁରସ୍କାର ଦ୍ୱାରା ପ୍ରୋତ୍ସାହିତ କରଯାଇଥିଲା। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ରୀଯୁକ୍ତ ବିଶ୍ୱନାଥ ଦାଶ ମଂଚ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାମାନୁଜ ପୁରୋହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘ ବୈଠକ

କେନ୍ଦ୍ରାପଡ଼ା, ୩୦/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ସଂଘର ଏକ ବୈଠକ ବଡବାରଙ୍ଗସ୍ଥିତ ସଂଘ କାର୍ଯ୍ୟାଳୟରେ ଆଜି ପୂର୍ବାହ୍ନରେ ସଂଘର ଉପ ସଭାପତି ଦୁର୍ଯ୍ୟୋଧନ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଂଘର ଦିବଂଗତ ସଦସ୍ୟମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ଅସୁସ୍ଥ ସଦସ୍ୟ ଉମେଶ ଚନ୍ଦ୍ର ପରିଡା ଓ ନିତ୍ୟାନନ୍ଦ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶ୍ରୀସିଦ୍ଧ ବଳଦେବଜୀଉଙ୍କ ନିକଟରେ ପ୍ରର୍ଥନା କରାଯାଇଥିଲା। ଏହା ପରେ ସଂଘର ସାଧାରଣ ସମ୍ପାଦକ ଗଣେଶ୍ୱର ମେକାପ ସଙ୍ଘର ବିବରଣୀ ପ୍ରଦାନ କରିଥିଲେ। ଆମ ଦେଶ ଭାରତ ବର୍ଷରେ ଦୀର୍ଘ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି କେବଳ ବ୍ୟାଙ୍କ ପେନସନ୍ ଭୋଗୀମାନଙ୍କର ପେନସନ୍ ରିଭିଜନ ହୋଇନଥିବାରୁ ବୈଠକରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୧ ଅକ୍ଟୋବର ୨୦୨୩
email : rabibarachayan2015@gmail.com



## ଧାରାବାହିକ ଉପନ୍ୟାସ



# ବୈଦେହୀ

**ଡ.ଭାଗବତ ବେହେରା**



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୦
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମାଆଙ୍କ କଥା ଶୁଣି ମୋ ସାନଭଉଣୀ ମାନେ କହିଥିଲେ, ଆମେ ତିନିଭଉଣୀ ମିଶି ଅପାକୁ ସବୁ କାର୍ଯ୍ୟରେ ସାହାଯ୍ୟ କରିବୁ ମା' । ତୁମେ ସେଥିପାଇଁ ଆଦୌ ଚିନ୍ତା କରନାହିଁ । ଏମିତି ଏମିତି ବ୍ୟାକୁଳତା ଭିତରେ ତିନିଦିନ କେମିତି କଟିଥିଲା, ତାହା ମୁଁ ଜାଣିପାରିଲି ନାହିଁ ସୁଧାମୟୀ ।

ଶେଷରେ ଧାର୍ଯ୍ୟ ଦିନ ଆସି ଉପସ୍ଥିତ ହେଲା । ବିବାହ ଉତ୍ସବ ମହା ସମାରୋହରେ ପାଳିତ ହୋଇଥିଲା ମିଥିଳା ନଗରୀରେ । ମୋ ପିତା ଜନକ ବହୁ ରାଜା, ମହାରାଜା, ବିଦ୍ୱାନ, ପଣ୍ଡିତ, ମୁନିଋଷିମାନଙ୍କୁ ଆମନ୍ତ୍ରଣ କରିଥିଲେ ଆମର ଏହି ବିବାହ ଉତ୍ସବକୁ । ବିବାହ ଦିନ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମିଥିଳାରେ ଭିଡ଼ ଲାଗି ଯାଇଥାଏ । ବାଦ୍ୟ, ମହୁରୀ ନାଦରେ କମ୍ପୁଥାଏ ମିଥିଳା ନଗରୀ । ମିଥିଳା ପୁରୀକୁ ସଜାଇ ଦିଆଯାଇଥାଏ ଅଳକାପୁରୀ ସଦୃଶ । ଘରିଗୋଟି ରତ୍ନବେଦୀରେ ରମ୍ଭାବୃକ୍ଷ ସହିତ ସୁବର୍ଣ୍ଣ କଳସୀରେ ନାରିକେଳ ସ୍ଥାପନ କରି ବେଦୀ ମାନଙ୍କୁ ଅପୂର୍ବ ମଣ୍ଡପର ରୂପ ଦିଆଯାଇଥାଏ । ସୂର୍ଯ୍ୟ ଉଦୟ ହେବା ସଂଗେସଂଗେ ପରିଚାରିକା ମାନେ ଆମ ଚାରିଭଉଣୀଙ୍କୁ ସ୍ନାନ କରାଇ ଶିଂଗାର ଗୃହକୁ ଆଣି ଶିଂଗାର କରାଇଥିଲେ । ଅଯୋଧ୍ୟାପୁରୀରୁ ଆସିଥିବା ହୀରା, ଲୀଳା, ମୋତି, ମାଣିକ୍ୟ ଖଚିତ ସ୍ୱର୍ଣ୍ଣ ଅଳଙ୍କାର ସାଂଗକୁ ସୁନା ସୂତାଦିଆ ପାଟଶାଢ଼ୀ ମାନ ଆମକୁ ପିନ୍ଧାଇ ଦିଆ ଯାଇଥିଲା । ମୋ ପିତା ଜନକ ମଧ୍ୟ ଆମ ପାଇଁ ଅନେକ ସୁବର୍ଣ୍ଣ ଆଭରଣ ଖଞ୍ଜି ଦେଇଥିଲେ । ସେସବୁକୁ ପରିଧାନ କରି ଆମେ ଚାରିଭଉଣୀ ଦର୍ପଣରେ ନିଜକୁ ଦେଖି ବିଶ୍ୱାସ କରିପାରୁ ନଥାଉ ଆମ ରୂପ ଏମିତି ବୋଲି । ବିଶେଷକରି ମୋ ସାନଭଉଣୀମାନେ ମୋତେ ଦେଖି କହୁଥାନ୍ତି ଅପାଲୋ ତୋ ରୂପ ନିକଟରେ ଆମେ ସବୁ ସୂର୍ଯ୍ୟ ସମ୍ମୁଖରେ ଜୁଳୁଜୁଳିଆ ପୋକ ଭଳି ମନେ ହେଉଛୁ । ଉର୍ମିଳା କହିଥିଲା, ସତେଲୋ ଅପା ତୁ ଆକାଶର ପୂର୍ଣ୍ଣମୀ ଜହ୍ନ ହେଲେ, ଆମେ ତିନିଭଉଣୀ ଚନ୍ଦ୍ରମଣ୍ଡଳର ତିନୋଟି ତାରା । ମାଣ୍ଡବୀ କହିଥିଲା ଅପା, ତୁ ବସନ୍ତ ସରୋବରର ସଜଫୁଟା ପଦ୍ମଟିଏ ହେଲେ ଆମେ ତିନିଭଉଣୀ ପଦ୍ମବନରେ ଫୁଟିଥିବା ତିନୋଟି ରତା କଇଁ । ଶ୍ରୁତକୀର୍ତ୍ତି କହିଥିଲା ଅପାଲୋ, ତୋ ରୂପରୁ ସୁଧାଝରି ପଡୁଥିବାବେଳେ ଆମ ରୂପରୁ ଟୋପାଏ ବି ଝରୁନାହିଁ ।

ସାନଭଉଣୀମାନଙ୍କର କଥା ମୋତେ ଯେତିକି ଆନନ୍ଦ ଦେଉଥାଏ, ତାଙ୍କ ତୁଳନା ଶୁଣି ମୁଁ ନହସି ମଧ୍ୟ ରହିପାରୁ ନଥାଏ । ସବୁଠୁଁ ମୋ ସହିତ ବେଶି ଲଗାଉଥାଏ ଉର୍ମିଳା । ମୋ ପାଖକୁ ଲାଗିଆସି କହୁଥିଲା ଅପା, ତୋର ଏହି ସୁନାପୁଟଦିଆ ଚମ୍ପାକଢ଼ି ଆଙ୍ଗୁଳିରେ ବିରାଜୁଥିବା ଏ ହୀରା ମୋତି ଖଞ୍ଜିତ ରତ୍ନମୁଦ୍ରିକା ମାନ ଦେଖି ମୋ ମନ କହୁଛି ତୁ ଏ ମର୍ତ୍ତ୍ୟର ନାରୀଟିଏ ନୁହେଁ ତୁ ସ୍ୱର୍ଗର ଅପ୍ସରୀ । ତୋର ଦରବିକଶିତ ପଦ୍ମଫୁଲିଆ ମୁଖମଣ୍ଡଳ, ତଥି ଉପରେ ଶୋଭା ପାଉଥିବା ଅର୍ଦ୍ଧ ଉନ୍ମିଳୀତ ନୀଳପଦ୍ମ ସଦୃଶ ଚକ୍ଷୁଦ୍ୱୟ, ତା ଉପରକୁ ବିଜୁଳିର ଠାଣିକୁ ନିନ୍ଦା କରୁଥିବା ଭ୍ରୁଲତା, କପାଳ ଦେଶରେ ସୁସଜ୍ଜିତ ଚନ୍ଦନ କସ୍ତୁରୀର ବିନ୍ଦୁ ସହିତ କୁଙ୍କୁମ ଟିକା, ଚୂର୍ଣ୍ଣ କେଶରେ ଶୋଭା ପାଉଥିବା ପୁଷ୍ପରାଜି ଦେଖି ମୋର କ'ଣ ମନେହେଉଛି ଜାଣୁ ଅପା, ସ୍ୱୟଂ ବିଶ୍ୱସ୍ରଷ୍ଟା ପରମେଶ୍ୱର ଯଦି ତୋତେ ଥରୁଟିଏ ଦେଖିବେ, ସେ ମାଆ ଲକ୍ଷ୍ମୀଙ୍କୁ ପଛ କରିଦେଇ ଆସି ତୋ ପାଖରେ ଚିରଦିନ ପାଇଁ ବସାବାନ୍ଧି ଦେବେ ।

ଉର୍ମିଳା ସହିତ ବଚନ ମିଶାଇ ମାଣ୍ଡବୀ କହୁଥିଲା ଅପା, ତୋର ଏ ରକ୍ତ କଇଁ ସଦୃଶ ପାଦଯୁଗଳ, ତହିଁ ଉପରେ ଶୋଭିତ ସୁବର୍ଣ୍ଣର ପାଦାହାର ତହିଁ ତଳକୁ ଅଳତା ମଣ୍ଡିତ ପାଦାଧାରାର ଶୋଭା ଯୋଗୀ ଚିତ୍ତରେ ବି ଭ୍ରମ ସୃଷ୍ଟି କରିବ ।

ତା କଥା ଶୁଣି ହସିହସି ମୁଁ କହିଥିଲି ତୁ ଆଉ କାହିଁକି ନିରବ ରହୁଛୁ ଶ୍ରୁତକୀର୍ତ୍ତି, ତୁ ବି କିଛି ଗୋଟାଏ ଉପମା ଖଞ୍ଜିଦେ । ମୋ କଥା ଶୁଣି ଶ୍ରୁତକୀର୍ତ୍ତି ହସିହସି କହିଥିଲା, ତୋ ଶରୀରକୁ ମୁଁ କି ଉପମାରେ ତଉଲିବି ଅପା । ମୋ ଆଖିରେ ତୁ' ରକ୍ତ ମାଂସର ଗଢ଼ା ନାରୀଟିଏ ନୋହୁଁ ତୁ ଆଉଟା ସୁନାରେ ଗଢ଼ା ଏ ଭଳି ଏକ ସୁବର୍ଣ୍ଣ ପିତ୍ତୁଳା ଯେ, ଯାହାକୁ ଏ ବିଶ୍ୱର କୌଣସି ଉପମା ସରିହେବ ନାହିଁ ।

ଆମର ଏହି କଥୋପକଥନ ଭିତରେ ଶଙ୍ଖ ହୁଳହୁଳିରେ ଅନ୍ତଃପୁରକୁ କମ୍ପାଇ ଦେଲେ, ଅନ୍ତଃପୁରବାସିନୀମାନେ । ଜଣେ ପରିଚାରୀ ଆସି କହି ଦେଇଗଲା, ବିଶ୍ୱାମିତ୍ର ଋଷି ଡାକ ଦେଲେଣି, ସୀତାଙ୍କୁ ଶୀଘ୍ର ବେଦୀକୁ ବିଜେ କରାଅ ।

ବେଦୀକୁ ଯିବା କଥା ଶୁଣି କମ୍ପିଉଠିଥିଲା ମୋ ଶରୀର । କାହିଁକି କେଜାଣି ବିନା ଶୀତରେ ବି ମୁଁ ଶିତେଇ ଉଠିଥିଲି । ମୋତେ ବେଦୀକୁ ନେବାପାଇଁ ସାତ ସିମନ୍ତିନୀ ମାନେ ଆସି ମୋ ପାଖରେ ଛିଡ଼ା ହୋଇଗଲେଣି । ପରିଚାରିକା ମାନେ ପୁଷ୍ପ, ଚନ୍ଦନ, ଚାମର ଧରି ଆଗରେ ଉଭାହେଲେଣି । ଏହି ସମୟରେ ମାଆ ମୋର ଆସି ଶୁଣେଇ ଦେଇ ଯାଇଥିଲେ, ଲଗ୍ନ ବେଳ ଗଡ଼ିଯିବ । ସୀତାକୁ ବିବାହ ବେଦୀ ନିକଟକୁ ନେଇ ଆସ । ପୁଣି ଶଙ୍ଖ, ହୁଳହୁଳି । ମୋ ମୁଣ୍ଡରେ ଓଢ଼ଣୀଟିଏ ଟାଣିଦେଇ ମୋର ବେନିହସ୍ତ ଧରି ବେଦୀ ନିକଟକୁ ବାଟ କଢ଼ାଇ ନେଇଥିଲେ କିଛି ରମଣୀ ।

ମୋ ଆଗେଆଗେ ଫୁଲ ଚନ୍ଦନ କୁଢ଼ ହୋଇ ଯାଉଥାଏ । ପରିଚାରିକାମାନେ ଆଲଟ ଚାମର ଆଗେଆଗେ ପକାଇ ଚାଲୁଥାନ୍ତି । ମୋତେ ନେଇ ରାଜଦ୍ୱାର ସମ୍ମୁଖରେ ପହଞ୍ଚାଇବା ମାତ୍ରେ ମହର୍ଷି ବିଶ୍ୱାମିତ୍ର ଡାକପକାଇ କହିଥିଲେ, "ସୀତା ତାର ବାମପାଦକୁ ପ୍ରଥମେ ଏରୁଣ୍ଡିବନ୍ଧ ଉପରେ ଥାପି ଆସୁ । ସେହି ବାମପାଦ ତା' ପିତାର ଘର ସମ୍ପର୍କ ଛିନ୍ନ କରିବ, ଆଉ ଦକ୍ଷିଣ ପାଦ ତା' ଶଶୁର ଘର ସହିତ ସମ୍ପର୍କ ଯୋଡ଼ିବ ।" କୋଳାହଳ ଭିତରେ ମୋତେ ଆଣି ସିମନ୍ତିନୀ ମାନେ ରଘୁବୀରଙ୍କ ବାମପାର୍ଶ୍ୱରେ ଉପବେଶନ କରାଇ ଦେଇଥିଲେ । ମୋ ଦେହରେ ଖେଳି ଯାଇଥିଲା ବିଜୁଳିର ଶିହରଣ । ଗମଗମ ହୋଇ ମୋ ଦେହରୁ ଝାଳ ବୋହିଗଲା । ବିଶ୍ୱାମିତ୍ର କହିଥିଲେ ରାମ, ତୁମ ବାମ ହସ୍ତକୁ ସୀତାଙ୍କ ସ୍କନ୍ଧ ଉପରେ ରଖ । ତାଙ୍କ ତୁଣ୍ଡରୁ ବଚନ ସରିଛିକି ନାହିଁ, ସେ ତାଙ୍କର ବାମହସ୍ତକୁ ମୋ ସ୍କନ୍ଧରେ ରଖନ୍ତେ, ମୁଁ ଅନୁଭବ କଲି ସତେଯେମିତି ମୋ ଅଂଗରେ କିଏ କର୍ପୂର ଚନ୍ଦନର ପ୍ରଲେପ ଦେଇଦେଲା । ଗମଗମ ହୋଇ ମୋ ଦେହରୁ ବହି ଯାଉଥିବା ଝାଳ ଶୁଖିଗଲା । ନାସାପୁଡ଼ାରୁ ନିର୍ଗତ ହେଉଥିବା ତତଲା ପବନ ସହସା ଶୀତଳତାର ରୂପ ନେଇନେଲା । ଚକିତ ହୋଇଗଲି ମୁଁ । ଓଢ଼ଣୀ ଭିତରୁ ଅନାଇ ତାଙ୍କୁ ଦେଖେ ତ ତାଙ୍କ ମୁଖରୁ ଝରିପଡୁଛି ଅମୃତରୂପୀ ହସର କ୍ଷୀଣଧାରା । ମୋତେ ତାଙ୍କ ପାଖରେ ପାଇ ସେ କି ପ୍ରକାର ଅନୁଭବ କରୁଥିବେ ତାହା ମୁଁ କହିପାରିବି ନାହିଁ ସୁଧାମୟୀ, ମୁଁ କିନ୍ତୁ ଅନୁଭବ କଲି ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଅମୀୟଧାରା ଯେମିତି ମୋ ଉପରେ ଝରିପଡୁଛି । କି ଶାନ୍ତି, କି ତୃପ୍ତି, କି ଆନନ୍ଦ ସେ ଅନିର୍ବଚନୀୟ ସୁଖକୁ ମୁଁ ଭାଷାରେ ବର୍ଣ୍ଣିପାରିବି ନାହିଁ ପ୍ରୀତିଦା । ତପସ୍ୱିନୀ ସୀତାଙ୍କ ତୁଣ୍ଡରୁ ଝରିପଡୁଥିବା ସେହି ମଧୁବୋଳା ବାଣୀକୁ ଆକଣ୍ଠ ପାନକରି ଯାଉଥାନ୍ତି ସୁଧାମୟୀ, ପ୍ରୀତିଦା, ଐଶ୍ୱର୍ଯ୍ୟା ଆଦି ମୁନିକୁମାରୀମାନେ । ଚକ୍ଷୁରୁ ଅଶ୍ରୁର ଧାରା ଛୁଟାଇ ନିଜ ଜୀବନର ଅଲିଭା କାହାଣୀକୁ କହି ଚାଲିଥାନ୍ତି ତପସ୍ୱିନୀ ସୀତା ।

(କ୍ରମଶଃ)

❤ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ)୬୩୭୦୫୦୯୧୦୪

---

# ଗୋଦାବରୀଶ ମହାପାତ୍ର

**ବିଶ୍ୱବିଜୟୀ ଦାଶ**

ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ କେତେଜଣ ଯଶସ୍ୱୀ କବି, ଲେଖକମାନେ ଏଇ ଉତ୍କଳ ଭୂମିରେ ଜନ୍ମ ଲାଭ କରି ଏ ମାଟିକୁ ଧନ୍ୟ କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଗୋଦାବରୀଶ ମହାପାତ୍ର ଜଣେ ସାରସ୍ୱତ ବ୍ୟକ୍ତିତ୍ୱ। ସାରସ୍ୱତ ସାଧନା କ୍ଷେତ୍ରରେ ସୁଯୋଗ୍ୟ ବିନ୍ଧାଣି। ନିତିଦିନିଆ ଜୀବନରେ ଯେଉଁ ସାମାଜିକ ଏବଂ ଜାତୀୟ ସମସ୍ୟାର ସମ୍ମୁଖୀନ ହୋଇ ନିଜର ଚିନ୍ତନ ଓ ଅନୁଭୂତି ରୁ ସୃଷ୍ଟି କରିଯାଇଥିବା କାଳଜୟୀ ଲେଖାସମୂହ ଆଜି ଓଡ଼ିଆ ବାଣୀଭଣ୍ଡାରକୁ ଋଦ୍ଧିମନ୍ତ କରିଛି, ସେହି ଅନନ୍ୟ ପ୍ରତିଭା ହେଉଛନ୍ତି ଗୋଦାବରୀଶ ମହାପାତ୍ର। ଏକାଧାରାରେ ସେ ଥିଲେ ଶିଶୁ ସାହିତ୍ୟିକ, କବି, ପ୍ରାବନ୍ଧିକ, ଔପନ୍ୟାସିକ, ସମାଲୋଚକ,ସମାଜସେବକ ତଥା ବ୍ୟଙ୍ଗ ରଚନାକାର।ପ୍ରତ୍ୟେକ କ୍ଷେତ୍ରରେ ତାଙ୍କର କୃତି ଥିଲା ସ୍ୱତନ୍ତ୍ର ଏବଂ ଅନବଦ୍ୟ ସର୍ଜନା ସର୍ବବାଦୀ ସମ୍ମତ।

ଏହି ପ୍ରତିଭାଦୀପ୍ତ ସାହିତ୍ୟିକଙ୍କର ଜନ୍ମ ହୋଇଥିଲା ୧୮୯୮ ମସିହା ଅକ୍ଟୋବର ୧ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ କୁମାରଙ୍ଗ ଗ୍ରାମରେ।ତାଙ୍କର ବାଲ୍ୟଜୀବନର ଶିକ୍ଷା ଆରମ୍ଭ ହୋଇଥିଲା ଅବଧାନଙ୍କ ଠାରୁ।ପରେ ତାଙ୍କ ଗ୍ରାମକୁ ଆସିଥିଲେ ଜଣେ ଶିକ୍ଷକ ଏବଂ ଏହି ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋଦାବରୀଶଙ୍କ ଜୀବନରେ ବହୁ ପରିବର୍ତ୍ତନ ଘଟିଥିଲା, ଯାହା ଏ ସମାଜରେ ଜଣେ ସଫଳ ମଣିଷ ଭାବରେ ଛିଡ଼ାହେବାର ସମସ୍ତ ଖୋରାକ ହାସଲ କରିବାରେ ସହାୟକ ହୋଇଥିଲା। ଚାଟଶାଳୀ ପାଠ ପରେ ତାଙ୍କ ଗ୍ରାମରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଖୋଲିବାରୁ ଗୋଦାବରୀଶ ସେହି ବିଦ୍ୟାଳୟ ରେ ପାଠ ପଢ଼ିବା ଆରମ୍ଭ କଲେ। ବାଲ୍ୟ ଜୀବନରେ ହିଁ ଫୁଟି ଉଠିଥିଲା ତାଙ୍କ ପ୍ରତିଭାର ସ୍ୱର ଏବଂ ସେ ଅନେକ କବିତା ଏହି ସମୟରେ ହିଁ ଲେଖିଥିଲେ।

୧୯୧୩ ମସିହା ପରେ ବାଣପୁର ପ୍ରାଥମିକ ବିଦ୍ୟାଳୟ ମାଇନର ସ୍କୁଲ ରେ ପରିଣତ ହେବା ପରେ ସେଠାରେ ଗୋଦାବରୀଶ ଅଧ୍ୟୟନ କଲେ। ଏହି ବିଦ୍ୟାଳୟରେ ଗଠିତ ପାଠାଗାର ବାଳକ ଗୋଦାବରୀଶଙ୍କ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହେଲା,ଯଦ୍ୱାରା ସେ ଅନେକ କବିତା ଲେଖିବା ପାଇଁ ମନ ବଳାଇଲେ। ଷଷ୍ଠଶ୍ରେଣୀର ଛାତ୍ର ଭାବରେ ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ତାଙ୍କ ଜୀବନର ପ୍ରଥମ କାବ୍ୟ 'ବାଣପୁର' ଲେଖି।ଏହି କବିତା ଏତେ ଭାବଗର୍ଭକ ଏବଂ ଚିତ୍ତ ଆର୍କଷକ ଥିଲା ଯେ ତତ୍କାଳୀନ 'ମୁକୁର' ପତ୍ରିକା ର ସଂପାଦକ ବ୍ରଜସୁନ୍ଦର ଦାସ ଏହି କବିତା ଟିକୁ ''ମୁକୁର'ରେ ସ୍ଥାନିତ କରିବା ସହ 'ମୁକୁର ପ୍ରେସ'ରେ ପୁସ୍ତକ ଆକାରରେ ଛପାଇଥିଲେ।

କଥାରେ ଅଛି, ପ୍ରତି କାବ୍ୟର ସୃଷ୍ଟି ମୂଳରେ ଏକ ଅଚିନ୍ତ୍ୟ ଶକ୍ତି ନିହିତ ଥାଏ ଏବଂ ଏହି ଶକ୍ତିର ଅଧିକାରୀ ହେଉଛି କବି।କବିର ଅନ୍ୟନାମ ସ୍ରଷ୍ଟା। ଏହି ସ୍ରଷ୍ଟା ଗୋଦାବରୀଶ ମହାପାତ୍ର ଏଇ ଅଚିନ୍ତ୍ୟ ଶକ୍ତିର ପ୍ରଭାବରେ ପାଲଟିଥିଲେ ଏମିତି ଜଣେ କବି, ଯାହାଙ୍କ ସୃଷ୍ଟ ମାନସ ସନ୍ତାନ ମାନଙ୍କୁ ନେଇ ଓଡ଼ିଶା ସାହିତ୍ୟ ଭଣ୍ଡାର ଋଦ୍ଧିମନ୍ତ ଆଉ ଆମର ଓଡ଼ିଆ ସାହିତ୍ୟିକମାନେ ତାଙ୍କୁ ନେଇ ଗର୍ବ କରୁ ତାଙ୍କର ଅବର୍ତ୍ତମାନରେ ମଧ୍ୟ। ତାଙ୍କ ଜନ୍ମସ୍ଥାନରେ ସ୍ଥାପିତ ପାଠାଗାର 'କୁମାର ପାଠାଗାର' ଏବେ ବି ଠିଆ ହୋଇଛି ଗର୍ବରେ ଛାତି ଫୁଲେଇ ଓଡ଼ିଶାର ଉନ୍ନତ ପାଠାଗାର ଭାବରେ। ଏହି ପାଠାଗାର ହିଁ ଥିଲା ଗୋଦାବରୀଶଙ୍କ ଚିନ୍ତା ଓ ଚେତନାର ଅଭିବୃଦ୍ଧିର ସହାୟକ।

ଗୋଦାବରୀଶ ୧୯୧୫ ମସିହାରେ ମାଇନର ପାସ୍ ପରେ ସତ୍ୟବାଦୀ ବନ ବିଦ୍ୟାଳୟରେ ନାମ ଲେଖାଇଲେ। ଏହି ବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର,ପଣ୍ଡିତ ବାସୁଦେବ ମହାପାତ୍ର ଏବଂ ଆଚାର୍ଯ୍ୟ ହରିହରଙ୍କ ଭଳି ନାମକରା ଆଦର୍ଶ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ କବି ଗୋଦାବରୀଶ ମହାପାତ୍ରଙ୍କ ପ୍ରତିଭା ପ୍ରସ୍ଫୁଟିତ ହୋଇଥିଲା।

ଗୋଦାବରୀଶଙ୍କ ଦ୍ୱାରା ରଚିତ 'କଣ୍ଟା ଓ ଫୁଲ' ଏବଂ 'ଉଠ କଙ୍କାଳ' କବିତା ପୁସ୍ତକ ପାଇଁ ସେ ଦୁଇଥର ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଶିଶୁ ସାହିତ୍ୟ 'ମୋ ଖେଳ ସାଥି' ଓ 'ବଙ୍କା ଓ ସିଧା' ସଂକଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ଓଡ଼ିଆ ଭାଷାର ଉନ୍ନତି ପାଇଁ ଲଢୁଥିବା ପାରଳାଖେମୁଣ୍ଡି ର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଙ୍କ ସହ ଗୋଦାବରୀଶ ସାକ୍ଷାତ କଲେ ଏବଂ ତାଙ୍କ ପ୍ରେରଣାରେ ବ୍ରହ୍ମପୁର ରୁ ତାଙ୍କ ପ୍ରକାଶିତ 'ହିତୈଷିଣୀ' ପତ୍ରିକାରେ କାମ କଲେ।ଏମିତି ପ୍ରାୟ କେତେକ ପତ୍ରିକା ରେ ସେ କାମ କରିଥିଲେ।ତେଣୁ ବହୁଦିନ ର ଅଭିଜ୍ଞତାକୁ ନେଇ ସାମ୍ବାଦିକ ଭାବରେ କାମ କରିବାକୁ ମନ ବଳାଇଲେ। ଦୀର୍ଘ ୨୭ ବର୍ଷ ଧରି ତାଙ୍କ ଦ୍ୱାରା ସମ୍ପାଦିତ 'ନିଆଁଖୁଣ୍ଟା' ପତ୍ରିକା ଥିଲା ସମାଜର ଜାଗ୍ରତ ପ୍ରହରୀ ତଥା ଦୁର୍ନୀତି ଓ ଅବିଚାର ବିରୋଧରେ ସ୍ୱର।ଏଥିରେ ବ୍ୟଙ୍ଗ ଛବି, ସମାଲୋଚନା ଏବଂ ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ସ୍ଥାନିତ ହେଉଥିଲା। ଆଜି ପର୍ଯ୍ୟନ୍ତ 'ନିଆଁଖୁଣ୍ଟା'ର ସ୍ଥାନ ଅନ୍ୟ କୌଣସି ପ୍ରତ୍ରିକା ନେଇପାରିନାହାନ୍ତି''।୧୯୩୮ ମସିହା ମାର୍ଚ୍ଚ ୧୨ ତାରିଖରେ ତାଙ୍କ ଦ୍ୱାରା ପ୍ରକାଶିତ 'ନିଆଖୁଣ୍ଟା' ପତ୍ରିକା ତାଙ୍କୁ ଏକ ବିଶାଳ ଜାତିୟବାଦୀ ଅନୁଷ୍ଠାନରେ ପରିଣତ କରିଦେଲା।

ସେ ଓଡ଼ିଆ ସାହିତ୍ୟ ଆକାଶରେ ନିଜକୁ ଏକ ଉଜ୍ଜ୍ୱଳତମ ନକ୍ଷତ୍ର ଭାବେ ପ୍ରତିଷ୍ଠା କରିପାରିଥିଲେ।ଏହି ସାରସ୍ୱତ ସାଧକ ୨୫ ନଭେମ୍ବର ୧୯୬୫ ମସିହାରେ ଦୁନିଆ ଛାଡ଼ି ଚାଲିଯାଇଥିଲେ। ଆଜି ତାଙ୍କର ଜୟନ୍ତୀ ଅବସରରେ ତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଓ ଶତ ଶତ ପ୍ରଣାମ।

❤ ବାଣପୁର,ଖୋର୍ଦ୍ଧା- ୭୫୨୦୩୫
(ମୋ) ୬୩୭୦୨୦୮୪୨୮

---

## ॥ ମଣିପୁର ॥

**ଧନଞ୍ଜୟ ସ୍ୱାଇଁ**



ମଣିପୁର ଏବେ ଦିଶୁଅଛି ମଣିହରା ଫଣି ଭଳି
ପାଉଁଶ ତଳର ନିଆଁଝୁଲ ପରି କୁହୁଳୁଛି ଏବେ ଖାଲି
ସାତଭଉଣୀର ରାଜ୍ୟ ଯେ ଥିଲା ଏବେ ସିଏ ହତଶିରୀ
ନିଘନ ରାତିରେ ପଥ ଅଣ୍ଡାଳୁଛି ପିଣ୍ଡହୀନ ପ୍ରାଣ ଧରି।

କୁକି ହୁଅ ଅବା ମୈତେଇ ହୁଅ, ହୁଅନି ବିବେକହୀନ
ଜାତି ଅବା ଗୋଷ୍ଠୀ ବଡ଼ ନୁହେଁ କେବେ, ବଡ଼ ଏ ଜୀବନ ଜାଣ
ଆଉ କେତେ ହୋଲି ଖେଳିବ ରକତେ ଭିଆଇ ଦଙ୍ଗାଗୋଳ
ଉନ୍ନାଓ, କାଠୁଆ, ହାଥ୍ରାସ୍ ଠାରୁ ଲମ୍ବିଛି ଯେ ଯୋଧପୁର।

ବନ୍ଦ କର ତୁମ ଦଙ୍ଗା ଓ ନଙ୍ଗା ମହିଳାଙ୍କ ବଳାତ୍କାର
ଉଠିଲାଣି ଯୌନହିଂସା ବିରୁଦ୍ଧରେ ପ୍ରତିବାଦର ସ୍ୱର
ନରମାଂସ ଭକ୍ଷୀ ଜହ୍ଲାଦ ବୁଝେନା କିଏ ମା' କିଏ ଭଉଣୀର ଅଟେ ତୁଲ
ମମତା ନିଗାଡ଼ି ଯେଉଁ ମା' ଦିନେ ହାତଧରି କରିଥିଲା ବଡ଼।

ନେତୃତ୍ୱ କାଇଁ, କର୍ତ୍ତୃତ୍ୱ କାଇଁ ନିଦ୍ରା ଯାଇଛ କିଆଁ ?
ଅପନିନ୍ଦାର ପବନ ବହୁଛି କେହି ତ କହୁନ ଆହା !
ରାଜନୀତି ପଶାପାଲିରେ କରନି ଜନତାକୁ ତାର ଗୋଟି
ପରିଚୟଗତ ଅସ୍ମିତା ଧରି ଥାଉ ମଣିପୁର ମାଟି ।

ମଣିପୁର ନୁହେଁ ଭୋଗର ବସ୍ତୁଟେ ଅବା ସେ ବାଜିର ପଣ
ମାନବିକତାର ଚିବୁକେ ଅବା ସେ ଛିଟାଏ କାଳିଚିହ୍ନ।

❤ ଭୁବନେଶ୍ୱର
ମୋ: ୯୪୩୭୦୦୦୬୩୬

---

## ॥ ଶତ୍ରୁ ॥

**ସୁମିତା ବେହେରା**



( ୧ )
ଅହରହ ତୂର୍ଯ୍ୟନାଦରେ ନୁହେଁ
ବରଂ ମିଠା ହସରେ ସାଉଁଟି ନିଏ
ଆହତ ଆଖିକୁ ।

ଭଙ୍ଗା ଆସବାବ ପରି
ଭାଙ୍ଗି ପଡିଥିବା ମନକୁ କିଛି ସମୟ ଭୁଲାଏ
ନାନାବାୟା ଗୀତରେ ।

ଭୁଲି ଯିବାକୁ ହୁଏ ଅମଡାବାଟ, ବାଟ
ବାଙ୍କ, ଛେଉଣ୍ଡ ସଂସାର,
ଭୁଲି ଯିବାକୁ ହୁଏ ଦୁର୍ବିପାକ
ଦେଖା ଯାଏନି ବଢି, ମରୁଡି
ଗୋଟାକ ଯାକ ସଂସାରର ନିୟମ ବି
ହୁଏନା ପଢି, ଆମେ ଥିବା ଘରେ
ଯେତେବେଳେ ସେ ଦିଏ,
ଆପଣାପଣର ଜହର
ଆମ ହାତରେ, ଦିନ ଦିପହରେ ।

( ୨ )
ପାଦ ପକାଇ ବଢିଲା ବେଳକୁ
ନାକରେ ଖର ନିଶ୍ୱାସ
ଆଗରେ ମୋଡ
ଆଞ୍ଜୁଳାଏ ମହକ ବିଂଚିଦେଇ
ବିଦାୟୀ ସଙ୍ଗୀତ ଲେଖାଗଲା କପାଳରେ ।
ସଚରାଚରକୁ ସମୁଦ୍ରରେ ଫିଙ୍ଗିଦେଇ
ମୁଁ କୂଳରେ ଠିଆ
ଏକା ଏକା ମାୟାରେ, ଛାୟାରେ
ଦରଜରେ, ଗରଜରେ
କେଉଁଥିରେ ବୋଲି
ଏକ ବିରାଟ ପ୍ରଶ୍ନ ଚିହ୍ନରେ ।

ଉତ୍ତର ଆସିଲା
ଆଉ କେହି ନୁହେଁ
ମୁଁ ହିଁ ଏକା ନିଜର ଶତ୍ରୁ ଥିଲି
ନିଜେ ତିଆରି ଥିବା ଚକ୍ରବ୍ୟୁହରେ ।

❤ ବାରିପଦା
(ମୋ) ୬୩୭୨୮୫୬୯୯୪

---

## କବିତା...

## ॥ ହୃଦୟ ମନ୍ଦିର ॥

**ନକୁଳ ଚନ୍ଦ୍ର ସାହୁ**



ହେ ସୁଖ
ତୁମେ ଜହ୍ନର କନକ ପାଦ
ଆଉ ଏଇ ହୃଦୟର ଚଟାଣକୁ
କର ନାହିଁ ସମୃଦ୍ଧ

ଜ୍ୟୋତିର୍ମୟୀ ସୌନ୍ଦର୍ଯ୍ୟର ରାଜକୁମାରୀ
ଦେବୀପୂଜି ଲେଉଟାଇ ନେଲାଣି
ତା' ସବାରୀ
ସତ୍ୟର ସେତୁ ଟପି ଅସୀମର ସେପାରି !

ମୋ ଭାବନାର ଲଣ୍ଠନ ଏଠି
ଚୁପିଚୁପି ଜଳୁଚି
ଚାଦର ଘୋଡେଇ ହୋଇ ଯିଏ ଏଠି ବସିଚି
ସିଏ ରହସ୍ୟମୟ ଦୁଃଖ;
ମୋ ମନର କପୋତ !

ସତ୍ତାର ସୁବର୍ଣ୍ଣ ବର୍ଣ୍ଣରେ ବୋଳି ହେଉଚି ଖାଦ
ଶୂନ୍ୟକାଳେ ନେବ ପୂନର୍ଜନ୍ମ
ଭୂ ମାତା ଆଉ ଦୁଃଖକୁ କରିବନାହିଁ କୋଳ
ଅହଂ ଓ ଅଜ୍ଞାନ ଦେବେନାହିଁ ଉତ୍ତର

ବିଶ୍ୱ ନିୟମର ଗଠନକୁ ବଦଳାଇ ଜନ୍ମନେବ
ଏକ ନୂତନ ସକାଳ
ସେଦିନ ମୋ ପାଖରେ ଥିବ ଏକ ହୃଦୟ ମନ୍ଦିର
ପ୍ରଭୁ, ତାହା ତ ତୁମରି ଘର !

❤ ଶବ୍ଦଘର, ଗୋଡିସାହି, କଟକ
(ମୋ) ୯୪୩୭୭୪୦୨୬୪

## ॥ ବର୍ଷା: ଏକ ଅନଭିବ୍ୟକ୍ତ ଆକର୍ଷଣ ॥

**ମହାଦେବ ପ୍ରଧାନ**



ଓଦାଲୁଗା ପରି ଭାରି ଭାରି ଆକାଶ
ନିଗିଡୁଛି ଟପ୍ ଟପ୍ ବର୍ଷା !!

ପାହାଡ଼ରେ, ପକ୍ଷୀଡେଣାରେ
ଅବ୍ୟକ୍ତ ଗୋଟେ ଉଲ୍ଲାସର ଓଦାପଣ
ଘାସପତ୍ରରେ କେ ଫୁଙ୍କିଦେଲା ପରି
ଅଭ୍ରଗୁଣ୍ଡର ଛିଟା !!

ବର୍ଷା ! ଓଦା କରିଦିଏ କେତେ କଥା !!
ଆଖି ସାମ୍ନାର ଚାଳଘର, ଲାଉଲଟା
ଦିପ୍ରହର ନିଶୁନ ଗଳିମୁଣ୍ଡ
ମଜଦୁର୍ ପୁଅ ପିଠି
ଓ ଲାବଣ୍ୟବତୀର ସରୁଅଣ୍ଟା..

ବର୍ଷାରେ ଧୋଇ ହେଇଯାଏ ବି
କେତେ କଥା !
ଯେମିତି ଅଭିଆଡ଼ି ଓଠରୁ ନାଲିରଙ୍ଗ
ସାର୍ଟ ପି' ଯାଇଥିବା ଝାଳ ଦାଗ
ତଳିପାରୁ କ୍ଷରିତ ରକ୍ତ
ଓ ଖରାଖିଆ ଚେନାଏ ମୁଣ୍ଡ ବ୍ୟଥା..

ବର୍ଷା !
ଗୋଟେ ଅନଭିବ୍ୟକ୍ତ ଆକର୍ଷଣର ନିଶା !

କିନ୍ତୁ ଏ ବର୍ଷା କ'ଣ କେବେ ଧୋଇ ପାରେ
କାହା ଆଖିତଳର କଳାଦାଗ
ଅନିଦ୍ରା ଜର୍ଜର ଶିରାସ୍ନାୟୁ
ରକ୍ତରେ ଖଚିତ ଉତ୍ତାପ
ଅବା ଅଲିଖିତ କବିତାର ଅନ୍ତର୍ବ୍ୟଥା !!

❤ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ,କଟକ
୮୨୪୯୫୧୬୭୬୫

## ॥ ଅଭିନୟ ॥

**ଦେବଦତ୍ତ ମିଶ୍ର**



ଫେରିଆସିବାକୁ କୁହନା ଆଉ ମୋତେ,
ବାଟ ଭାଙ୍ଗି ଚାଲିଯିବା ହିଁ ଅବଧାରିତ
ଏବେ ।
ଫେରିଆସିଲେ
କ'ଣ ଅଧିକ ବା କରିପାରନ୍ତ !
ଅଯାଚିତ ଭାବେ ଦେଇପାରିବ
ସେଇ ପୁରୁଣା ସ୍ୱପ୍ନ ସବୁ ମୋ ଆଖିକୁ
ନା ପେନ୍ଥା ପେନ୍ଥା ଅନୁରାଗରେ
ଫୁଲ ଫୁଟେଇପାରିବ ମନ ଉପବନରେ !

ଯଦି ନା, ତେବେ ଆଉ
ବରଂ ମୁଁ ଖୁବ୍ ଭଲ ଅଛି
ଜୀବନ ନଈରେ
ଦୁଃଖର ଡଙ୍ଗାକୁ ବାହୁଛି ଥିରି କରି ।
ଗଢୁଛି ଧ୍ୱସ୍ତବିଧ୍ୱସ୍ତ ସ୍ମୃତିର
କୀର୍ତ୍ତିରାଜିକୁ ନୂଆ କରି ।

କେବେ ଥରେ ତୁମ ପ୍ରତି ଜନ୍ମିଥିବା
ମୋହ ଟିକକରୁ
ବାକି ଅଛି କେଇ ଧାପେ ।
ବାକି ଅଛି ମଉଳିଯାଇଥିବା
ସ୍ନେହ, ପ୍ରେମ, ଭଲପାଇବାର
ଅବଶେଷ କିଛି ।
ସେତିକିରେ ହିଁ ଚାଲିଛି
ଜୀଇଁବାର ଗତିଶୀଳ ପ୍ରବାହଟେ
ସମୟ ସ୍ରୋତରେ ।

ଏବେ ମୋତେ ଲୋଡ଼ା ନାହିଁ
ତୁମ ଆଶ୍ୱାସନା ଓ ଅନୁରକ୍ତିର
କେଇପଦ ମିଠାବୋଲା କଥା
ତୁମ ଅନ୍ତରଙ୍ଗତାର ଛଳ ଅଭିନୟ ।
ଆଉ ଥରେ ଡାକ ନାହିଁ
ପ୍ରେମପୂର୍ଣ୍ଣ ପିଚ୍ଛିଳ ପଥରେ ।
ବରଂ ମୋତେ ବଞ୍ଚିବାକୁ ଦିଅ
ମୃତ୍ୟୁ ପରି ଏକ ସିକ୍ତ ନିରବତାରେ ।

❤ ବବକରପୁର, କେନ୍ଦ୍ରାପଡ଼ା
ମୋ -୯୦୪୦୭୦୦୩୦୩



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୦୧ ଅକ୍ଟୋବର ୨୦୨୩



■ ଦୃଷ୍ଟିକୋଣ- ୧୩ ■

# ସାହିତ୍ୟ ଅଧ୍ୟୟନରେ ମଣିଷର ଚେତନା ଶାଣିତ ହୋଇଥାଏ

## କାଳୀପଦ ପଣ୍ଡା



ଯେକୌଣସି ଭାଷାର ସାହିତ୍ୟକୁ ଅଧ୍ୟୟନ କରିବା ସମସ୍ତ ସଚେତନ ନାଗରିକଙ୍କ ଧ୍ୟେୟ ହେବା ଉଚିତ। କାରଣ ସାହିତ୍ୟରୁ ଆଶ୍ୱାସନା ମିଳେ ଏବଂ ନିଃସଙ୍ଗତା ଦୂର ହୁଏ। ଚେତନା ଶାଣିତ ହୁଏ। ଭାବଜଗତରେ ବି ବିପ୍ଳବ ଆସେ। ଜୀବନ ଜୀଇଁବାର ବାସ୍ତବକଳା ସାହିତ୍ୟ ମଧ୍ୟରୁ ବ୍ୟକ୍ତି ପାଇଥାଏ। ଜୀବନଦର୍ଶନ, କାହାଣୀ ଓ କାବ୍ୟ କବିତାରେ ଫୁଟି ଉଠିଥାଏ। କର୍ମ, କର୍ତ୍ତବ୍ୟ, ଭଲ ଓ ମନ୍ଦର ବିଚାର ଭିତରେ ଏକ ମାର୍ଜିତ ସୁଶୃଙ୍ଖଳିତ ଜୀବନଚର୍ଯ୍ୟା ମନ ଓ ହୃଦୟକୁ ଗଭୀର ରେଖାପାତ କରୁଥାଏ। ଜୀବନ ଗଢ଼ିବାର ଆଶ୍ୱାସନା ଦେବାକୁ ସାହିତ୍ୟ ସମର୍ଥ ହୁଏ। ଅତୀତ ଓ ଭବିଷ୍ୟତର ସଂଯୋଗୀକରଣ କରାଏ ସାହିତ୍ୟ।

ସଂସାର ଯେ ଏକ ଛାୟା ସଦୃଶ, ଜୀବନ ପୁଣି ପାଣିଫୋଟକାସମ ଏଭଳି କଠୋର ବାସ୍ତବତାକୁ ସାହିତ୍ୟ ଅଧ୍ୟୟନ ଭିତରୁ ବିଶେଷ ଭାବେ ଉପଲବ୍ଧ କରିପାରନ୍ତି ପାଠକ। କାମନାର ବୃକ୍ଷକୁ ଜାବୁଡ଼ିଧରି ମଣିଷ ଯେ, ସୁଖ ଦୁଃଖରୂପି ଫଳ ଲାଭ କରୁଥାଏ, ଠିକ୍ ଯେଭଳି ମରୁଭୂମିର ଓଟ କଣ୍ଟାଗଛକୁ ଚୋବାଇ ରକ୍ତକ୍ଷରଣ ପରେ ବି ତାହାକୁ ପିଇଦେଇ ଆନନ୍ଦଲାଭ କରେ।

ସାହିତ୍ୟରେ ନିହିତ ଥାଏ ଦର୍ଶନ, ଇତିହାସ, ଗଣିତ। ସେ ଆଗକୁ ନିଏ ପୁଣି ପଛକୁ ବି ନିଏ। ଏହା ପ୍ରତିଷେଧକ ଟିକା ସଦୃଶ କାର୍ଯ୍ୟକରେ। ଶିଷ୍ଟାଚାର, ଲୋକାଚାର, କୁଳାଚାର ସହ ପରିବର୍ତ୍ତନର ଧାରା ସାହିତ୍ୟ ମଧ୍ୟରୁ ପାଇଥାଉ।

କବିତା, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସବୁ ବିଭାଗରେ ବୌଦ୍ଧିକ ଅନୁଭୂତି ସହ ପ୍ରତ୍ୟକ୍ଷ୍ୟାନୁଭୂତି ଏବଂ କଳ୍ପିତ ଅନୁଭୂତିର ପ୍ରତିଫଳନ ହୁଏ। ସମାଜ ଜୀବନରେ ଯେଉଁ କ୍ରମବିକାଶ ଘଟି ପୁରାତନର ପରିବର୍ତ୍ତନ ମଧ୍ୟରେ ନୂତନର ପ୍ରତିଷ୍ଠା ଘଟିଚାଲେ, ତାହା ସାହିତ୍ୟର ଅନ୍ତରାତ୍ମାରେ ପ୍ରତିଫଳିତ ହୋଇ ଆସିଥାଏ।

ପ୍ରାଚୀନ ଓଡ଼ିଆ ସାହିତ୍ୟଠାରୁ ଚର୍ଯ୍ୟାଗୀତିକା, ଲୋକସାହିତ୍ୟ, ସାରଳା ଓ ପଞ୍ଚସଖା, ରୀତିଯୁଗ, କାବ୍ୟଯୁଗ ତତ୍ପରେ ଊନବିଂଶ ଶତାବ୍ଦୀର ନବ ଦିଗ୍‌ବଳୟରେ ସମାଜ ସହିତ ସାହିତ୍ୟ ସମ୍ପର୍କ ଅଧିକ ପ୍ରତିଫଳିତ। ଫକୀରମୋହନ ଓ ରାଧାନାଥ ପ୍ରଭୃତିଙ୍କ ସାହିତ୍ୟରେ ବାସ୍ତବତାର ସଫଳ ଚିତ୍ରଣ ଦେଖିବାକୁ ମିଳେ। ଜାଗତିକ ଓ ମହାଜାଗତିକ ଚେତନା ପ୍ରତି ସଚେତନ କରାଇଦିଏ ସାହିତ୍ୟ। ଆନନ୍ଦ, ନିରାନନ୍ଦ, ସୁଖ, ଦୁଃଖ, ଆତ୍ମଶକ୍ତି ଓ ପରମାତ୍ମାଙ୍କ ଶକ୍ତି ପ୍ରତି ସଯତ୍ନ ହେବା, ସର୍ବୋପରି ପ୍ରକଟିତ ଓ ପ୍ରକଟିତ ଭାବଧାରାର ନିବିଡ଼ତାକୁ ଜ୍ଞାତ ହେବା ଦିଗରେ ସାହିତ୍ୟ ଦେଇଥାଏ ମାର୍ଗଦର୍ଶନ। ମାନବିକ ଅଭିପ୍ସାରୁ ବା ଆଶକ୍ତିରୁ ନିବୃତ୍ତ ହେବାରେ ମାର୍ଗଦର୍ଶନ କରିଥାଏ ସାହିତ୍ୟ। ପୁରାଣର ନଚିକେତାଠାରୁ ସାବିତ୍ରୀ, ଦ୍ରୌପଦୀ, ସୀତା ପ୍ରଭୃତି ଚରିତ୍ରର ଉପାଖ୍ୟାନ ଆମକୁ ନୈର୍ବ୍ୟକ୍ତିକ ଚେତନାକୁ ଉନ୍ନୀତ କରାଏ। ଜୀବନ ଜୀଇଁବାର ଚିରସ୍ଥାୟୀ ଦିଗଟି ଓ ବ୍ୟକ୍ତିସତ୍ତା ଯେତେ ହୃଦୟଙ୍ଗମ କରିନିଏ, ସେତେବେଳେ ସେ ଦିବ୍ୟତ୍ତର ସନ୍ଧାନୀ ହୋଇଉଠେ। ସେ ତା'ର ପ୍ରତିଟି କର୍ମ ଉପରେ ପରିଣାମ ପ୍ରତି ମଧ୍ୟ ସଜାଗ ହୋଇଯାଏ। ବସ୍ତୁପ୍ରେମଠୁ ଦୂରେଇ ସଚରାଚର ସୃଷ୍ଟିର ନିୟାମକଙ୍କ ପ୍ରତି ସେ ଅନ୍ତରରେ କେବଳ ସମର୍ପିତ ହୁଏନାହିଁ ବରଂ ତା'ର କର୍ମରେ ପ୍ରତିଫଳିତ କରାଏ।

ମୋହମୁକ୍ତିର ପଥନିର୍ଦ୍ଦେଶ ସାହିତ୍ୟ ସବୁକାଳେ କରିଥାଏ। ବ୍ୟକ୍ତିର ଭାବଜଗତ ସହ ତା'ର ମସ୍ତିଷ୍କରେ ମଧ୍ୟ ଏକ ତରଙ୍ଗ ଖେଳାଇ ଦେଇଥାଏ। ନୀତି, ଆଦର୍ଶ, ସତ୍, ଅସତ୍, ଠିକ୍ ଓ ଭୁଲ୍‌ର ସମୀକ୍ଷାୟନରେ ସଂଶୋଧିତ ହେବାର ଏକ ଅନ୍ତଃପ୍ରବାହ ଖେଳିଯାଏ ପାଠକର ମନ ହୃଦୟରେ। ରାଗ, ଅନୁରାଗ ପ୍ରୀତି-ପ୍ରତ୍ୟୟ, ଅହଂକାର ଭଳି ଗୁଣ ସମୂହର ପରିଣତି ପ୍ରତି ସଚେତନତା ଆଣିଦିଏ ସାହିତ୍ୟ। ସଂସାର ଯେ ଏକ ଛାୟା ସଦୃଶ, ଜୀବନ ପୁଣି ପାଣିଫୋଟକାସମ ଏଭଳି କଠୋର ବାସ୍ତବତାକୁ ସାହିତ୍ୟ ଅଧ୍ୟୟନ ଭିତରୁ ବିଶେଷ ଭାବେ ଉପଲବ୍ଧ କରିପାରନ୍ତି ପାଠକ। କାମନାର ବୃକ୍ଷକୁ ଜାବୁଡ଼ିଧରି ମଣିଷ ଯେ, ସୁଖ ଦୁଃଖରୂପି ଫଳ ଲାଭ କରୁଥାଏ, ଠିକ୍ ଯେଭଳି ମରୁଭୂମିର ଓଟ କଣ୍ଟାଗଛକୁ ଚୋବାଇ ରକ୍ତକ୍ଷରଣ ପରେ ବି ତାହାକୁ ପିଇଦେଇ ଆନନ୍ଦଲାଭ କରେ। ମଣିଷ ସେଥିପାଇଁ କାମନାବିବର୍ଜିତ ହୋଇଗଲେ ତା'ର କର୍ମରେ ନିଷ୍ଠାକୁ ପ୍ରତିଫଳିତ କରିବାରେ ଆଦୌ ପଶ୍ଚାତ୍‌ପଦ ହୁଏନାହିଁ। ସେ ଅଧିକ ସମ୍ବେଦନଶୀଳ ହୋଇଉଠେ। ଭୌତିକସତ୍ତାଠାରୁ ଦୂରେଇ ଆଦିଭୌତିକ ସତ୍ତା ପ୍ରତି ଜିଜ୍ଞାଷୁ ହୋଇଉଠେ। ବାସ୍ତବତାର ନିକଟବର୍ତ୍ତୀ ହୋଇ ଅବାସ୍ତବଠୁ ଦୂରେଇଯାଏ।

ଏହି ସଂସାରର ଭୂମିସ୍ପର୍ଶ କରିବାଠାରୁ ତାକୁ ଯେ ଏକ ଭାବବନ୍ଧନ ଭିତରେ ଜିଇଁବାକୁ ପଡ଼େ ପୁଣି ସେଇ ବନ୍ଧନରେ ଥାଏ କେତେ କର୍ତ୍ତବ୍ୟରୂପି ଯନ୍ତ୍ରଣା ତାହାକୁ ସେ ଜ୍ଞାତ ହୋଇଯାଏ। ତେବେ ତା'ର ଜ୍ଞାନଜଗତକୁ ପରିବର୍ଦ୍ଧନ ହୁଏ ସାହିତ୍ୟର ଅଧ୍ୟୟନ ମଧ୍ୟରୁ। ସେ ଯେବେ ସେହି ଧ୍ରୁବସତ୍ୟ ପ୍ରତି ସଚେତନ ହୋଇଉଠେ, ସେତେବେଳେ ସେ ତା'ର ପାରିବାରିକ ବନ୍ଧନ, ସାମାଜିକ ବନ୍ଧନର ମୋହଠାରୁ ଉର୍ଦ୍ଧ୍ୱକୁ ଉଠି ଶାଶ୍ୱତ ବନ୍ଧନରେ ପୂର୍ଣ୍ଣ ସମର୍ପିତି ହୋଇଥାଏ। ବନ୍ଧନ ହିଁ ଜୀବନ ଓ ବନ୍ଧନ ହିଁ ଶାନ୍ତି ଏବଂ ସୁସୁକ୍ତି, ବନ୍ଧନ ଯେ ଦାୟିତ୍ୱ ଓ କର୍ତ୍ତବ୍ୟର ସମାହାର ତାହା ହୃଦୟଙ୍ଗମ କରି ସଂସାର ପଥରେ ଚାଲୁଥିଲେ ବି ତା' ଶରୀରରୂପକ ରଥରେ ଥିବା ଆତ୍ମାରାମ ଯେ, ବାନ୍ଧିହେବାକୁ ଚାହେଁ ପରମାତ୍ମା ବନ୍ଧନରେ, ଯେଉଁଥିରେ ତା'ର ମୁକ୍ତିର ଦ୍ୱାର ଖୋଲିଥାଏ ତାହାକୁ ବୁଝିନିଏ, ସେତେବେଳେ ସେ ହୋଇଉଠେ କାମନାଶୂନ୍ୟ। ଆଶକ୍ତିର ଉର୍ଦ୍ଧ୍ୱକୁ ଉଠି ସଚରାଚରରେ ତା'ର ଦିବ୍ୟଗୁଣର ପ୍ରକଟ କରିବା ଭିତରେ ସର୍ବଜନହିତାୟ ସର୍ବଜନସୁଖାୟ ମନ୍ତ୍ରରେ ମାନବର ସେବା ମାଧବର ସେବା ଭଳି ମହାମନ୍ତ୍ରକୁ ଗ୍ରହଣ କରି ସଂସାର ହାଟରେ ଅନ୍ୟ ପାଇଁ ଷଡ଼ଯନ୍ତ୍ର ରଚନା ନକରି ବରଂ ଈଶ୍ୱରଙ୍କ ଦିବ୍ୟ ସନ୍ଦେଶକୁ ଗ୍ରହଣ କରି ନିଜ ଜୀବନରେ ପ୍ରତିଫଳିତ କରି ଚାଲିଥାଏ ଏହି ସୁଧାମୟ ସୃଷ୍ଟିରେ। ଯାହାକୁ ଅଦୃଷ୍ଟ ସ୍ରଷ୍ଟାପୁରୁଷ ଦେଖି ସେହି ସନ୍ତାଗଣଙ୍କ ପ୍ରତି ଆଶୀର୍ବାଦର ହସ୍ତ ସେହି ସନ୍ତାନର ଅଲକ୍ଷ୍ୟରେ ପ୍ରସାରିତ କରୁଥାଆନ୍ତି।

ଉତ୍କଳର ସ୍ୱଭାବକବି ଗଙ୍ଗାଧର ମେହେର ତାଙ୍କର ଏକ କବିତାରେ ଉଚ୍ଚାରିଛନ୍ତି -

"ବିପଦ ସମ୍ପଦ ଚିରସ୍ଥାୟୀ ନୁହେଁ
ଘୂର୍ଣ୍ଣମାନ ଭବଚକ୍ରେ
କ୍ଷଣକେ ବିପଦ କ୍ଷଣକେ ସମ୍ପଦ
ବିପଦ ପୁଣି ଦଣ୍ଡକେ।
ସୌଭାଗ୍ୟ ସମୟେ ସ୍ପର୍ଶ କଲେ ଲୋକେ
ଚୂନା ପାଲଟଇ ସୁନା
ଅଭାଗ୍ୟ ସମୟ ଉପଗତ ହେଲେ
ସୁନା ହୋଇଯାଏ ଚୂନା।"

ଅଳୀକ ଏହି ସଂସାରରେ ଜୀବ ଥରେ ହେଜିଗଲେ ସେ ହୁଏ ଈଶ୍ୱରଙ୍କ ଦିବ୍ୟ ସନ୍ତାନ। ଯାହା ସାହିତ୍ୟର ଅଧ୍ୟୟନ ମଧ୍ୟରୁ ତା'ର ଚେତନାଜଗତ ଶାଣିତ ହୋଇ ଚାଲିଥାଏ ସବୁକାଳରେ।

♥ ସୂନାରୁଇ, ବି.କଟିସାହି, ସିଂଲା, ବାଲିଆପାଳ,
ବାଲେଶ୍ୱର-୭୫୬୦୨୩
(ବୋ).:୯୪୩୭୦୮୯୨୪୧

ଗୋଟେ ଅନୁବାଦ ଗପ

# ଅନ୍ଦର କି ବାତ୍





ମୂଳ ହିନ୍ଦୀ : ପ୍ରଫୁଲ୍ଲ ଅତ୍ରେ

ଅନୁଲେଖ: ଇଂ. ପ୍ରଶାନ୍ତ ଦତ୍ତ

ଅଫିସ୍ ଛୁଟି ପରେ ଘରକୁ ଯାଇ ମୋର କେବଳ ଭାବିବା କଥା ମୁଁ କଣ ଖାଇବି । ଆଜି ଗରମ ପିଆଜ ଛଣା ସହ 'ପୋହା' ଖାଇବାକୁ ଇଚ୍ଛା ହେଲା, ଘରେ ଯାଇ ଦେଖିବି ମୋ ଟେବୁଲ ଉପରେ ମୋର ଇପ୍‌ସିତା ଖାଦ୍ୟ ଥୁଆ ହୋଇଚି । ଏମିତି ପ୍ରାୟ ହୁଏ । ପ୍ରାୟ ସବୁ ଦିନ । କେଉଁ ଦିନ ଖେଚିଡ଼ି, କେଉଁଦିନ ହାଲୁଆ, କେଉଁ ଦିନ ପିଆଜି, ଆଲୁଚପ୍ । ଘଟଣାଟା ଅବଶ୍ୟ ବହୁତ୍ ମଜାର ।

ଉପରଓଳି ପ୍ରାୟ ତିନିଟା ବେଳେ ବାସନ୍ତୀର ଫୋନ୍ ପାଇଲି । ବାସନ୍ତୀ କହିଲା, ଦେଖ; ମୁଁ 'ହାଫ୍ ଡ଼େ' ପାଉନି । ଅଫିସରେ ଆଜି ଅନେକ ଲୋକ ଛୁଟିରେ ଅଛନ୍ତି । ଏବେ କଣ କରିବ କୁହ ? କେମିତିକା କଅଣ ହବ ?

- ହବ, ହବ । ସବୁ ହବ । ମୁଁ ଛୁଟି ନେଇ ଘରକୁ ଯାଉଚି । ଯାଇ ଯୋଗାଡ଼ ଯନ୍ତ କରୁଛି । ତୁମ ଛୁଟି ପରେ ଯେତେ ଶୀଘ୍ର ପାରିବ ଚାଲି ଆସ ।

- ମିଛଟାରେ ତୁମକୁ କଷ୍ଟ କରିବାକୁ ପଡ଼ିଲା ।

- ଆରେ ବାବା ଏଥିରେ କଷ୍ଟ କରିବାର କଣ ଅଛି ? ବରଂ ଏଥିରେ ମୋ ହାତରନ୍ଧା ରୋଷେଇ ସମସ୍ତେ ଚାଖିବେ । ନୁହେଁ ?

- ଠିକ୍ ଅଛି । କହି ବାସନ୍ତୀ ଫୋନ୍ ଛାଡ଼ିଲା ।

ମୁଁ ଦି'ଘଣ୍ଟା ଆଗରୁ ବସ୍‌କୁ କହି ଛୁଟି ନେଇ ଆସିଲି । ଅଫିସରୁ ବାହାରି ଆସିଲି ଶାନ୍ତ ପଦକ୍ଷେପରେ । ମୋ ବଦଳରେ ଆଉ କେହି ହେଲେ ନାନା ଭାବନା-ଚିନ୍ତାରେ ମୁହଁ ଶୁଖି ଯାଆନ୍ତା ।

ଅସଲ କଥା ହେଲା ମୁଁ କେତେଜଣ ବନ୍ଧୁଙ୍କୁ ପତ୍ନୀଙ୍କ ସହ ଖାଇବାକୁ ନିମନ୍ତ୍ରଣ କରିଥିଲି । ମୋର ବାହାଘର ବାବଦକୁ ସେମାନଙ୍କର ପାର୍ଟିଟା ପାଉଣା ଥିଲା । ଅବଶ୍ୟ ଅଫିସ୍ ଷ୍ଟାଫ୍‌ମାନଙ୍କୁ ମୁଁ ମୋର ରିସେପ୍‌ସନ୍‌ରେ ଡ଼ାକିଥିଲି । ଏମାନେ କେଇଜଣ ଅଲଗା ଭାବେ ଆସିବାକୁ ଚାହିଁଥିଲେ । ସେଇଥି ପାଇଁ ଆଜି ଟାଇମ୍ ଠିକ୍ କରି ସେମାନଙ୍କୁ ଡ଼ାକିଥିଲି । ଆଉ ସ୍ଥିର ହେଇଥିଲା ବାସନ୍ତୀ ଛୁଟୀ ନେଇ ଆଗ ଘରକୁ ଆସି ରୋଷେଇ ବାସ କରିବ ।

କିନ୍ତୁ ଠିକ୍ ଅଫିସ୍‌ରୁ ବାହାରି ପାରିଲାନି । ବେଳପ୍ରାୟ ତିନିଟା ବାଜିଲାଣି । ଏତେଗୁଡ଼ାଏ ଲୋକଙ୍କ ଖାଇବା ଆୟୋଜନ କରିବା କମ୍ ଝାମେଲା ନୁହେଁ । ତଥାପି ଭିତରେ ଭିତରେ ମୁଁ ଶାନ୍ତ ଆଉ ନିରୁଦ୍ବେଗ ଥିଲି । ଜାଣିଥିଲି, ମୁଁ ଘରେ ପହଞ୍ଚିବା ପୂର୍ବରୁ ସବୁ ବ୍ୟବସ୍ଥା ହୋଇଯିବ । ହେଲା ବି ସେଇଆ । ଘର ଦୁଆର ମୁହଁରେ ପହଞ୍ଚିଲା ବେଳକୁ ମୋ ନାକରେ ବାଜିଲା ପୋଲାଉ, ଫୁଲକୋବି ତରକାରୀ, ପୁରୀ ଛାଣିବାର ସୁମିଷ୍ଟ ସୁଗନ୍ଧ । ମନେମନେ ଭାବିଲି, ବାଃ ! ରୋଷେଇଆଣୀର ରୋଷେଇ ଭଲ ଜୋର୍‌ରେ ଚାଲିଚି ।

ଏଥର ନିଶ୍ଚୟ ପ୍ରଶ୍ନ ଉଠିବ, ତୁମର ଘର ଦୁଆର ବନ୍ଦ, ଚାବି ପଡ଼ିଛି । ଅଥଚ ରୋଷେଇ ବାସ ନା ଘର ଭିତରୁ କେମିତି ଆସିଲା ? ପୁଣି ରୋଷେଇଆଣୀ !! କଣ ଘଟଣା ?

ନା । କୌଣସି ଗୋଳମାଳ ନାହିଁ । ତେବେ 'ଅନ୍ଦର-କା-ବାତ୍' କେବଳ ମୁଁ ଜାଣେ । ଯଥାଯଥ ତାଲାଖୋଲି ଘରେ ପ୍ରବେଶ କଲି । ପ୍ରଥମେ କିଚେନକୁ ଗଲି । ଡ଼ାଇନିଂ ଟେବୁଲରେ ସୁନ୍ଦର ଭାବେ ସଜାହୋଇ ରହିଚି ଭାତ, ତରକାରୀ ଇତ୍ୟାଦି । ଆପଣମାନେ କହିବେ ଏଇଟା କେମିତି ସମ୍ଭବ ? ତ, ଯାର ଉତ୍ତର ମତେ ଜଣା ନାହିଁ । ତେବେ ମୋ ବାହାଘର ପୂର୍ବରୁ ଗଲା ତିନିବର୍ଷ ହେଲା ଏମିତି ଚାଲିଛି ।

ଅଫିସ୍ ଛୁଟି ପରେ ଘରକୁ ଯାଇ ମୋର କେବଳ ଭାବିବା କଥା ମୁଁ କଣ ଖାଇବି । ଆଜି ଗରମ ପିଆଜ ଛଣା ସହ 'ପୋହା' ଖାଇବାକୁ ଇଚ୍ଛା ହେଲା, ଘରେ ଯାଇ ଦେଖିବି ମୋ ଟେବୁଲ ଉପରେ ମୋର ଇପ୍‌ସିତା ଖାଦ୍ୟ ଥୁଆ ହୋଇଚି । ଏମିତି ପ୍ରାୟ ହୁଏ । ପ୍ରାୟ ସବୁ ଦିନ । କେଉଁ ଦିନ ଖେଚିଡ଼ି, କେଉଁଦିନ ହାଲୁଆ, କେଉଁ ଦିନ ପିଆଜି, ଆଲୁଚପ୍ । ଘଟଣାଟା ଅବଶ୍ୟ ବହୁତ୍ ମଜାର । ମୋର କୌଣସି ଅଫିସ ବନ୍ଧୁ ଯଦି ଆସିଯାଆନ୍ତି, ସେମାନେ ଭାବନ୍ତି ମୁଁ ସବୁ ରୋଷେଇ କରିଛି ଅଥବା ଯୋଗାଡ଼ କରିଛି । ସେମାନେ ମୋର ରନ୍ଧନ ପଟୁତ୍ୱର ପ୍ରଶଂସା କରନ୍ତି । ଆଉ ମୁଁ ମନେ ମନେ ଭାବେ, ମୋର ଯଉଁ ଝିଅ ସହ ବାହାଘର ହବ ସେ ରୋଷେଇ ନ ଜାଣିଲେ ବି ଚଳିବ ।

ମୋ ବାହାଘର ପରେ ମୋ ଶ୍ୱଶୁର ଘରେ ମଧ୍ୟ ମୋ ରୋଷେଇ ଖବର ପହଞ୍ଚିଯାଇଛି । ବାସନ୍ତୀ ପ୍ରଥମ ପ୍ରଥମ ପଚାରୁଥିଲା- କେମିତି ଏତେ ସୁନ୍ଦର ରୋଷେଇ ତମେ ଶିଖିଲ ?

ମୁଁ ହସିଦେଇ ସାଇଡ୍ କାଟେ ଉତ୍ତର ନଦେଇ । ଏଥର ଅବଶ୍ୟ ଆପଣ ପଚାରିବେ ତା ହେଲେ ତମ ରୋଷେଇଟା କିଏ କରିନିଏ ? ଆପେ ଆପେ କଣ ହେଇଯାଏ ?

ଶୁଣିବେ ତାହେଲେ ? ଟିକିଏ ଧୈର୍ଯ୍ୟ ଧରି ବସନ୍ତୁ । ମୋର ପିଲାଦିନର ଗପଟେ କହେଁ । ଆମ ସ୍କୁଲରେ ଯାଦୁ ପ୍ରଦର୍ଶନୀ ହେଉଥିଲା । ଏ ଖେଳ ସେ ଖେଳ ଦେଖଉ ଦେଖୁ ଯାଦୁକର ତାଙ୍କ ବେଗ୍‌ରୁ ଗୋଟାଏ ବାକ୍ସ ବାହାର କରି ଷ୍ଟେଜ୍‌ରେ ଟେବୁଲ୍ ଉପରେ ରଖିଲେ । ତିନୋଟି ପିଲାଙ୍କୁ ଡ଼ାକିଲେ ଷ୍ଟେଜ୍ ଉପରକୁ । ତାଙ୍କ ଭିତରେ ମୁଁ ଥିଲି ଜଣେ ।

ଯାଦୁକର ମତେ ପଚାରିଲେ- ତୁ କଣ ଖାଇବାକୁ ଚାହୁଁ କହ ?

ମୁଁ ଚଟାପଟ କହିଲି- ଜିଲିପି ଖାଇବି । ଯାଦୁକର ଯାଦୁ ବାକ୍ସ ଭିତରୁ ତିନୋଟି ଜିଲିପି ବାହାର କରି ମୋ ହାତରେ ଦେଲେ ।

- ମିଠା ଖାଇଲୁ । ଏଥର କହ, ତେଲଭଜା କୋଉଟା ତୋ ପସନ୍ଦ ?

- ଆଲୁଚପ୍ ମୁଁ କହିଲି ।

ଯାଦୁକର ତତ୍‌କ୍ଷଣାତ୍ ବାକ୍ସରୁ ଆଲୁଚପ୍ କାଢ଼ି ମୋ ହାତରେ ଦେଲେ । ଏମିତିକା ଗୋଟେ ଯାଦୁ ବାକ୍ସ ଯଦି ଆମେ ପାଇ ଯାଉଁ ତେବେ ସାରାଜୀବନ ଧରି ଯେତେବେଳେ ଯାହା ଚାହିଁବୁ ସେତେବେଳେ ସେଇଆ ଖାଇପାରିବୁ । କିମଜା ହବ ?

ଆପଣମାନଙ୍କର ପ୍ରଶ୍ନର ଉତ୍ତର ପାଇନାହାନ୍ତିତ ? ତେବେ ଆଉ ଗୋଟାଏ ଗପ କହୁଚି । ଏଇଟା ସତ୍ୟ ଘଟଣା । ଏଇ ଗପଟା କହିଲେ ଆପଣମାନେ ପ୍ରଶ୍ନର ଉତ୍ତରଟା ପାଇଯିବେ ।

ତିନିବର୍ଷ ତଳର କଥା । ମୋ ବାହାଘର ପୂର୍ବରୁ । ଅଫିସ୍ ଛୁଟି ପରେ ମୁଁ ବସ୍‌ରେ ଘରକୁ ଫେରୁଥିଲି । ହଠାତ୍ ବସ୍ ଚକା ପଙ୍କଚର ହୋଇଗଲା । ଅନ୍ୟାନ୍ୟ ସବୁ ଯାତ୍ରୀଙ୍କ ସହ ମୁଁ ମଧ୍ୟ ତଳକୁ ଓହ୍ଲାଇ ପଡ଼ିଲି । ଅନ୍ୟ ବସ୍ ଆସିବାକୁ ଅପେକ୍ଷା କଲି । କିନ୍ତୁ ଯେତେସବୁ ବସ୍ ଆସିଲା ପ୍ରଚଣ୍ଡ ଭିଡ଼ । ଯେଉଁ ବସ୍‌ରୁ ଓହ୍ଲେଇଲି ସେଇ ବସ୍‌ରେ ମୁଁ ବସିବାକୁ ଜାଗା ପାଇଥିଲି । ଏଥର ବୋଧହୁଏ ଠିଆହୋଇ କିମ୍ୱା ଝୁଲିଝୁଲି ଯିବାକୁ ହେବ ।

ଏତିକିବେଳେ ମୋ ନାକରେ ତେଲର ବାସନା ବାଜିଲା । ମୁଁ ଏ ପଟ ସେପଟକୁ ଅନାଇ ନଜର କଲି ଗୋଟାଏ ତେଲକଳ ସାମନାରେ ଆମେ ଛିଡ଼ା ହେଇଛୁ । ଆମ ବସ୍‌ଟା ପଙ୍କଚର ହୋଇଚି ତେଲକଳ ସାମନାରେ ।

ତେଲକଳ ସାମନାରେ ନାନା ବିଜ୍ଞାପନ ଅଙ୍କା ହେଉଚି । ସମୟ କଟେଇବା ପାଇଁ ମୁଁ ସେଇ ବିଜ୍ଞାପନ ଗୁଡ଼ାକ ଦେଖିବାକୁ ଲାଗିଲି । ଦେଖୁ ଦେଖୁ ଗୋଟାଏ 'ପୋଟ୍ରେଟ' ଆକାରର ବିଜ୍ଞାପନ ସାମ୍ନାରେ ଠିଆହେଲି । ବାଃ ! ଚମତ୍କାର !! ଅପୂର୍ବ !!

ବିଜ୍ଞାପନରେ ଗୃହିଣୀ 'ତୃପ୍ତି ରିଫାଇନ୍' ତେଲରେ ଜିଲିପି ଭାଜୁଛନ୍ତି । ରୋଷେଇ ଘରେ ଗ୍ୟାସ୍ ଚୁଲି । ଚୁଲି ଉପରେ କଡ଼େଇ । ହଳଦୀ ରଂଗର ରସାଳ ଜିଲିପି ହାତରେ ଧରି ଗୃହିଣୀ କହୁଚନ୍ତି- କି ! କେମିତି ହେଇଚି ?

ବିଜ୍ଞାପନଟା ମତେ ଖୁବ୍ ଭଲ ଲାଗିଲା । ଅସଲ କଥା ହେଲା ଏମିତିକା ଜିଲିପି ଉପରୁ ମୁଁ ଆଖି ଫେରାଇ ପାରୁନ ଥିଲି । ଚାଲି ଆସି ପାରୁ ନ ଥିଲି । ସେଇଥି ପାଇଁ ମୋ ଅଜାଣତରେ ମୋ ମୁହଁରୁ ବାହାର ଆସିଲା- ବାଃ !! କି ଚମତ୍କାର !!!

- କି ସୁନ୍ଦର ? ଜିଲିପି ??

ପ୍ରଶ୍ନଟି ଶୁଣି ମୁଁ ଚମକି ପଡ଼ିଲି । ପଛକୁ ଅନେଇଲି । କେହି ନାହିଁ ମୋ ଆଖେ ପାଖେ । ତାହେଲେ ପ୍ରଶ୍ନଟି କଲା କିଏ ? ନା ମୁଁ ଭୁଲ୍ ଶୁଣିଛି ।

କଣ ! ବଢ଼ିଆ ହେଇଚି । ପସନ୍ଦ ହେଇଚି ? ପୁଣି ସେଇ ପ୍ରଶ୍ନ ।

ଏଥର ସତକୁ ସତ ମୁଁ ଘାବରେଇ ଗଲି । ଏ କି ଗୋଳମାଳିଆ କଥା ? କିଏ କହୁଚି ଏମିତି ? ଏଠାରୁ ଚାଲିଯିବା ଭଲରେ ବାବା ! ମୁଁ ଚାଲି ଆସିବା ପାଇଁ ପାଦ ବଢ଼େଇଲି ।

ମୁଁ ଆସିବି ନା କଣ ଆପଣଙ୍କ ସହ ? ପୁଣି ପ୍ରଶ୍ନ !!

ମୁଁ ଚାଲୁ ଚାଲୁ ବିଜ୍ଞାପନର ସେଇ ମହିଳାଙ୍କ ଆଡ଼କୁ ଅନେଇଲି । ବିଜ୍ଞାପନର ସେଇ ମହିଳାହିଁ ବେକ ଭାଙ୍ଗି ମତେ ଡ଼ାକୁଥିଲା । ଟିକିଏ ସାହସ ସଞ୍ଚୟ କରି ପଛକୁ ଫେରି ଅନେଇଲି ।

- ଆପଣଙ୍କ ସାଙ୍ଗରେ ଆସିବି ଆଜ୍ଞା ?

- ହଁ ଆସନ୍ତୁ ନା । ଅସାବଧାନତା ବଶତଃ ମୋ ମୁହଁ ଦେଇ ବାହାରି ଗଲା । ଏ, ମୁଁ କଅଣ କରି ପକେଇଲି ? ମୋତେ ବହୁତ ଲାଜ ଲାଗିଲା । ଅପସୋସ୍ ହେଲା । ମୁଁ ପ୍ରାୟ ଦୌଡ଼ି ପଳେଇ ଆସିଲି ସେଠାରୁ । ଅଟୋ ରେକ୍ସାଟେ ଧରି ଘରକୁ ଫେରିଲି । ଘରେ ପଶି ଦୁଆରବନ୍ଦ କରି ଦୀର୍ଘଶ୍ୱାସ ଛାଡ଼ିଲି ।

ଟିକିଏ ପରେ ମୋ ରୋଷେଇ ଘରକୁ ପଶି ଯାହା ଦେଖିଲି ସେଥିରେ ମୋର ନିଜ ଆଖିକି ମଧ୍ୟ ବିଶ୍ୱାସ କରି ପାଇଲି ନାହିଁ । ମୋ ଟେବୁଲ ଉପରେ କି ସୁନ୍ଦର ଭାବେ ଗୋଟାଏ ପରେ ଗୋଟାଏ ସଜେଇ ରଖା ହେଇଚି ଉପରକୁ ଉପରକୁ ଗରମ ଜିଲିପି । ତା' ପାଖରେ ବଡ଼ ତାଟିଆରେ ଆଲୁଚପ୍ ।

ମୁଁ ଆଉ କିଛି ନ ଭାବି ସେଇଗୁଡ଼ା ଉପରେ ହାମୁଡ଼ି ପଡ଼ିଲି । କି ଚମତ୍କାର ସ୍ୱାଦୁ !! କିଛି ସମୟ ପରେ ମୁଁ ଦୋକାନକୁ ଗଲି । ତୃପ୍ତି ରିଫାଇନର ଗୋଟାଏ ଛୋଟ ପ୍ୟାକେଟ କିଣି ଆଣିଲି । ମଜାର କଥା, ଟିଣ ଦେହରେ ବିଜ୍ଞାପନର ଗୃହିଣୀ ଥିଲେ । ସେ ମତେ ପ୍ରଶ୍ନ କଲେ- କଣ, ଖାଦ୍ୟ ପସନ୍ଦ ହୋଇଚି ?

- ହଁ, ଫାଷ୍ଟ କ୍ଲାସ, ମୁଁ ଉତ୍‌ଫୁଲ୍ଲ ହୋଇ କହିଲି ।

ଆଉ ସେଇଦିନ ପାଖରୁ ମୋର ରାତିର ରୋଷେଇ ଝାମେଲା ତୁଟିଗଲା । ଅଫିସରୁ ଘରକୁ ଫେରିବା ବେଳକୁ ମୋ ପସନ୍ଦ ମୁତାବକ ରୋଷେଇ ତିଆରି ହୋଇ ଟେବୁଲ ଉପରେ ରହି ଯାଉଥିଲା ।

ଅନ୍ୟ କେହି ହେଲେ ବୋଧହୁଏ ଏମିତିକା କାଣ୍ଡକାରଖାନା ଦେଖି ଘାବୁଡ଼ି ଯାଆନ୍ତି । ହୁଏତ ଭୂତ କାରବାର ଭାବି ଘରଦ୍ୱାରା ଛାଡ଼ି ପଳାନ୍ତା । ମୁଁ କିନ୍ତୁ କିଛି ସେସବୁ ନଭାବି ଘଟଣାକୁ ସହଜରେ ଗ୍ରହଣ କରି ନେଇଥିଲି । ଏଥିରେ ଏତେ ଡ଼ରିବାର କଅଣ ଅଛି ? ମୁଁ ତ ବରଂ ମହାଖୁସି ।

ଯା'ପରେ ଏକଦା ବାହାହେଲି । ମୋ ସ୍ତ୍ରୀ ବାସନ୍ତୀ ଆଗରୁ ହିଁ ବ୍ୟାଙ୍କ ଚାକିରିଆ । ସଂଜରେ ଘରକୁ ଫେରେ, ମୋର ବହୁତ ପରେ । ଯାହା ଫଳରେ ସେଇ 'ଅନ୍ଦର-କି-ବାତ' ତାର ଅଗୋଚରରେ ରହିଗଲା ।

ବରଂ ମୋର ସୁସ୍ୱାଦୁ ରନ୍ଧନ ହାତ ନୈପୁଣ୍ୟ ଦେଖି ସେ ଖୁବ୍ ଆନନ୍ଦିତ ।

ଆଶାକରେ, ଏଥର ଆପଣ ପ୍ରଶ୍ନର ଉତ୍ତରଟି ପାଇଯାଇଛନ୍ତି । ପିଲାଦିନେ 'ଯାହା ଚାହେଁ- ତାହା ପାଇବି' ମେଜିକ୍ ବାକ୍ସଟା ଅବଶ୍ୟ ମୋ ହାତକୁ ଆସିନି । ତେବେ ସେଇ ଯାଦୁକାରୀ ଠାରୁ ଯାଦୁରେ ଚମତ୍କାର ସେଇ ଅକଳ୍ପନୀୟ ଘଟଣାର ଅଭିଜ୍ଞତା ପାଇଛି । ଆଉ ସେଇଥି ପାଇଁ ମୋ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରି ମୁଁ ନିଶ୍ଚିନ୍ତ ଓ ସ୍ଥିର ମନରେ ରହିଚି । ବାସନ୍ତୀ ବ୍ୟାଙ୍କରୁ ଛୁଟି ନପାଇଲେ ମଧ୍ୟ କୌଣସି ଅସୁବିଧା ହବା କଥା ନୁହେଁ ।

ଯଥା ସମୟରେ ସେଇ ରକମ ବ୍ୟବସ୍ଥା ହେଲା । ମୁଁ କେବଳ ବାସନ୍ତୀ ଓ ବନ୍ଧୁମାନଙ୍କ ଆସିବା ଅପେକ୍ଷାରେ ସମୟ ଗଣିବାକୁ ଲାଗିଲି ।

ଏକଦା ଅଫିସରୁ ଘରକୁ ଫେରି ଗୋଟାଏ ଲଫାପା ପାଇଲି । ନୀଳାଭ ରଂଗୀନ ଖୋଳ । ଆସିଛି 'ତୃପ୍ତି ରିଫାଇନ୍'ରୁ । ପୁଣି କଣ ଖବରରେ ବାବା !! ଖୋଳ ମୁହଁ ଚିରି ଚିଠିବାହାର କଲି । ଚିଠି ତଳେ 'ତୃପ୍ତି ରିଫାଇନ୍'ର ମେନେଜିଂ ଡ଼ାଇରେକ୍ଟରଙ୍କ ଦସ୍ତଖତ । ସେମାନେ ମତେ ଅଫିସରେ ଦେଖା କରିବାକୁ ଡ଼ାକିଥାନ୍ତି । ସାମାନ୍ୟ ଆଶ୍ଚର୍ଯ୍ୟ ହେଲି ଅବଶ୍ୟ । କାରଣ ସେହି କମ୍ପାନୀ ସହ ମୋର କୌଣସି ସମ୍ପର୍କ ନାହିଁ । ଯୋଗାଯୋଗ ମଧ୍ୟ ନାହିଁ ।

ପରିଦିନ ଚିଠିର ଉଲ୍ଲିଖିତ ସମୟରେ ମୁଁ ଅଏଲ ମିଲ୍‌ର ଅଫିସକୁ ଗଲି । ମେନେଜିଂ ଡ଼ାଇରେକ୍ଟରଙ୍କ କେବିନ୍‌ରେ ପ୍ରବେଶ କଲି ।

- ଗୁଡ଼ ମର୍ନିଂ ସାର ।

- ଗୁଡ଼ମର୍ନିଂ । ବସନ୍ତୁ ।

- ଥ୍ୟାଙ୍କସ୍ ।

- ଏକ୍ସକ୍ୟୁଜ୍ ମି' ଏମ.ଡ଼ି. କହିଲେ 'ଆଗାମୀ କାଲିଠାରୁ ଆପଣଙ୍କୁ ଟିକେ ଅସୁବିଧା ହେବ । ଏତିକି ଆପଣଙ୍କୁ ସାକ୍ଷାତରେ ଜଣାଇବା ପାଇଁ ଆପଣଙ୍କୁ ଏଠିକି ଆସିବାର କଷ୍ଟ ଦେଲି ।'

ମୁଁ କିଛି ବୁଝି ପାରିଲି ନାହିଁ । ଏମ.ଡ଼ି. ହସି କହିଲେ 'ଆସନ୍ତା କାଲିଠାରୁ, ତୃପ୍ତି ଆଉ ଯାଇ ପାରିବନି ଆପଣଙ୍କ ପାଖକୁ ।'

- ତୃପ୍ତି କିଏ ? ମୁଁ ପଚାରିଲି ।

- ଗଲା ତିନିବର୍ଷ ଧରି ଆପଣଙ୍କ ଘରକୁ ଯାଇ ଆପଣଙ୍କର ପସନ୍ଦ ମୁତାବକ ରୋଷେଇ କରି ଆସୁଛି ସେଇ ଗୃହିଣୀ ତୃପ୍ତି ।

- ତା'ମାନେ' ମୁଁ ଗୋଲକଧନ୍ଦାରେ ପଡ଼ିଗଲି ।

- ସେଇଟା ହଉଚି ଆମର ଗୋଟାଏ ଏକ୍ସପେରିମେଣ୍ଟ । ଆପଣ ଖବର କାଗଜ ପଢ଼ିଛନ୍ତି ନିଶ୍ଚୟ, ଏବେ ଜାପାନ୍‌ରେ ଏବଂ ଆମ ଦେଶରେ ମଧ୍ୟ 'ରୋବର୍ଟ' ମାନେ ମଣିଷ ଭଳି କାମ କଲେଣି । ମାନେ ଯନ୍ତ୍ରମାନବ, ଆଉ କଅଣ । ସେମାନଙ୍କୁ ନିୟନ୍ତ୍ରଣ କରାହୁଏ କମ୍ପ୍ୟୁଟର ଯନ୍ତ୍ର ସାହାଯ୍ୟରେ । ଆମର 'ତୃପ୍ତି' ଅର୍ଥାତ୍ ସେଇ ବୈଦ୍ୟୁତିକ ଝିଅଟି 'କମ୍ପ୍ୟୁଟର'ର ସବୁ ଆଦେଶ ମାନ୍ୟକରେ । ପାଳନ କରେ ନିର୍ଦ୍ଦେଶ ଅନୁସରେ ।'

ଇତି ମଧ୍ୟରେ ଏମ.ଡ଼ି. ମହାଶୟ ମୋ ପାଇଁ ଥଣ୍ଡା ପାନୀୟ ମଗେଇଲେ । ମୁଁ ସେତେବେଳକୁ ଝାଳେଇ ସାରିଲିଣି ।

ଏମ.ଡ଼ି. କହିଲେ- 'ତୃପ୍ତିର' ପ୍ରଥମ ପ୍ରୟୋଗ ଆପଣଙ୍କ ଉପରେ କଲୁ । ଏଇ କୁକିଂ କମ୍ପ୍ୟୁଟରର ମେମୋରି ଷ୍ଟେରେଜ କେପାସିଟି ହେଲା ତିନିଶହ ପଞ୍ଚଶତ ମେନ୍‌ପାୱାର । ଅତଏବ ଦୈନିକ ତିନି ଘଣ୍ଟା ଷ୍ଟୋରେଜ କେପାସିଟି ଫଳରେ ସେ ତିନି ବର୍ଷ ହେଲା କାମ କରୁଛି । ତିନିବର୍ଷ ତଳେ ଦିନେ ଆପଣ ଆମ ବିଜ୍ଞାପନ ତଳେ ଠିଆ ହୋଇଥିଲେ- ମନେ ପଡୁଛି ? ସେତିକିବେଳେ ଆମେ ଆମର କମ୍ପ୍ୟୁଟର ଚାଲୁ କରିଥିଲୁ । ଆସନ୍ତା ତିନିବର୍ଷ ପ୍ରତିଦିନ କଅଣ ଖାଇବାକୁ ଇଚ୍ଛା ହଉଚି ଆପଣଙ୍କର ସେସବୁ ଲିଷ୍ଟକରେ ରଖାହୋଇଚି । ଫଳରେ କାମ ସହଜ ହୋଇଗଲା । ଆମେ ତୃପ୍ତିକୁ ପରବର୍ତ୍ତୀ ତିନିବର୍ଷ ପାଇଁ ପ୍ରୋଗ୍ରାମ କରି ଦେଇଥିଲୁ । ଆଉ ଆପଣଙ୍କ ପଛେ ପଛେ ଛାଡ଼ି ଦେଇଥିଲୁ । ଏଠି ଅଫିସ୍‌ରେ ବସି ରିମୋର୍ଟ କଣ୍ଟ୍ରୋଲ କରି ସବୁ ନିୟନ୍ତ୍ରଣ କରୁଥିଲୁ ।

ମୁଁ କମ୍ପ୍ୟୁଟର ଯୁଗର ଏପରି କାର୍ଯ୍ୟଶୈଳୀରେ ମୁଗ୍ଧ ହୋଇ ନିର୍ବାକ ହେଲି ।

- ସେଇଥି ପାଇଁ କହୁଥିଲି, ଆପଣଙ୍କ ଘରେ ତୃପ୍ତିର କାମ ସମୟ ଶେଷ ହୋଇଯାଇଛି । ଗୁଡ଼ବାଏ । ଏମ.ଡ଼ି. କହିଲେ ।

ଗତ ତିନିବର୍ଷର ନାନାଦି ରୂଚିକର ସ୍ୱାଦିଷ୍ଟ ରୋଷେଇର ସ୍ୱାଦ ରୋମନ୍ଥନ କରୁ କରୁ ମୁଁ ଆବିଷ୍ଟ ମନରେ ଅଫିସରୁ ବାହାରି ଆସିଲି ।

ମନେ ମନେ ସ୍ଥିର କଲି, ଆଜିଠାରୁ କୌଣସିଦିନ, କୌଣସି ପରିସ୍ଥିତିରେ, ବାସନ୍ତୀ ଫେରିବା ପୂର୍ବରୁ ମୁଁ ଘରକୁ ଫେରିବିନି । ବାସନ୍ତୀ ଛୁଟି ପାଉ ବା ନ ପାଉ । ଅନ୍ଦର କି-ବାତ୍ ସିର୍ଫ ହମ ହୀ ଜାନତେ ହେଁ ।'

♥ ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ(ପୂର୍ତ୍ତ)
ଶେଫାଳୀ, ୬, ନଳମଗଂଜ,
ବାଲେଶ୍ୱର-୩



ରମେଶ ଚନ୍ଦ୍ର ନାୟକ

# ବିକଳ୍ପ ବ୍ୟକ୍ତିତ୍ୱ – ଗାନ୍ଧିଜୀ

ପୃଥିବୀରେ ପ୍ରତି ମୁହୂର୍ତ୍ତରେ ଶହ ଶହ ମଣିଷ ଜନ୍ମଲାଭ କରୁଛନ୍ତି, ମୃତ୍ୟୁ ବରଣ ମଧ୍ୟ କରୁଛନ୍ତି। ମାତ୍ର ଜଣ ଜଣଙ୍କ ଜୀବନୀ ପୃଥିବୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯାଉଛି। ପୃଥିବୀରେ ଜନ୍ମଲାଭ କରି ମୃତ୍ୟୁ ବରଣ କରିବା ସତ୍ତ୍ୱେ ଯେଉଁ ଅଳ୍ପ କେତେଜଣ ଏଯାବତ୍ ଅମର ହୋଇ ରହିପାରିଛନ୍ତି ତନ୍ମଧ୍ୟରେ ଭାରତର ମହାମାନବ

ମହାତ୍ମା ଗାନ୍ଧି ଅନ୍ୟତମ। ତାଙ୍କର ବ୍ୟକ୍ତିତ୍ୱ, କର୍ତ୍ତବ୍ୟ ନିଷ୍ଠା, ସାଧୁତା ଓ ନୈତିକତା ଏବେ ମଧ୍ୟ ପୃଥିବୀରେ ବିରଳ। ଜଣେ ଭାରତୀୟ ଭାବେ ସମୟାନୁବର୍ତ୍ତୀ ଇଂରେଜମାନଙ୍କୁ ମଧ୍ୟ ସମୟାନୁବର୍ତ୍ତୀତା ସମ୍ପର୍କରେ ଶିକ୍ଷା ଦେଇ ପାରିଥିଲେ। ସେହି କାରଣରୁ ହୋମସ୍ ତାଙ୍କୁ ପୃଥିବୀର ଗୌତମ ବୁଦ୍ଧ ଏବଂ ଯୀଶୁଖ୍ରୀଷ୍ଟଙ୍କ ପରେ ମାନବ ଜାତିର ଶ୍ରେଷ୍ଠ ବ୍ୟକ୍ତିତ୍ୱ ବୋଲି କହିଥିଲେ। ତାଙ୍କର ନିଷ୍ଠା ଓ ଆଦର୍ଶ ଇଂରେଜ ଜାତିକୁ

ମଧ୍ୟ ବିସ୍ମୟାଭିଭୂତ କରିଥିଲା।

ଶୋଷିତ, ପୀଡ଼ିତ ଓ ଅବହେଳିତ ମାନଙ୍କର ସେ ଥିଲେ ଦରଦୀ ବନ୍ଧୁ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଭୂମିକା ଥିଲା ଅତୀବ ମହତ୍ୱପୂର୍ଣ୍ଣ। ଶାନ୍ତି ଓ ଅହିଂସା ଆନ୍ଦୋଳନରେ ଭାରତକୁ ସ୍ୱାଧୀନ କରି ବିଶ୍ୱ ଇତିହାସରେ ସେ ଏକ ନୂତନ ମାର୍ଗ ଉନ୍ମୋଚନ କଲେ।ତାଙ୍କର ସମଗ୍ର ଜୀବନ ଭାରତ ଇତିହାସର ସବୁଠାରୁ ମୂଲ୍ୟବାନ ଓ ମହତ୍ୱପୂର୍ଣ୍ଣ ଘଟଣା ।

ମହାତ୍ମା ଗାନ୍ଧି ଥିଲେ ସମକାଳୀନ ବିଶ୍ୱରେ ସତ୍ୟ, ଶାନ୍ତି ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ। ଇଂରେଜ ବୁଦ୍ଧିଜୀବିମାନେ ତାଙ୍କୁ କହୁଥିଲେ ମୋରାଲ ଜିନିୟସ।

ଲକ୍ଷ ଲକ୍ଷ ଲୋକଙ୍କୁ ଅହିଂସା ମହାମନ୍ତ୍ରରେ ଅନୁପ୍ରାଣିତ କରାଇ ସ୍ୱାଧୀନତା ସଂଗ୍ରାମରେ ଲିପ୍ତ କରାଇବା ହେଉଛି ମହାତ୍ମା ଗାନ୍ଧୀଙ୍କ ଚରିତ୍ରର ବୈଶିଷ୍ଟ୍ୟ। ସେଥିପାଇଁ ତ ସେ ଆଜି ମହାମାନବ ତଥା ବିଶ୍ୱବନ୍ଦିତା। ତାଙ୍କର ମୃତ୍ୟୁରେ ଶୋକ ପ୍ରକାଶ କରି ମିଳିତ ଜାତିସଂଘ କହିଥିଲା ' ଗାନ୍ଧୀ ହେଉଛନ୍ତି ଆଧୁନିକ ବିଶ୍ୱ ଶାନ୍ତିର ଦାର୍ଶନିକ ' । ଅନ୍ୟ ଏକ ଦୃଷ୍ଟିରୁ ବିଚାର କଲେ ଆଜି ଯେଉଁ ଧର୍ମ ନିରପେକ୍ଷତା କଥା କୁହାଯାଉଛି ତା'ର ଏକ ପ୍ରତିଛବି ହେଉଛନ୍ତି ମହାତ୍ମା ଗାନ୍ଧି। ତାଙ୍କ ପ୍ରାର୍ଥନା ସଭାରେ 'ରଘୁପତି ରାଘବ ରାଜା ରାମ ' ଭଜନ ଗାନ କରାଯାଇଥିଲା ଏବଂ ବାଇବେଲରେ ' ସରମନ ଅନ ଦି ମାଉଣ୍ଟ'ମଧ୍ୟ ପାଠ ହୋଇଥିଲା। କୌଣସି ସଂକୀର୍ଣ୍ଣ ଧର୍ମର ଆଚରଣ ମଧ୍ୟରେ ଗାନ୍ଧିଜୀ ନିଜକୁ ଆବଦ୍ଧ କରି ରଖିପାରି ନଥିଲେ। ତାଙ୍କ ପ୍ରିୟ ପ୍ରାର୍ଥନା ଥିଲା – 'ଈଶ୍ୱର ଆଲ୍ଲା ତେରେ ନାମ ସବକୋ ସନମତ୍ ଦେ ଭଗବାନ୍' ଅନ୍ୟ ଭାଷାରେ କହିବାକୁ ଗଲେ ସର୍ବଧର୍ମ ସମନ୍ୱୟ ହେଉଛି ମହାତ୍ମା ଗାନ୍ଧୀଙ୍କ ଜୀବନ ଆଦର୍ଶ।୧୯୩୩ ମସିହାରେ

ଗୋଲଟେବୁଲ୍ ବୈଠକରେ ଯୋଗଦେବାକୁ ଗାନ୍ଧୀ ଲଣ୍ଡନ ଯାଇଥିଲେ। ତାଙ୍କ ପ୍ରାର୍ଥନା ସଭାକୁ ଦେଖି ଇଂରେଜ ମହିଳାମାନେ ଅବାକ୍ ହେଇଗଲେ। ସେମାନଙ୍କ ମତରେ 'ଆମ ଦେଖିବାରେ ସର୍ବୋତ୍ତମ ଖ୍ରୀଷ୍ଟିଆନ୍ ହେଉଛନ୍ତି ଜଣେ ହିନ୍ଦୁ' । ଗାନ୍ଧୀ କେବଳ ସ୍ୱାଧୀନତା ଆନ୍ଦୋଳନରେ ଭଗୀରଥ ବା ଧର୍ମନିରପେକ୍ଷ ବ୍ୟକ୍ତିବିଶେଷ ଥିଲେ ତାହା ନୁହେଁ, ଦରିଦ୍ର, ଅବହେଳିତ ତଥା ନିଷ୍ପେସିତ ଜନତାଙ୍କ ପାଇଁ ସେ ଥିଲେ ଈଶ୍ୱର ଦୂତ ସଦୃଶ। ସମସାମୟିକ ଦୁନିଆରେ ମହାତ୍ମା ଗାନ୍ଧି ଥିଲେ ସତ୍ୟ , ଶାନ୍ତି ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ। ଏକଥା କହିଲେ କିଛି ଅତିରଞ୍ଜିତ ହେବ ନାହିଁ ଯେ ମହାତ୍ମା ଗାନ୍ଧୀଙ୍କ ପରି ବିକଳ୍ପ ବ୍ୟକ୍ତିତ୍ୱ ଏ ପର୍ଯ୍ୟନ୍ତ ଜନ୍ମଗ୍ରହଣ କରି ନାହାନ୍ତି।

ପରିଶେଷରେ ବିଖ୍ୟାତ କମ୍ୟୁନିଷ୍ଟ ନେତା ମୋହିତ ସେନଙ୍କ ଭାଷାରେ କହିବାକୁ ଗଲେ, 'ଭାରତ ବୋଇଲେ ହିମାଳୟ କଥା ମନକୁ ଆସିବ, ଗଙ୍ଗା ନଦୀ କଥା ମନେ ପଡ଼ିବ ଏବଂ ଗାନ୍ଧୀଙ୍କ କଥା ମଧ୍ୟ ମନକୁ ଆପଣାଛାଏଁ ଆସିଯିବ।'

ଆଜି ଅକ୍ଟୋବର ମାସ ଦୁଇ ତାରିଖ। ସେଇ ପବିତ୍ର ଆତ୍ମା, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୪ ତମ ଜୟନ୍ତୀ।ବାପୁ ନାମରେ ଜଣାଶୁଣା ଗାନ୍ଧୀ ୧୮୬୯ ମସିହାରେ ଗୁଜୁରାଟର ପୋରବନ୍ଦରରେ ଜନ୍ମଗ୍ରହଣ କରିଥିଲେ। ସମୟାନୁକ୍ରମେ ଗାନ୍ଧିଜୀ ୧୯୪୮ ମସିହା ଜାନୁଆରୀ ତିରିଶ ତାରିଖରେ ଜନୈକ ହିନ୍ଦୁ ଯୁବକ ନାଥୁରାମ ଗଡସେଙ୍କ ଦ୍ୱାରା ଗୁଳିମାଡ଼ରେ ମୃତ୍ୟୁ ବରଣ କରିଥିଲେ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସେ ନିଜର ଆଦର୍ଶ ଓ ଅହିଂସାର ବାର୍ତ୍ତା ପ୍ରଦାନ କରିଥିବା ପାଇଁ ବିଶ୍ୱରେ ଆଜି ତାଙ୍କୁ ଲୋକେ ମନେ ରଖିଛନ୍ତି। ଗାନ୍ଧିଜୀଙ୍କ ଜୀବନୀ ସମ୍ପର୍କରେ ସମସ୍ତେ ଜାଣନ୍ତି। କିନ୍ତୁ ଗାନ୍ଧୀଙ୍କ ଜୀବନ ସହିତ ଜଡିତ ଅନେକ ଘଟଣା ହୁଏତ ସାଧାରଣ ଲୋକଙ୍କୁ ଜଣା ନଥାଇପାରେ। ଗାନ୍ଧିଜୀ କେବଳ ଭାରତରେ ନୁହେଁ, ବରଂ ସମଗ୍ର ବିଶ୍ୱରେ ଏକ ଜଣାଶୁଣା ବ୍ୟକ୍ତିତ୍ୱ। ଏକଦା ବିଶ୍ୱର ମହାନ୍ ବୈଜ୍ଞାନିକ ଆଇନଷ୍ଟାଇନ କହିଥିଲେ, କିଛି ବର୍ଷ ପରେ ଭୁଲିଯିବେ ଯେ ମହାତ୍ମା ଗାନ୍ଧୀ ନାମରେ ଜଣେ କେହି ଲୋକ ରକ୍ତ ମାଂସରେ ତିଆରି ହୋଇଥିବା ମଣିଷ ଚଳପ୍ରଚଳ ହେଉଥିଲେ। ମାତ୍ର ତାଙ୍କର କାର୍ଯ୍ୟ , ଚିନ୍ତାଧାରା ଓ ଆଦର୍ଶ ଚିରକାଳ ମନେ ରହିବ। ମହାତ୍ମା ଗାନ୍ଧି ଦେଶ ସ୍ୱାଧୀନତା ପାଇଁ ନିଜର ଜୀବନକୁ ବଳି ଦେଇଥିଲେ। ସେ କେବେବି କ୍ଷମତା ଓ ବ୍ୟକ୍ତିଗତ ଲାଭ ପାଇଁ କି କୌଣସି ପଦପଦବୀ ପାଇଁ ମନ ବଳାଇ ନଥିଲେ।

ଗାନ୍ଧିଜୀ କେବଳ ଭାରତରେ ଜଣେ ବରପୁତ୍ର ନୁହନ୍ତି, ସେ ମଧ୍ୟ ଜଣେ ମହାତ୍ମା। ତାଙ୍କର ଆଦର୍ଶର ତୁଳନା ନାହିଁ। କାୟ, ମନ ଓ ବାକ୍ୟରେ ସେ ଯେପରି ଭାରତ ଓ ଭାରତୀୟଙ୍କୁ ଭଲ ପାଉଥିଲେ, ସେପରି ଅନ୍ୟ କେହି ଜଣେ ଭାରତୀୟଙ୍କୁ ଏଯାବତ୍ ଦେଖିବାକୁ ମିଳିଲା ନାହିଁ। ସ୍ୱାଧୀନତା ସଂଗ୍ରାମର ଅଗ୍ରଗାମୀ ସେନାପତି, ଅଥଚ ବିନା ଅସ୍ତ୍ରରେ ଦୁର୍ଦ୍ଧର୍ଷ, କୁଟନୀତିଜ୍ଞ, ଚତୁର ଇଂରେଜମାନଙ୍କୁ ଏକ ଦେଶରୁ ସେ ହଟାଇ ଦେଇ ପାରିଲେ। ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ସଂଗ୍ରାମର ପଟାନ୍ତର ନାହିଁ। ଏହା କେବଳ ସମ୍ଭବ ହୋଇ ପାରିଥିଲା ମହାତ୍ମା ଗାନ୍ଧୀଙ୍କ ପାଇଁ। ତେଣୁ ସେ ଏ ଜାତିର ପିତା, ପଥ ପ୍ରଦର୍ଶକ, ଗୁରୁ, ବନ୍ଧୁ, ଦାର୍ଶନିକ ସବୁ କିଛି। ମାତ୍ର ଦୁଃଖର ବିଷୟ ସ୍ୱାଧୀନତା ପରେ ଏ ଦେଶର ରାଜନୀତିଜ୍ଞ ଓ ଜନସାଧାରଣ ତାଙ୍କର ସ୍ୱପ୍ନର ସାକାର ପାଇଁ ସାମାନ୍ୟ ମାତ୍ର ଧ୍ୟାନ ଦେଉ ନାହାନ୍ତି। ତାଙ୍କର ରାମ ରାଜ୍ୟ ପରିକଳ୍ପନା ଆଜି ରାବଣ ରାଜ୍ୟରେ ପରିଣତ ହୋଇ ଯାଇଥିଲେ ମଧ୍ୟ ଆମେ ସେଥିପ୍ରତି ସାମାନ୍ୟ ମାତ୍ର ସଚେତନ ନୋହୁଁ। କେବଳ ଅଗଷ୍ଟ ପନ୍ଦର, ଜାନୁଆରୀ ଚବିଶି ତଥା ଜୟନ୍ତୀ ଆସିଲେ ଆମେ ଚଳ ଚଞ୍ଚଳ ହୋଇଉଠୁ। ଜାତୀୟ ପତାକା ତଳେ ରୁଣ୍ଡିଭୁତ ହୋଇ ଗାନ୍ଧିଙ୍କ ଜୟଗାନ କରୁ। କେତେ କବି ଲେଖକ



ତାଙ୍କୁ ନେଇ କବିତା ଗଳ୍ପ ପ୍ରବନ୍ଧ ଆଦି ଲେଖନ୍ତି। ତାଙ୍କୁ ନେଇ ଚଳଚ୍ଚିତ୍ର ନିର୍ମାଣ ହୁଏ। ତାଙ୍କ ନାମରେ ବ୍ୟବସାୟିକ ପ୍ରତିଷ୍ଠାନ, ରାସ୍ତାଘାଟ, ଶିକ୍ଷାନୁଷ୍ଠାନ ଇତ୍ୟାଦି ଗଠନ କରି କିଏ ଦେଶର ସେବା କରୁଛି ତ କିଏ ଲୁଣ୍ଠନ କରୁଛି। ଅପ୍ରିୟ ସତ୍ୟ କହିବାକୁ ଗଲେ ମୃତ୍ୟୁ ପରେ ମଧ୍ୟ ଦେଶ ଜାତି ପ୍ରତି ତାଙ୍କର ଅବଦାନ ରହୁଛି। ତେଣୁ ତାଙ୍କ ପ୍ରତି କୌଣସି ପ୍ରକାରେ ବି ଅସମ୍ମାନ ଗ୍ରହଣୀୟ ନୁହେଁ। ଯେଉଁ ଯେଉଁ ସ୍ଥାନରେ ଗାନ୍ଧୀ ମୂର୍ତ୍ତୀ ଅଛି , କେବଳ ତାଙ୍କର ଜୟନ୍ତୀ ଆସିଲେ ଆମେ ଖୋଜୁ। ପରମୁହୂର୍ତ୍ତରେ ଭୁଲିଯାଉ ରକ୍ଷଣା ବେକ୍ଷଣ ବ୍ୟବସ୍ଥା। ଏହି ପରିପ୍ରେକ୍ଷୀରେ ସରକାରଙ୍କର ଯେତିକି ଦାୟିତ୍ୱ ରହିଛି, ସାଧାରଣ ଲୋକଙ୍କର ମଧ୍ୟ ସମ ପରିମାଣରେ କର୍ତ୍ତବ୍ୟ ରହିଛି। ଏହି ଆଶା ଆକାଂକ୍ଷା ନେଇ ଗାନ୍ଧୀ ଜୟନ୍ତୀରେ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ଗାନ୍ଧିବାଦୀ ନୀତିକୁ ଆପଣେଇବା ପାଇଁ ନିଜେ ବୁଝିବା ସହ ସମାଜକୁ ମଧ୍ୟ ବାର୍ତ୍ତା ଦେବା। ଆସନ୍ତୁ ଆଜି ଏକାଠି ସେହି ସତ୍ୟ ଶାନ୍ତି ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକଙ୍କୁ ସମ୍ମାନ ଜଣାଇ ବଡ଼ ପାଟିରେ କହିବା –

ଗାନ୍ଧିଜୀ କି – ଜୟ ।
ଭାରତ ମାତା କି – ଜୟ।
ଦେଶ ବିକାଶ କି – ଜୟ ।

♥ କେଶରପୁର, ବକ୍ସି ବଜାର ,
କଟକ
(ମୋ) ୭୯୭୮୧୫୧୭୧୦

# ବହୁମୁଖୀ ପ୍ରତିଭା : ଶିଶୁସାହିତ୍ୟିକ ଡ. ରଜନୀରଞ୍ଜନ





ଡକ୍ଟର ଲକ୍ଷ୍ମୀକାନ୍ତ ଖୁଂଟିଆ

ଓଡ଼ିଆ ଶିଶୁସାହିତ୍ୟର ଅନ୍ୟତମ ପ୍ରତିଭାବାନ୍ ସ୍ରଷ୍ଟା ଡକ୍ଟର ରଜନୀରଞ୍ଜନ ଦାଶ (୧୯୫୯)। ଓଡିଆ ଚଳଚ୍ଚିତ୍ରଜଗତରେ ଯେତିକି ଚର୍ଚ୍ଚିତ, ଶିଶୁସାହିତ୍ୟ କ୍ଷେତ୍ରରେ ଅନୁରୂପ ଭାବରେ ଆଲୋଚିତ ହୋଇଥାନ୍ତି। ସାହିତ୍ୟ ଯେପରି ତାଙ୍କ ଶୈଶବରୁ ହାତଧରି ଏତେଦୂର ବାଟ କଢ଼ାଇ ଆଣିଛି। ତାଙ୍କ ସାହିତ୍ୟ ସାଧନାର ପ୍ରଥମ ପ୍ରୟାସ ଥିଲା ଶିଶୁ ସାହିତ୍ୟ। ନିଜ ପିଲାଦିନ କଥା ସ୍ମରଣ କରି ସେ କହିଛନ୍ତି– "ବୋଉ କେବେ ଜହ୍ନ ଦେଖାଇ ନାନା ବାୟା ଶୁଣେଇବାର ମନେ ନାହିଁ। ଏତିକି ମନେ ଅଛି ବାପାଙ୍କ ଗୀତକୁ ହାର୍‌ମୋନିୟମ୍‌ରେ ତୋଳି ଧରିବାର କଥା। ବୋଉ ଗାଉଥାଏ– "କୁହୁଡି ନଦୀର ମୀନମାନେ ଶୁଣ ଗଙ୍ଗା ବହୁଛି ଧୀରେ।" ନିଜର ବାପାଙ୍କୁ ଅତିକ୍ରମି ଯିବା ପାଇଁ ଏଯାଏଁ ସେ ସାହସ କରିପାରିନାହାନ୍ତି। ମାତ୍ର କାଗଜ ଆଉ କଲମକୁ ଭଲ ପାଇବାର ଗୋପନ ମନ୍ତ୍ରଟିକୁ ନିଜେ ପିତାମାତାଙ୍କଠାରୁ ଶିକ୍ଷା କରିବା ଫଳରେ ସାହିତ୍ୟ ସାଧନା ନିମିତ ସେ ଆଗେଇ ଆସିଛନ୍ତି। ଫଳସ୍ୱରୂପ ଆମ ଓଡିଆ ଶିଶୁସାହିତ୍ୟକୁ କବିତା, ଗଳ୍ପ, ଉପନ୍ୟାସ ଭେଟି ଦେଇ ଏହାକୁ ଋଦ୍ଧିମନ୍ତ କରିଛନ୍ତି।

ଡକ୍ଟର ରାଜନୀରଞ୍ଜନଙ୍କ ଶିଶୁସାହିତ୍ୟର ମୂଳଦୁଆ "ଟିକିଫୁଲ" ପତ୍ରିକାରୁ ହିଁ ପଡିଥିଲା। ୧୯୭୯ ମସିହାରେ ଏହି ଶିଶୁପତ୍ରିକାରେ ତାଙ୍କର ପ୍ରଥମ ଗଳ୍ପ ପ୍ରକଶ ପାଇଥିଲା। ପରବର୍ତି ସମୟରେ ସେହି ସମୟରେ ପ୍ରକାଶ ପାଉଥିବା ପ୍ରାୟ ସମସ୍ତ ଶିଶୁପତ୍ରିକାରେ ତାଙ୍କର ଲେଖା ପ୍ରକାଶ ପାଇଲା। ଓଡିଆ ଭାଷା ସାହିତ୍ୟର ଅଧ୍ୟାପକ ଭାବରେ ନିଜସ୍ୱ ସାହିତ୍ୟ ଶ୍ରେଣୀ ଗୃହରେ ଅଧ୍ୟାପନା କରିବା ସହିତ ନିୟମିତ ଅଗଣିତ ଶିଶୁକିଶୋର ପାଠକପାଠିକାଙ୍କ ପାଇଁ ଲେଖନୀ ଚାଳନାରେ ନିଜକୁ ହଜାଇ ଦେଉଥିଲେ। ମୁଖ୍ୟତଃ ହାସ୍ୟରସାତ୍ମକ ଗଳ୍ପ ତଥା କବିତା ରଚନା କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

ଏଯାବତ୍ ତାଙ୍କର ୧୨ଟି ଶିଶୁ ମନଲାଖି ପୁସ୍ତକ ପ୍ରକାଶ ପାଇ ବେଶ୍ ପାଠକୀୟ ଆଦୃତିଲାଭ କରିଛି। ସେଗୁଡିକ ହେଲା– 'ଝୁମୁରୁଝାଇଁ'(୧୯୮୬), 'ନ ହୁଏ ତାକୁରୋଗ' (୧୯୮୬), 'ଝରକା' (୧୯୮୭) ଓ 'କିଏ କେମିତି ରାବେ' (୧୯୮୭) ଆଦି କବିତା ପୁସ୍ତକ, 'କୁନିର କାହାଣୀମାଳା', ଶିକାର ଗଳ୍ପକୁ ନେଇ 'କାଳୁପଡ଼ାର କାଳରାତି', ଅଗାଧୁ ପାଣ୍ଡେ ପାଇଲେ ପାନେ' (୨୦୧୨), 'ଛୋଟ ଜଙ୍ଗଲର କାହାଣୀ' (୨୦୨୨) ଓ 'ରଜନୀରଞ୍ଜନଙ୍କ ମଜାଗପ' ଆଦି କାହାଣୀ ପୁସ୍ତକ, 'କୁନି ଗୋଇନ୍ଦା' (୧୯୮୨) ଓ 'ନାଗକନ୍ୟା' (୧୯୮୨) ଆଦି ଶିଶୁଉପନ୍ୟାସ ଅନ୍ୟତମ।

**ଡ଼.ରଜନୀରଞ୍ଜନଙ୍କ ଶିଶୁସାହିତ୍ୟର ଅନ୍ତଃସ୍ୱର:**

ଡ଼. ରଜନୀରଞ୍ଜନ ନିଜର ସମସ୍ତ ବହି ପ୍ରକାଶ କରାଇବା ପୂର୍ବରୁ ସେଗୁଡିକୁ ପତ୍ରପତ୍ରିକା ପୃଷ୍ଠାରେ ପ୍ରକାଶ କରି ବେଶ୍ ସଫଳତା ହାସଲ କରିଛନ୍ତି। ଅଶୀରୁ ନବେଦଶକ ମଧ୍ୟରେ ପ୍ରକାଶ ପାଇଥିବା ପ୍ରାୟ ସମସ୍ତ ଶିଶୁପତ୍ରିକାରେ ସେ ଲେଖାଲେଖି କରିଛନ୍ତି। ୨୦୦୮ ମସିହା ପରକୁ ତାଙ୍କ ସାହିତ୍ୟର ମୋଡ଼ ବଦଳିଯାଏ। ସେ ଶିଶୁସାହିତ୍ୟ ଛାଡି ଚଳଚ୍ଚିତ୍ରର ସଂଳାପ ରଚନାରେ ନିଜକୁ ସଂଶ୍ଳିଷ୍ଟ କରାନ୍ତି। ଫଳରେ ତାଙ୍କର ଶିଶୁସାହିତ୍ୟ ରଚନା ଦିଗଟିରେ ଭଟ୍ଟା ପଡ଼ିଯାଏ। ତେବେ ଚଳଚ୍ଚିତ୍ରକୁ ଆସିବା ଆଗକୁ ସେ ଯେତିକି ଶିଶୁସାହିତ୍ୟ ରଚନା କରିଥିଲେ, ତାହା ତାଙ୍କୁ ଜଣେ ଶିଶୁସାହିତ୍ୟିକର ମାନ୍ୟତା ପ୍ରଦାନ କରିଥାଏ। ତାଙ୍କ ଗଳ୍ପ ତଥା ଉପନ୍ୟାସରେ ହାସ୍ୟରସ ସହିତ ରହସ୍ୟ ରୋମାଂଚର ଧାରା ପରିଲକ୍ଷିତ ହୁଏ। 'କୁନିଗୋଇନ୍ଦା', 'ନାଗକନ୍ୟା' ଭଳି ଉପନ୍ୟାସରେ ରହସ୍ୟ ରୋମାଂଚ ସହିତ କାଳ୍ପନିକତାର ପଟୁ ଭରି ରହିଛି। ଗୋଟିଏ ଅପରାଧୀ ଗୋଷ୍ଠୀ ଶିଶୁମାନଙ୍କୁ ଅପହରଣ କରି ବିକଳାଙ୍ଗ କରି ଭିକ୍ଷା ବୃତିରେ ନିୟୋଜିତ କରିବା ତଥା ଦୁଇ ଜଣ ଶିଶୁ ନିଜର ପୋଷା କୁକୁର ସହିତ ଖୁବ୍ ସତର୍କତାର ସହ ଅପରାଧୀମାନଙ୍କୁ ଧରାଇ ଦେବା ଘଟଣାବଳୀରେ ପରିପୂର୍ଣ୍ଣ ହୋଇଛି ରହସ୍ୟ ଉପନ୍ୟାସ 'କୁନିଗୋଇନ୍ଦା'। ରହସ୍ୟ ରୋମାଂଚ ଭରା କାହାଣୀ ବର୍ଣ୍ଣନାରେ ଏହି ଉପନ୍ୟାସଟି ଖୁବ୍ ପାଠକୀୟ ଶ୍ରଦ୍ଧା ଭାଜନ ହୋଇଛି। ପରବର୍ତି ସମୟରେ ୨୦୧୦ ମସିହାରେ ଏହା 'ପିଲାଚୋର' ନାମରେ ଟାଇମ୍ ପାଶ୍ ପ୍ରକାଶନୀ ଦ୍ୱାରା ଆତ୍ମପ୍ରକାଶ କରିଛି। ପୁସ୍ତକ ମଧ୍ୟରେ ଯେଉଁ ଉପଶୀର୍ଷକ ମାଧ୍ୟମରେ ଉପନ୍ୟାସଟି ଗତିଶୀଳ ହୋଇଛି, ସେଗୁଡିକ ହେଲା– 'କୁନି ଗୋଇନ୍ଦା', 'ଆମ ତଦନ୍ତ ଆରମ୍ଭ ହେଲା', 'ଡିଟେକ୍‌ଟିଭ ଟମି', 'ପାତାଳପୁରୀ', 'ସୟତାନ ହାତରେ ବନ୍ଦୀ', 'ସୟତାର ଅସଲ ରୂପ', 'ସୟତାନର ରାଜ୍ୟରେ', 'ଫେରିବାର ଚିନ୍ତା', 'ଅଭିଯାନ ଆରମ୍ଭ ହେଲା' ତଥା 'ବିଜୟର ଦିନ'।

ସେହିପରି 'ନାଗକନ୍ୟା' ଏକ କାଳ୍ପନିକ ଶିଶୁଉପନ୍ୟାସ। 'ସୁନାପିଲା ପକେଟ କାହାଣୀ' ସିରିଜ୍‌ରେ ଏହା ଥିଲା ୬ଷ୍ଠ ସିରିଜ। ଏହି ଉପନ୍ୟାସର ନାୟକ କୁନା। ସ୍ୱପ୍ନରେ ସେ କୁହୁକ ବାଡିକୁ ଧରି ନାଗ ରାଜ୍ୟକୁ ଯାଇଛି। ମନପବନ ଘୋଡ଼ାରେ ବସି ବାମନ ଯାଦୁକରକୁ ଭେଟିଛି। ତା'ପରେ ମୋତି ନଅରକୁ ଯାଇ କୁହୁକ ବାଡ଼ିର ସନ୍ଧାନ କରିଛି। ମତ୍ସ୍ୟ ରାଜ୍ୟରେ ଭ୍ରମଣ କରିଛି। ତା'ପରେ କୁରାଳସେନର ରାଜ୍ୟକୁ ଯାଇ ରାଣୀଗଡ଼ର ରାଜା ଉଦୟଭାନୁଙ୍କ କନ୍ୟା ମଣିମାଳାକୁ ଭେଟିଛି। କୁନା ଓ ମଣିମାଳା ମିଶି ଦେବୀଙ୍କୁ ସନ୍ତୁଷ୍ଟ କରାଇଛନ୍ତି। ଶେଷରେ କୁରାଳସେନକୁ ବନ୍ଦୀ କରି କୁନା ମଣିମାଳାକୁ ବିବାହ କରିବା ସହିତ କୁହୁକବାଡ଼ି, କୁହୁକ ଜୋତା, କୁହୁକ ଦର୍ପଣ ଆଣିଛି। କୁହୁକ ବାଡ଼ିକୁ ଆଦେଶ ଦେଇ ସୁନ୍ଦର ରଥଟିଏ ନିର୍ମାଣ କରି ସେଥିରେ ମଣିମାଳାକୁ ଧରି ଫେରିଲା ବେଳେ ସୋମନଙ୍କ ପାଖରେ ଥିବା ସମସ୍ତ କୁହୁକ ପଦାର୍ଥର କୁହୁକ ନଷ୍ଟ ହୋଇଯାଇଛି। ଫଳରେ ସେମାନେ ଅତଳ ସମୁଦ୍ରଗର୍ଭରେ ପଡ଼ିଯିବାର ଭୟରେ କୁନା ଚିତ୍କାର କରିଛି। ଯାହାଦ୍ୱାରା ଉପନ୍ୟାସର ପରିସମାପ୍ତି ଘଟିଛି।

ତେବେ ଉପନ୍ୟାସ ଦୁଇଟି ସେ ସମୟରେ ପ୍ରଚଳିତ ଧାରାକୁ ଦୃଷ୍ଟିରେ ରଖି ରଚନା କରାଯାଇଛି। ଏଥିରେ କାଳ୍ପନିକତାର ପୁଟ ବହୁ ମାତ୍ରାରେ ଦିଆଯାଇଛି। ପାଠକଟି କଳ୍ପନା ରାଜ୍ୟରେ ନିଜକୁ କେତେଦୂର ହଜାଇପାରେ, ତାହାର ଶ୍ରେଷ୍ଠ ନିଦର୍ଶନ ହେଲା 'ନାଗକନ୍ୟା' ଉପନ୍ୟାସ। ଏଇ ଯେମିତି– 'ମଣିମାଳା କହିଲା, ମୁଁ ଶୁଣିଛି କୁରାଳସେନ ଗୋଟାଏ ମଣି ରଖିଛି। ତାହାକୁ ଧରି ପୋଖରୀରେ ପଶିଲେ ପୋଖରୀର ପାଣି କୁଆଡ଼େ ଦୁଇ ଭାଗ ହୋଇଯାଏ। ଏଇ ମଣିଟିକୁ କୁରାଳସେନ ଗୋଟାଏ କୋଠରୀରେ ଲୁଚାଇ ରଖିଛି।"

ମାତ୍ର 'କୁନି ଗୋଇନ୍ଦା'ଟିର ବିଷୟବସ୍ତୁ ସମ୍ପୂର୍ଣ୍ଣ ରହସ୍ୟ ରୋମାଂଚରେ ପରିପୂର୍ଣ୍ଣ। ଜେମସ୍‌ବଣ୍ଡ ସିରିଜ, ବା ଟାର୍ଜନ ସିରିଜ୍‌ରେ ରଚିତ ଉପନ୍ୟାସ ଶୈଳୀରେ ଏହି ଉପନ୍ୟାସଟିର କଥାବସ୍ତୁ ଗତିଶୀଳ ହୋଇଛି। କିଶୋର ବୟସର ପିଲାଙ୍କ ପାଇଁ ଏହା ଅତ୍ୟନ୍ତ ମୁଖପାଠ୍ୟ ହୋଇଛି। ଏଥିରେ ବର୍ଣ୍ଣିତ ଘଟଣା ସମୂହ ମଧ୍ୟ ଖୁବ୍ ରହସ୍ୟାତ୍ମକ। ଲେଖକଙ୍କ ବର୍ଣ୍ଣନା ଶୈଳୀ ପାଠକ ପ୍ରାଣରେ ରୋମାଂଚ ସୃଷ୍ଟି କରିଥାଏ। ଏଇ ଯେମିତି – "ଲୁହା ରେଲିଂଟିକୁ ନିଗ୍ରୋଟିର ପଛପଟେ ଲଗାଇ ଖୁବ୍ ଜୋରରେ ଆଦେଶ କଲା ଟିକନ୍– "ହ୍ୟାଣ୍ଡସ୍ ଅପ୍"।

ନିଗ୍ରୋ ଚମକି ପଡି ପଛକୁ ବୁଲି ଚାହିଁବାକୁ ଚେଷ୍ଟା କରନ୍ତେ ରେଲିଂଟିକୁ ତା' ମୁଣ୍ଡରେ ଲଗାଇ ଟିକନ୍ ଗମ୍ଭୀର କଣ୍ଠରେ କହିଉଠିଲଏା, "ଖବରଦାର, ପଛକୁ ବୁଲି ଚାହିଁବୁ ତ ତୋତେ କୁକୁର ଭଳି ଗୁଳି କରିବାକୁ ବାଧ ହେବି। ଚୁପ୍‌ଚାପ୍ ଆଦେଶ ପାଳନ କର।" (୨)

**ଡ଼.ରଜନୀରଞ୍ଜନଙ୍କ ଶିଶୁ କାହାଣୀର ସ୍ୱତନ୍ତ୍ରତା :**

ସତୁରୀରୁ ଅଶୀ ଦଶକରେ ଓଡ଼ିଆ ଶିଶୁସାହିତ୍ୟରେ ଅନେକ ହାସ୍ୟରସାତ୍ମକ କାହାଣୀ ରଚନା କରାଯାଇଥିଲା। ପାଠକଙ୍କୁ ହସାଇବା ସହିତ ମନୋରଞ୍ଜନ ପ୍ରଦାନ ହିଁ ଏହି ଧରଣର କାହାଣୀର ମୁଖ୍ୟସ୍ୱର। ଏହି ସମୟରେ ହାଡିବନ୍ଧୁ ମିଶ୍ର, ବଟକୃଷ୍ଣ ସ୍ୱାଇଁ, ମହେଶ୍ୱର ମହାନ୍ତି, ରମେଶଚନ୍ଦ୍ର ଭଞ୍ଜ, ବୀରେନ୍ଦ୍ର କୁମାର ସାମନ୍ତ ରାୟ, ପଙ୍କିଜିନୀ ଦାଶଙ୍କ ଭଳି ନାମକରା ଶିଶୁସାହିତ୍ୟିକ ହାସ୍ୟରସାତ୍ମକ କାହାଣୀ ରଚନା କରି ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିଲେ। ସେମାନଙ୍କ ପ୍ରଭାବରେ ପ୍ରଭାବିତ ହୋଇ ଡ଼.ରଜନୀରଞ୍ଜନ ମଧ୍ୟ ଅନେକ ହାସ୍ୟରସାତ୍ମକ କାହାଣୀ ରଚନା କରିଛନ୍ତି। 'ଅଗାଧୁ ପାଣ୍ଡେ ପାଇଲେ ପାନେ' ସଂକଳନରେ ସ୍ଥାନିତ ଦଶଟି ଗଳ୍ପ ତଥା 'ଡ଼.ରଜନୀରଞ୍ଜନଙ୍କ ମଜାଗପ'ରେ ସ୍ଥାନିତ ଦଶଟି ଗପ ଏକାଧରଣର। ଦୁଇଟି ବହିର ନାମ କେବଳ ଭିନ୍ନ ଭିନ୍ନ। ମାତ୍ର ଗଳ୍ପ ଦଶଟି ସମାନ। ଯେଉଁ ଦଶଟି ଗଳ୍ପ ଏଥିରେ ସ୍ଥାନ ପାଇଛି; ସେଗୁଡିକ ହେଲା– 'ଅଗାଧୁ ପାଣ୍ଡେ ପାଇଲେ ପାନେ', 'କାଳିଆ ଆସିଲା', 'ବାଘ ଶିକାର', 'ରଙ୍ଗବତୀ ପାଇଁ ଯୋଗୀବେଶ', 'ବାଲୁଙ୍ଗା ସାଂସଦ', 'ହାଡୁବଇଦ ବଟିକା', 'କାଂଚି ଅଭିଯାନ', 'ବେଙ୍ଗରାଶିକୁ ଚେଙ୍ଗରାଶି', 'ଗୁଣମଣି ଗୁଣସାଗର', 'ହଇରେ କୁଲୁ ଏଇଆ କଲୁ' ଏ ସମସ୍ତ ଗଳ୍ପରେ ନିରୁତା ହାସ୍ୟ ରସର ଧାରାଟି ପ୍ରବାହିତ ହେଉଛି। ଏସବୁକୁ ପାଠ କରିବା ମାତ୍ରେ ପାଠକେ ନ ହସି ରହିପାରିବେ ନାହିଁ। ଏଇ ଯେମିତି– "ରହରେ ଶଶୁର ପୁଏ। କେମିତି ଯାତ କରିବ ଦେଖିବା। ଦି' ଅକ୍ଷର ପାଠ ପଢିଛି ବୋଲି ଏ ଅଗାଧୁଆ କୁହା ତୁମ ଖାତିରକୁ ଆସୁନି, ନାଇଁ?"(୩)

ସେହିପରି ପାରମ୍ପରିକ ରଜାଘର କାହାଣୀ ଆଧାରରେ ସେ ରଚନା କରିଛନ୍ତି 'କୁନିର କାହାଣୀମାଳା' (୨ୟ ଭାଗ)। ଏଥିରେ ତାଙ୍କର ଲୋକକଥା ଶୈଳୀର ପ୍ରୟୋଗ ପୂର୍ଣ୍ଣତଃ ପ୍ରତିଫଳିତ ହୋଇଛି। ଶିକାର କାହାଣୀକୁ ନେଇ ସେ ରଚନା କରିଥିଲେ 'କାଳୁପଡ଼ାର କାଳରାତି'। ଏଥିରେ ନାନାବିଧ ଶିକାର କାହାଣୀ ଦେଖିବାକୁ ମିଳେ।

ପଶୁପକ୍ଷୀମାନଙ୍କୁ ଚରିତ୍ର କରି ସେ ରଚନା କରିଛନ୍ତି 'ଛୋଟ ଜଙ୍ଗଲର କାହାଣୀ' (୨୦୨୨)। ଏଥିରେ ସର୍ବମୋଟ ତେର ଗୋଟି ଶିକ୍ଷଣୀୟ କାହାଣୀ ସ୍ଥାନ ପାଇଛି। ଯେଉଁ ଗଳ୍ପକୁ ନେଇ ଏହି କାହାଣୀ ପୁସ୍ତକଟି ସମୃଦ୍ଧ ହୋଇଛି, ସେଗୁଡିକ ହେଲା– 'ଛୋଟ ଜଙ୍ଗଲର କାହାଣୀ', 'ବନ୍ଧୁ ହେବ ସିନା ଏମିତି', 'ଚିତାବାଘ ଓ ମାଙ୍କଡ଼', 'କୁକୁର ଓ ମଣିଷ', 'ବିଶ୍ୱାସ ଅବିଶ୍ୱାସ', 'ଆଗଚଲା ମାଙ୍କଡ଼', 'ବାଘ ମାମୁଁ ଓ ଚଷମା', 'ଘୁଷୁରି ପ୍ରକୃତି', 'ବାଘ ଓ ମଣିଷ', 'ଫଳପାଆ', 'ପୋଲ ତିଆରି ହେଲା', 'ବାଘ ଓ ମିଠା ଆଳୁ' ତଥା 'ଭୁଲଭଟକା'।

ଏ ସମସ୍ତ ଗଳ୍ପର ଚରିତ୍ର ପଶୁପକ୍ଷୀ। ପଶୁପକ୍ଷୀଙ୍କ ମୁହଁରେ ମଣିଷ ଭଳି କଥା କୁହାଇଛନ୍ତି ଗାଳ୍ପିକ। ଗଳ୍ପଗୁଡିକର ଅନ୍ତଃସ୍ୱର ହେଲା ଆନନ୍ଦ ପ୍ରଦାନ ସହିତ ନୀତିଶିକ୍ଷା ପ୍ରଦାନ। ମିଥ୍ୟାକଥନର କୁପରିଣତି, ବନ୍ଧୁତାର ସୁଫଳ, ଅବିଶ୍ୱାସୀ ବନ୍ଧୁତାର ଭୟାବହତା, ଆଗଚଲା ହେବାର କୁଫଳ। ବନ୍ଧୁଦ୍ରୋହର କୁପରିଣତି, ଏକତାର ମନ୍ତ୍ର, ଅନ୍ଧ ବୁଝାମଣାର ଫଳ ଆଦିକୁ ଉପଜୀବ୍ୟ କରି ଏ ସମସ୍ତ ଗଳ୍ପ ରଚନା କରାଯାଇଛି। ନ ବୁଝି ନ ଶୁଝି କାମ କଲେ ତା'ର ଫଳ କେତେ ଭୟଙ୍କର ହୋଇଉଠେ; ଏହି କଥାଟିକୁ ପିଲାମାନଙ୍କୁ ଜଣାଇବା ପାଇଁ ସେ 'ଭୁଲ୍‌ଭଟକା' (ପୃ:୬୩) ଗଳ୍ପ ରଚନା କରିଛନ୍ତି। ଠେକୁଆ, ହାତୀ, ବିଲୁଆ, ସିଂହପରି ଚରିତ୍ରଙ୍କୁ ନେଇ ଗଳ୍ପଟି ଗତିଶୀଳ ହୋଇଛି। ଏହି କାହାଣୀଟିରେ ହିନ୍ଦୀ ଗଳ୍ପ 'ଆସମାନ ଗିର୍‌ଗୟା'ର ପ୍ରଭାବ ପୂର୍ଣ୍ଣତଃ ପଡିଛି। ହେଲେ ଡ଼.ରଜନୀରଞ୍ଜନଙ୍କ ମନଛୁଆଁ ଗଳ୍ପ କଥନ ଶୈଳୀ ମୂଳହିନ୍ଦୀକୁ ବଳିଯାଇଛି।

ଏ ପୁସ୍ତକରେ ଥିବା ଅନ୍ୟ ସମସ୍ତ ଗଳ୍ପରେ ତାଙ୍କର ମନଛୁଆଁ ସଂଳାପଧର୍ମୀ ପରିବେକ୍ଷଣ ଶୈଳୀ ହିଁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ଭାବରେ ବାରି ହୋଇପଡ଼େ। ଏଇ ଯେମିତି– "ସେ ଗଛରେ ଓହଳିପଡି କହିଲା ସାନମାମୁଁ! ଆଚ୍ଛା! କହିଲା, କୁମ୍ଭୀର ବୋଲି କିଏ ଅଛି କି? ହେଟା କହିଲା, "ଜରୁର୍ ଅଛି।"

ଛୁଆ ମାଙ୍କଡ଼ କହିଲା, "ତମେ ଦେଖିଛ କି?"

ହେଟା କହିଲା, ଦେଖିନି ସିନା, ଅନ୍ୟମାନଙ୍କଠାରୁ ଶୁଣିଛି।'(୪)

ଛୋଟ ଛୋଟ ବାକ୍ୟ, ସହଜ ସରଳ ଶବ୍ଦବଳୀର ଚୟନ ତଥା ଶିଶୁ ମନଲାଖି ଭାଷାରେ କାହାଣୀର ଉପସ୍ଥାପନ ହିଁ ଡ଼.ରଜନୀରଞ୍ଜନଙ୍କ ଗଳ୍ପର ସ୍ୱତନ୍ତ୍ରତା। ନୀତିଶିକ୍ଷା ପ୍ରଦାନ ସହିତ ପିଲାଙ୍କ ମନରେ ହାସ୍ୟରସର ଭାବ ସଂଚାର ତାଙ୍କ ଗଳ୍ପର ଅନ୍ୟତମ ବୈଶିଷ୍ଟ୍ୟ। ହସ୍ୟରସାତ୍ମକ ଗଳ୍ପରେ ନିରୁତା ଗ୍ରାମାଂଚଳର ଲୋକମୁଖର ଭାଷା ପ୍ରୟୋଗ କରି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଯାହା ଫଳରେ ତାଙ୍କର ଗଳ୍ପଗୁଡିକୁ ପାଠ କଲେ ପିଲାମାନେ ବହୁ ପରିମାଣରେ ଆନନ୍ଦ ଲାଭ କରନ୍ତି।

**ଶିଶୁକବିତାର ସୂକ୍ଷ୍ମ କାରିଗରୀ:**

ଗଳ୍ପ ରଚନା ସହିତ ସେ ଯେ କବିତା ରଚନାରେ ବେଶ୍ ଧୁରନ୍ଧର; ତାହା ତାଙ୍କ ରଚିତ କବିତା ପୁସ୍ତକକୁ ପାଠ କଲେ ସହଜରେ ଜାଣିହୁଏ। କୋମଳମତି ଶିଶୁଙ୍କୁ ନାନାବାୟାଗୀତ ଶୈଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ବସ୍ତୁର ଆକାରଭେଦକୁ ସୂଚାଇବା ନିମିତ ସେ କିଛି ଚିତ୍ରବହୁଳ କବିତା ପୁସ୍ତକ ରଚନା କରିଛନ୍ତି। ଏଗୁଡିକ ପ୍ରି ସ୍କୁଲ ପିଲାମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର ଆନୁକୂଲ୍ୟରେ ପ୍ରକାଶିତ ହୋଇଥିଲା।

ପିଲାମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ସମ୍ପର୍କରେ ଧାରଣା ଦେବ, ଗୁରୁଜନଙ୍କ କଥା ମାନିବା, ଭଲ ପାଠ ପଢିବା ତଥା ବିଭିନ୍ନ ପଶୁପକ୍ଷୀଙ୍କ ବିଷୟରେ ଧାରଣା ଦେବା ନିମିତ ସେ 'ଝୁମୁରୁଝାଇଁ' କବିତା ପୁସ୍ତକଟିକୁ ରଚନା କରିଛନ୍ତି। ବଉଳାଗାଈ ଓ ଟୁକୁନା ନାମକ ବାଳକକୁ ଚରିତ୍ର କରି ଏହି କବିତା ପୁସ୍ତକ ଗତିଶୀଳ ହୋଇଛି। ପ୍ରତିଦିନ ଗାଧୋଉ ନଥିବାରୁ ବଉଳା କୁନାକୁ ଶୁଣାଇ କହିଛି–

"ବଉଳା କହେ ମୁହଁକୁ ମୋଡ଼ି /ଯାଆତୁ ବେଗେ ଏ ଜାଗା ଛାଡ଼ି /ଗାଧୋଉ ନାହୁଁ ତୁହିଁ,/ ଯାଆ, ଆସନା, ଯାଆ ତୁ ବେଗେ/ କ୍ଷୀର ମୁଁ ଦେବି ନାହିଁ।"(୫)

ସେହିପରି ପିଲାମାନଙ୍କୁ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ସଚେତନ କରାଇବା ଲକ୍ଷ୍ୟରେ ସେ ରଚନା କରିଛନ୍ତି 'ନ ହୁଏ ତାକୁ ରୋଗ' କବିତା ପୁସ୍ତକ।

ଖାଦ୍ୟ ଖାଇବା ବେଳେ କିପରି ମାଛି ଉଡ଼ାଇ ଖାଇବ, ତାହାର ଏକ ସୁନ୍ଦର ନମୁନା ସେ ରମା ନାମକ ଝିଅ ମାଧ୍ୟମରେ କହିଛନ୍ତି–

"ବସଲ ଯେବେ ଖାଇ/ ଥାଳୀରୁ ମାଛି ଉଡ଼ାଇ ଦିଏ /ଖାଏ ଗରମ ଥାଇ।"(୬)

ସେହିପରି 'କୁମାର ପେଟ କଥା' ତଥା 'ମୁଆଁଖିଆ' ଶୀର୍ଷକରେ ରଚନା କରି ସ୍ୱାସ୍ଥ୍ୟରକ୍ଷାର ସଚେତନ ବାର୍ତା ସେ ପିଲାମାନଙ୍କୁ ପ୍ରଦନା କରିଛନ୍ତି, କାହାର ଅଇଁଠା କେହି ଖାଇବା ଉଚିତ୍ ନୁହେଁ। ଏଥିରେ ରୋଗ ଅନ୍ୟ ଜଣକୁ ସଂକ୍ରମିତ ହୁଏ, ଏଇ ସଚେତନତାପୂର୍ଣ୍ଣ ବାର୍ତା ଶୁଣାଇ ସେ ଲେଖିଛନ୍ତି–

"କାହା ଅଇଁଠା କେହି ଖାଇବା /ଜମାରୁ ଭଲ ନୁହେଁ / ଜଣକ ରୋଗ ଆଉ ଜଣକୁ / ଦିହକୁ ସିନା ଡିଏଁ।"(୭)

ଗୃହରେ ଝରକାର ଆବଶ୍ୟକତାକୁ ଉପଲବ୍ଧି କରିବା ପାଇଁ ସେ 'ଝରକା' ନାମରେ କବିତା ପୁସ୍ତକଟିଏ ରଚନା କରିଛନ୍ତି। ଝରକା ଦେଇ ନାଲି ସୂରୁଜଙ୍କୁ ଦେଖିହୁଏ–

"ନାଲି ସୁରୂଜ ଆସେ / ଝରକା ବାଟେ ହସେ,/ ଆଲୁଅ ପଡି ଘରଟା ସାରା/ ଫରଚା କେଡ଼େ ଦିଶେ।"(୮)

ଝରକା ଦେଇ ମୁକ୍ତ ପବନ ଘର ଭିତରକୁ ଛୁଟି ଆସିଲେ ଦେହଟା ଉଲୁସି ଉଠେ। ତେଣୁ ସେ ଲେଖନ୍ତି–

"ଏଇ ଝରକା ବାଟେ, /ଖୋଲା ପବନ ଛୁଟେ/ଘର ଭିତର ଲାଗଇ ଭଲ /ଦେହ ଉଲୁସି ଉଠେ।"(୯)

ସାଧାରଣତଃ ଛୋଟ ପିଲାମାନେ ବିଭିନ୍ନ ପଶୁପକ୍ଷୀଙ୍କର ଶବ୍ଦ ଅନୁକରଣ କରି ସେହିପରି ଶବ୍ଦ କରିବାକୁ ଭଲ ପାଆନ୍ତି। ବିଭିନ୍ନ ପଶୁପକ୍ଷୀଙ୍କ ସମ୍ବନ୍ଧରେ ପରଚୟ ଦେବା ସହିତ ପଶୁପକ୍ଷୀଙ୍କ ଶବ୍ଦ ସହିତ ପରିଚିତ କରାଇବା, ଶବ୍ଦର ପ୍ରଭେଦ ଜାଣିବା ତଥା ଶବ୍ଦର ଜୀବଜନ୍ତୁଙ୍କୁ ଭଲ ଭାବରେ ଜାଣିବା ଉଦ୍ଦେଶ୍ୟରେ ସେ "କିଏ କେମିତି ରାବେ" କବିତା ପୁସ୍ତକ ରଚନା କରିଛନ୍ତି। କୁକୁର ଓ ବିଲୁଆଙ୍କ ଡ଼ାକ ବୁଝାଇବାକୁ ସେ ଲେଖିଛନ୍ତି–

"ଟିକିଏ କାହିଁ ଖୁଡ୍ କଲେ / କୁକୁର ଭୋ– ଭୋ,/ବଣବୁଦାରୁ ବିଲୁଆ ଡାକେ/ ରାତିରେ ହୁକେ-ହୋ।"(୧୦)

ସେହିପରି ଅନ୍ୟ ଏକ ଉଦାହରଣ ଦେଖନ୍ତୁ–

"କୁକୁଡ଼ା ଡାକେ କଅକ୍-କକ୍ / କାଉ ରାବଇ କା'/ ନିଦରୁ ଉଠି ଟିକି ଝିଅଟି / ଡାକଇ ମା'-ମା'(୧୧)

ମୋଟ ଉପରେ କହିବାକୁ ଗଲେ ଡ଼.ରଜନୀରଞ୍ଜନଙ୍କର ଶିଶୁ କବିତା ସମୂହ ମୁଖ୍ୟତଃ ଆନନ୍ଦ ପ୍ରଦାନ ନିମିତ ରଚିତ। ପରିବୋଧ ପ୍ରଦାନ ତା'ର ଆଙ୍ଗିକ ମୌଷ୍ଟବ....। ନୀତିଧର୍ମ ତାର ତା'ର ଅନ୍ୟତମ ଆତ୍ମିକ ଉପାଦାନ।

**ସେ ଜଣେ ସଫଳ ସମ୍ପାଦକ :**

ଶିଶୁ ପତ୍ରିକା 'ଟିକିଫୁଲ' ହିଁ ଡ଼.ଦାଶଙ୍କ ଶିଶୁସାହିତ୍ୟ ରଚନାର ଆଦ୍ୟଭୂମି। ଏହାପରେ ସେ ତ୍ରିଲୋଚନ ମହାନ୍ତିଙ୍କ ସହିତ ମିଶି 'ବାଲି ରାଇଜ' ପତ୍ରିକା ସମ୍ପାଦନା କରିଥିଲେ। ଏହା ସେତେବେଳେ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। 'ବାଲିରାଇଜ'ର ଅଳ୍ପ କେତୋଟି ସଂଖ୍ୟା ପ୍ରକାଶନ ପରେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥିଲା। ଲହାପରେ ୧୯୮୭ ମସିହା ମାଘ ମାସରେ ତାଙ୍କ ସମ୍ପାଦନାରେ "ଧୋରେ ବାଇଆ ଧୋ" ପ୍ରକାଶ ପାଇଥିଲା। ପତ୍ରିକାଟି ବେଶ୍ କିଛି ଦିନ ଧରି ପ୍ରକାଶିତ ହୋଇଥିଲା। ଜନତା ଦଳ ସମ୍ପାଦକ ଭାବରେ ଡ଼.ଦାଶ ନିଜର ମୌଳିକ ଦୃଷ୍ଟିଭଙ୍ଗୀ, ଆଙ୍ଗିକ ଓ ଆତ୍ମିକତାରେ ପରୀକ୍ଷାନିରୀକ୍ଷା କରି ସଫଳତା ହାସଲ କରିଥିଲେ।

ମୋଟାମୋଟି ଭାବରେ କହିଲେ ଓଡ଼ିଆ ଶିଶୁସାହିତ୍ୟର ଜଣେ ସଫଳ ସ୍ରଷ୍ଟା ତଥା ଦ୍ରଷ୍ଟା ଏବଂ ସମ୍ପାଦକ ଭାବରେ ଡ.ରଜନୀରଞ୍ଜନ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛନ୍ତି। ଗଳ୍ପ, ଉପନ୍ୟାସ, କବିତା ରଚନା ତଥା ପତ୍ରିକା ସମ୍ପାଦନା କ୍ଷେତ୍ରରେ ସେ ନିଜର ମୌଳିକ ଚିନ୍ତନକୁ ଅକ୍ଷୁର୍ଣ୍ଣ ରଖିବା ସହିତ ନାନାବିଧ ପରୀକ୍ଷାନିରୀକ୍ଷା କରି ସଫଳତାର ଶୀର୍ଷକୁ ଯାଇପାରିଛନ୍ତି। ନବେଦଶକ ପରଠାରୁ ଓଡ଼ିଆ ସିନେମା ଜଗତରେ ଗୀତିକାର, କାହାଣୀ, ପଟ୍ଟକଥା ଓ ସଂଳାପ ଲେଖକ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ କରିଥିଲେ ହେଁ ଶିଶୁସାହିତ୍ୟ ରଚନାରୁ ବିମୁଖ ହୋଇନାହାନ୍ତି। ଶିଶୁସାହିତ୍ୟ ପ୍ରତି ତାଙ୍କର ଏବେ ମଧ୍ୟ ଅହେତୁକ ଦୁର୍ବଳତା ରହିଛି। ଏବେ ମଧ୍ୟ ସେ ପିଲାମାନଙ୍କ ନିମିତ ଗଳ୍ପ, କବିତା ରଚନା କରି ଆତ୍ମସନ୍ତୋଷ ଲାଭ କରୁଛନ୍ତି।

♥ ଆଇଭିବି ୫୦/୧, ୟୁନିଟ୍-୩
ପୋ: ଖାରବେଳନଗର
ଭୁବନେଶ୍ୱର-୧,
ମୋ: ୬୩୭୨୯୧୫୪୧୮

# ହରିତ୍ କ୍ରାନ୍ତିର ଚିନ୍ତାନାୟକ



## ଆଶିଷ କୁମାର ସ୍ୱାଇଁ

ଭାରତରେ ବହୁତ କ୍ରାନ୍ତି ହେଇଛି, ଇତିହାସ ପୃଷ୍ଠାକୁ ଅବଲୋକନ କଲେ ଆମେ ଜାଣିପାରିବା। ଆମ ସ୍ୱାଧନତା ପାଇଁ ସଶସ୍ତ୍ର କ୍ରାନ୍ତି ହେଉ କି ଅହିଂସକ କ୍ରାନ୍ତି, କି ଜୟ ପ୍ରକାଶ ନାରାୟଣଙ୍କ ସମ୍ପୂର୍ଣ କ୍ରାନ୍ତି କିମ୍ବା ଆନ୍ନା ହଜାରେଙ୍କ ଜନ ଲୋକପାଳ କ୍ରାନ୍ତି... ଏମିତି ଅନେକ କ୍ରାନ୍ତି। ଏହି ଭିତରେ ଆମେ ବହୁ ବୈଜ୍ଞାନିକ କ୍ରାନ୍ତିର ବି ସାକ୍ଷୀ ହୋଇଆସୁଛେ। ସେହି ଭିତରୁ ହରିତ୍ କ୍ରାନ୍ତି ବା ସବୁଜ କ୍ରାନ୍ତି ଏକ ବିଶେଷ ଗୁରୁତ୍ୱ ବହନ କରେ। ସେହି କ୍ରାନ୍ତିର ଜନକଙ୍କୁ ଆମେ ହରେଇଲେ। ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ପୂର୍ବକ ମୁଁ ଏହି ଆଲେଖ୍ୟ ମାଧ୍ୟମରେ ତାଙ୍କ ସ୍ମୃତିଚାରଣ କରିବାକୁ ମନସ୍ଥ କଲି।

ଡ଼ଃ ମୋଙ୍କୋମ୍ବୁ ଶାମ୍ବଶିବନ ସ୍ୱାମୀନାଥନ୍, ଯିଏ ଏମ୍. ଏସ୍. ସ୍ୱାମୀନାଥନ୍ ନାମରେ ଭାରତ ସମେତ ବୈଶ୍ୱିକ କୃଷି ତଥା ବିଜ୍ଞାନ ଜଗତରେ ବେଶ୍ ଜଣାଶୁଣା ନାମଟିଏ । ତାଙ୍କର ଅଗ୍ରଗାମୀ ଅବଦାନ କେବଳ ଭାରତର କୃଷି ଦୃଶ୍ୟପଟ୍ଟକୁ ପରିବର୍ତ୍ତନ କରିନାହିଁ ବରଂ ବିଶ୍ୱର ଖାଦ୍ୟ ନିରାପତ୍ତା ଉପରେ ଏକ ଅମଳିନ ଛାଡିଛି। ବିଶ୍ୱରେ ସବୁଜ ବିପ୍ଳବ ର ଜନକ ନୋର୍ମନ ବୋର୍ଲୋଗ୍‌ଙ୍କ ପଦାଙ୍କ ଅନୁସରଣ କରି ସ୍ୱାମୀନାଥନ୍ 'ଭାରତରେ ସବୁଜ ବିପ୍ଳବର ପିତା' ଭାବରେ ମାନ୍ୟତା ପାଇଛନ୍ତି ଏବଂ କୃଷି ବିଜ୍ଞାନ ଏବଂ ନୀତି ଜଗତରେ ଜଣେ ସମ୍ମାନିତ ବ୍ୟକ୍ତି ଅଟନ୍ତି।



ଅଗଷ୍ଟ ୭, ୧୯୨୫ ମସିହାରେ ତାମିଲନାଡୁର କୁମ୍ଭାକୋନମରେ ଜନ୍ମଗ୍ରହଣ କରିଥିବା ଡକ୍ଟର ସ୍ୱାମୀନାଥନଙ୍କ କୃଷି ବିଜ୍ଞାନ ଜଗତକୁ ଯାତ୍ରା ସ୍ଥିର ହୋଇଥିଲା। ସେ କୃଷି କ୍ଷେତ୍ରରେ ମାଡ୍ରାସ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଡକଟରେଟ୍ ଡ଼ିଗ୍ରୀ ହାସଲ କରିଥିଲେ। ତାଙ୍କର ଅନୁସନ୍ଧାନ ମୂଳତଃ ଉଦ୍ଭିଦ ଆନୁବଂଶିକି/ଜେନେଟିକ୍ସ ଏବଂ ପ୍ରଜନନ ବିଜ୍ଞାନ ଉପରେ ପର୍ଯ୍ୟବେଶିତ ଥିଲା।

ସବୁଜ ବିପ୍ଳବ ତଥା ହରିତ୍ କ୍ରାନ୍ତି ଶବ୍ଦ ତଥା ବିଚାର ସ୍ୱାମୀନାଥନଙ୍କ ମାନସ ସନ୍ତାନ କହିଲେ କିଛି ଅତିଶୟୋକ୍ତି ହେବନାହିଁ। ୧୯୬୦ ଏବଂ ୧୯୭୦ ଦଶକର ଭାରତରେ କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନର ଆବଶ୍ୟକତା ଅବସମ୍ଭାବି ହୋଇପଡ଼ିଲା। ଏକ ସମୟରେ ଯେତେବେଳେ ଭାରତ ଖାଦ୍ୟ ଅଭାବର ସମ୍ମୁଖୀନ ହେଲା, ଉଚ୍ଚ ଅମଳକ୍ଷମ ଗହମ ଏବଂ ଚାଉଳ କିସମର ବିକାଶରେ ତାଙ୍କର ଅଭିନବ ଅନୁସନ୍ଧାନ ଫସଲ ଉତ୍ପାଦନରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିଲା । ଉନ୍ନତ ପ୍ରଣାଳୀ କୃଷି ଅଭ୍ୟାସ ସହିତ ନୂତନ କିସମର ବୀଜ ବ୍ୟବହାର ଫସଲ ଅମଳକୁ ଯଥେଷ୍ଟ ବୃଦ୍ଧି କଲା ଏବଂ ଭାରତକୁ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କଲା । ଏହା କେବଳ ଦୁର୍ଭିକ୍ଷର ଆଶଙ୍କାକୁ ଏଡ଼ାଇ ଦେଇନାହିଁ ବରଂ ସ୍ୱାଧୀନତୋତ୍ତର ଭାରତର କୃଷିଭିତ୍ତିକ ଅର୍ଥନୀତି ଅଭିବୃଦ୍ଧିର ମୂଳଦୁଆ ପକାଇଲା। ସବୁଜ ବିପ୍ଳବରେ ସଫଳତା ପରେ ଆହୁରି ଅନେକ କାର୍ଯ୍ୟ ଯେପରିକି କୃଷକଙ୍କ ମାନସିକତାରେ ପରିବର୍ତ୍ତନ, ସରକାରୀ ନୀତିଗତ ପରିବର୍ତ୍ତନ, ଢାଞ୍ଚାଗତ ବିକାଶ ଏବଂ ବିଶ୍ୱସନୀୟତା ପାଇଁ ବହୁତ ଭବିଷ୍ୟତ କାର୍ଯ୍ୟପନ୍ଥା ସମୟାନୁକ୍ରମେ ପ୍ରଣୟନ କରାଗଲା।

> ଏକ ସମୟରେ ଯେତେବେଳେ ଭାରତ ଖାଦ୍ୟ ଅଭାବର ସମ୍ମୁଖୀନ ହେଲା, ଉଚ୍ଚ ଅମଳକ୍ଷମ ଗହମ ଏବଂ ଚାଉଳ କିସମର ବିକାଶରେ ତାଙ୍କର ଅଭିନବ ଅନୁସନ୍ଧାନ ଫସଲ ଉତ୍ପାଦନରେ ଏକ ଆମୂଳଚୂଳ ପରିବର୍ତ୍ତନ ଆଣିଲା । ଉନ୍ନତ ପ୍ରଣାଳୀ କୃଷି ଅଭ୍ୟାସ ସହିତ ନୂତନ କିସମର ବୀଜ ବ୍ୟବହାର ଫସଲ ଅମଳକୁ ଯଥେଷ୍ଟ ବୃଦ୍ଧି କଲା ଏବଂ ଭାରତକୁ ଖାଦ୍ୟ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କଲା ।

ପାରମ୍ପାରିକ କୃଷି ପଦ୍ଧତିରେ ବୁଡି ରହିଥିବା ଭାରତୀୟ କୃଷକମାନଙ୍କୁ ନୂତନ କିସମର ଗହମ ବ୍ୟବହାର ପାଇଁ ଉତ୍ସାହିତ କରାଗଲା। ୧୯୬୬ ମସିହାରେ ସ୍ୱାମୀନାଥନ ନିଜେ ନୂଆଦିଲ୍ଲୀ ଉପକଣ୍ଠରେ ଥିବା ଗ୍ରାମଗୁଡିକରେ ୨୦୦୦ ମଡେଲ୍ ଫାର୍ମ ସ୍ଥାପନ କରି କୃଷକମାନଙ୍କୁ ନୂତନ କିସମ ବିହନ ର ଗୁଣବତ୍ତା ବିଷୟରେ ପରୀକ୍ଷାମୂଳକ ଭାବରେ ଦର୍ଶାଇଲେ। ଧିରେ ଧିରେ କୃଷକ ସମାଜରେ ଏକ ନୂତନ ଆଶା ସଞ୍ଚାରିତ ହେଲା, ଏମତିକି ବିହନ ର ଚାହିଦା ବଢ଼ିବାରେ ଲାଗିଲା ଯାହା ଫଳରେ ଏହି ଦାରୁଣ ସମୟରେ ସୁଦୂର ମେକ୍ସିକୋ ରୁ ୧୮,୦୦୦ ଟନ୍ ବିହନ ଆମଦାନୀ ପାଇଁ ସରକାରୀ ସହଯୋଗର ଆବଶ୍ୟକତା ଉପନୀତ ହେଲା।

ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଲାଲ ବାହାଦୂର ଶାସ୍ତ୍ରୀ (୧୯୦୪-୧୯୬୬) ଏବଂ ପରବର୍ତ୍ତୀ ସମୟରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ (୧୯୧୭-୧୯୮୪) ତାଙ୍କୁ ଖୋଲାଖୋଲି ଭାବରେ ଭାରତର ଏକ ନୂତନ କୃଷି କାର୍ଯ୍ୟକ୍ରମ ତଥା ନୀତିଗତ ପରିବର୍ତ୍ତନ ପାଇଁ ଯାହା କାର୍ଯ୍ୟସାପେକ୍ଷ ତାହା କରିବା ପାଇଁ ସରକାର ବଦ୍ଧପରିକର ବୋଲି ଆଶ୍ୱସ୍ତ କଲେ। ଯାହାଫଳରେ ୬୦ ଦଶକ ରେ ଭାରତ କେବଳ ୧୨ ନିୟୁତ ଟନ୍ ଗହମ ଉତ୍ପାଦନ କରୁଥିବା ବେଳେ, ସଦ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ଅଧୁନା ଭାରତ ୧୧୨ ନିୟୁତ ଟନ୍ ଗହମ ଉତ୍ପାଦନ କରୁଛି। ଏହା ଭାରତୀୟ କୃଷକ ସମାଜର ଆତ୍ମନିର୍ଭର ଭାରତ ନିର୍ମାଣ ପାଇଁ ଥିବା ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି।

ଡକ୍ଟର ସ୍ୱାମୀନାଥନଙ୍କ ପାଇଁ ପରିବେଶ ସୁରକ୍ଷା ସର୍ବଦା ଏକ ପ୍ରମୁଖ ଚିନ୍ତାର ବିଷୟ ଥିଲା । ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ବର୍ଦ୍ଧିତ ଖାଦ୍ୟ ଉତ୍ପାଦନକୁ ସନ୍ତୁଳିତ କରିବାର ଆବଶ୍ୟକତା ଉପରେ ସେ ନିରନ୍ତର କୃଷି ପାଇଁ ଦୃଢ଼ ଭାବେ ନିଜ ମତ ପ୍ରତିପାଦନ କରିଆସୁଥିଲେ। ତାଙ୍କର 'ଏଭରଗ୍ରୀନ୍ ବିପ୍ଳବ' ର ଧାରଣା ପରିବେଶ ଅନୁକୂଳ ଚାଷ ପ୍ରଣାଳୀ ଏବଂ ଜୈବ ବିବିଧତା ସଂରକ୍ଷଣକୁ ପ୍ରୋତ୍ସାହିତ କରେ । ଭାରତ ବାହାରେ ଡକ୍ଟର ସ୍ୱାମୀନାଥନ ଆନ୍ତର୍ଜାତୀୟ କୃଷି ବିକାଶରେ ମଧ୍ୟ ସକ୍ରିୟ ଭାବରେ ଜଡିତ ଥିଲେ। ସେ ମିଳିତ ଜାତିସଂଘ ଏବଂ ଖାଦ୍ୟ ଏବଂ କୃଷି ସଂଗଠନ (**FAO**) ସମେତ ବହୁ ଆନ୍ତର୍ଜାତୀୟ ସଂଗଠନର ପରାମର୍ଶଦାତା ଭାବରେ କାର୍ଯ୍ୟ କରିଆସୁଥିଲେ ଏବଂ ଖାଦ୍ୟ ନିରାପତ୍ତାର ଆବଶ୍ୟକତାକୁ ବୈଶ୍ୱିକ ସ୍ତରରେ ପ୍ରୋତ୍ସାହିତ କରୁଥିଲେ।

ତାଙ୍କ ଉଲ୍ଲେଖନୀୟ ଅବଦାନ ମଧ୍ୟରୁ କୃଷି କ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ ଉପରେ ତାଙ୍କ ଗୁରୁତ୍ୱ ବାସ୍ତବରେ ସ୍ୱାଗତଯୋଗ୍ୟ । ସେ କୃଷି କ୍ଷେତ୍ରରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକୃତି ଦେଇଆସୁଥିଲେ ଏବଂ କୃଷି କାର୍ଯ୍ୟକଳାପର ସମସ୍ତ ଦିଗରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାର ପକ୍ଷଧର ଥିଲେ। ଏହା କେବଳ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିନାହିଁ ବରଂ ସେମାନଙ୍କର ସମ୍ବଳ ତଥା ଆୟ ଉପାର୍ଜନ ସୁଯୋଗ ବୃଦ୍ଧି କରିବା ସହ କ୍ଷୁଦ୍ର କୃଷିଭିତ୍ତିକ କୁଟୀର ଶିଳ୍ପ ଏବଂ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପରେ ମହିଳାଙ୍କ ଯୋଗଦାନ ବୃଦ୍ଧି ହୋଇପାରିଛି। ଯାହାଫଳରେ ଏହାର ସିଧାସଳଖ ପ୍ରଭାବ ଦାରିଦ୍ର୍ୟ ହ୍ରାସ ଏବଂ ସ୍ୱରୋଜଗାର ସୃଷ୍ଟି ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇପାରିଛି।

ପରିଶେଷରେ, ଭାରତୀୟ କୃଷିରେ ଡକ୍ଟର ସ୍ୱାମୀନାଥନଙ୍କ ଅବଦାନ ଗରିବ ଏବଂ କୃଷକର ଜୀବନରେ ପୂର୍ବ ଅପେକ୍ଷା ପ୍ରଗତି ଆଣିପାରିଛି। ତାଙ୍କର ଉଦ୍ଭାବନ, କୃଷକ ଶିକ୍ଷା ପ୍ରତି ତାଙ୍କର ପ୍ରତିବଦ୍ଧତା, ମହିଳାଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଧାରଣୀୟ କୃଷି ଅଭ୍ୟାସ ପାଇଁ ତାଙ୍କର ଓକିଲାତି ଖାଦ୍ୟ ସୁରକ୍ଷାକୁ ଉନ୍ନତ କରିଛି, ଦାରିଦ୍ର୍ୟ ହ୍ରାସ କରିଛି ଏବଂ ଅଗଣିତ ବ୍ୟକ୍ତିଙ୍କ ଜୀବିକା ବୃଦ୍ଧି କରିଛି। ତାଙ୍କ ବିଚାରରେ ଅନ୍ତ୍ୟୋଦୟର ଝଲକ ଦେଖିବାକୁ ମିଳେ, ସମାଜର ଶେଷ ଧାଡ଼ିରେ ଠିଆ ହୋଇଥିବା ଗରିବ ଅନ୍ନଦାତାର ମଙ୍ଗଳ କାମନା ତାଙ୍କ ବୈଜ୍ଞାନିକ ଜୟ ଯାତ୍ରାରେ ପ୍ରତିଭାଷିତ ହୁଏ।

ଜୟ ଯବାନ୍, ଜୟ କିଶାନ୍, ଜୟ ବିଜ୍ଞାନ୍, ଜୟ ଅନୁସନ୍ଧାନ୍ ।

♥ କବିସୂର୍ଯ୍ୟନଗର, ଗଞ୍ଜାମ

II ଆତ୍ମଜୀବନୀ II

# ମୋ ମାଆ ସୁବର୍ଣ୍ଣରେଖା ( ୧ )

## ଡ. ଶ୍ରୀକାନ୍ତ ଚରଣ ପାତ୍ର



### 'ଗଙ୍ଗା ସ୍ନାନ'

ଆମର ନଈ କୂଳିଆ ଗାଆଁ -----

ପୂର୍ବରେ ପ୍ରାୟ ଏକ କି:ମି:ଓ ଦକ୍ଷିଣରେ ୩କି:ମି: ଦୂରରେ ସୁବର୍ଣ୍ଣରେଖା ନଦୀ । ପିଲାଦିନେ ପ୍ରାୟ ପ୍ରତିଦିନ ନଦୀ ପାରିହୋଇ ଜଳେଶ୍ୱର ସହରକୁ ଯାଇ ଷଷ୍ଠରୁ ଏକାଦଶ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବା ଯାଏଁ ( ଅର୍ଥାତ ମଧ ଇଂରାଜୀରୁ ମେଟ୍ରିକ ଶେଷ ଯାଏଁ) ପଢିଛି ଯେହେତୁ କେବଳ ପ୍ରାଥମିକ ବିଦ୍ୟାଳୟ ଶେଷଯାଏଁ ଶିକ୍ଷାଲାଭର ସୁବିଧା ଆମ ଗାଆଁରେ ଓ ଅଞ୍ଚଳରେ ରହିଥିଲା । ବର୍ଷାଦିନେ 'ନୌକାଘାଟ'ରୁ ହୁଲି ଡଙ୍ଗାରେ ଚଢି ଓ ଖରାଦିନେ ନଦୀ ଭିତରେ ଅଳ୍ପ ପାଣି ଥିବା ସ୍ଥାନରେ ବା 'ଥଳ ଘାଟ'ରେ ଜଳରେ ଚାଲି ଚାଲି ନଦୀ ପାରି ହୋଇଛି ।

ସେହିପରି ଆମ ଅଞ୍ଚଳର ଲୋକମାନେ ବିଭିନ୍ନ କାମରେ ଯେପରିକି ହାଟବଜାର, ବ୍ଲକ, ତହସିଲ ଓ ଜମିକିଣାବିକା କାମ ଏବଂ ବସ୍, ରେଳଗାଡିରେ ଦୂରକୁ ଯିବା ତଥା ସିନେମା ଥିଏଟର ଓ ଅପେରା ଦେଖିବା ପ୍ରଭୃତି ଉଦ୍ଦେଶ୍ୟରେ ନଦୀ ପାରିହୋଇ ଜଳେଶ୍ୱର ଯାଉଥିଲେ । ସେସବୁ ନଦୀର ପଶ୍ଚିମ/ଉତ୍ତର ପାର୍ଶ୍ୱର ଅଧିବାସୀଙ୍କର ଏକାନ୍ତ ନିଜସ୍ୱ ଓ ଅଭୁଲା ଅନୁଭୂତି ଯାହା ନଦୀର ପୂର୍ବ/ଦକ୍ଷିଣ ପାର୍ଶ୍ୱର ଅଧିବାସୀଙ୍କର ପ୍ରାୟ ନାହିଁ । କାରଣ, କେବଳ ବଂଧୁବାନ୍ଧବଙ୍କ ଘରକୁ ଯିବାଛଡା ସେମାନେ ନଦୀ ପାରିହୋଇ ଆମ ପଟକୁ ଆସୁ ନଥିଲେ ।

ସେଇ ଛାତ୍ର ଜୀବନରେ ପ୍ରତିଦିନ ନହେଲେବି ସପ୍ତାହକୁ ୩/୪ଦିନ ନଦୀ ପାଣିରେ ବୁଡିକି ଗାଧଉଥିଲି ଓ ଖରାଦିନେ ବୁଡିବା ସହିତ ପହଁରୁ ବି ଥିଲି । ଆଃ, ସେ କି ମଜା !

> ଦିନେ ସମୁଦି ନିଜେ ମୋତେ ପ୍ରସ୍ତାବ ଦେଲେ ତାଙ୍କ ସହିତ ନଦୀକୁ ଯାଇ ଗାଧୋଇବା ପାଇଁ । ମୋ ମନ ଖୁସିରେ କୁରୁଳି ଉଠିଲା । ସେବେଠୁଁ, ଯେତେଥର ତାଙ୍କ ଘରକୁ ଯାଇଛି କାହାରି ବାରଣକୁ ନମାନି ଥରୁଟିଏ ହେଲେବି 'ଗଙ୍ଗା ସ୍ନାନ ' କରିଛି ।

ସେ ଆନନ୍ଦ କମିଗଲା କଲେଜ ଜୀବନରେ -ବାଲେଶ୍ୱର ଓ କଟକରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ ସମୟରେ।

ତାପରେ ବୃତ୍ତିଗତ ଜୀବନରେ ତାହା ଆହୁରି ହ୍ରାସପାଇଲା ସୁଯୋଗ ଓ ସମୟ ନମିଳିବାରୁ । ପୁଣି,ଲଜ୍ଜା ଓ ସଂକୋଚ ଆବୋରି ବସିଲା ।

ତେବେ, ମୋ ବାପା ଓ ମାଆଙ୍କ ପରଲୋକ ପରେ ଆମର ପ୍ରିୟ ନଦୀର ପବିତ୍ର ବାଲୁକା ଶଯ୍ୟାରେ ସେମାନଙ୍କ ଶବଦାହ ଓ ତହଁପରଦିନ ସେମାନଙ୍କ ଅସ୍ଥିସଂଗ୍ରହ ପରେ ମୁଁ ଏ ନଦୀରେ 'ଗଙ୍ଗାସ୍ନାନ' କରିଥିଲେ ବି ପିତୃମାତୃ ବିୟୋଗ ଜନିତ ଦୁଃଖରେ ମ୍ରିୟମାଣ ହୋଇଥିବା ଯୋଗୁଁ ଆନନ୍ଦରେ ବିହ୍ୱଳିତ ନହୋଇ ଶୋକରେ ଅଭିଭୂତ ହୋଇ କାନ୍ଦିଥିଲି ଅନେକ ବେଳଯାଏଁ ।

ଅବସର ନେଲାପରେ ନଈରେ ବୁଡିକି ଓ ପହଁରିକି ଗାଧୋଇବା ପ୍ରାୟ ବନ୍ଦ ହୋଇଗଲା କ୍ରମେ କ୍ରମେ ଦେହ ହାତ ଅଚଳ ହେବା ଯୋଗୁଁ ସ୍ତ୍ରୀ, ସନ୍ତାନ, ଭଣଜା, ବୋହୂ, ଜୋଇଁ ଏବଂ ଡାକ୍ତରଙ୍କ ବିଭିନ୍ନ କାରଣରୁ ବାରଣ ଯୋଗୁଁ ।

ମୋର ବଡଜ୍ୱାଇଁଙ୍କ ଘର ନଦୀର ଅତି ନିକଟରେ । ତାଙ୍କ ଘରକୁ ଆସିଲେ ମନ ଆଉଟୁପାଉଟୁ ହୁଏ ନଦୀରେ ଗାଧୋଇବା ପାଇଁ।

ସମୁଦି ଓ ମୁଁ ପ୍ରତିଦିନ ସକାଳ ସନ୍ଧ୍ୟାରେ ନଦୀ ପାଖରେ ବୁଲୁଁ । ନଦୀରେ ପହଁରୁଥିବା ଓ ବିଭିନ୍ନ ଉଦ୍ଦେଶ୍ୟରେ ବୁଡୁଥିବା, ଉଠୁଥିବା ନାନାଜାତିର ପକ୍ଷୀମାନଙ୍କୁ ଲକ୍ଷ୍ୟକରି ମୋ ମନ ସ୍ଥିର ହୋଇ ରୁହେନି । ଗାଧୋଇବା ଓ ବୁଡିବାପାଇଁ ଇଚ୍ଛାହୁଏ। ମାତ୍ର ଲୋକଲଜ୍ଜା ଓ ଅସୁସ୍ଥ ହେବାର ଭୟରେ ଚୁପ୍ ରହେଁ । ତେବେ ଦିନେ ସମୁଦି ନିଜେ ମୋତେ ପ୍ରସ୍ତାବ ଦେଲେ ତାଙ୍କ ସହିତ ନଦୀକୁ ଯାଇ ଗାଧୋଇବା ପାଇଁ । ମୋ ମନ ଖୁସିରେ କୁରୁଳି ଉଠିଲା । ସେବେଠୁଁ , ଯେତେଥର ତାଙ୍କ ଘରକୁ ଯାଇଛି କାହାରି ବାରଣକୁ ନମାନି ଥରୁଟିଏ ହେଲେବି 'ଗଙ୍ଗା ସ୍ନାନ ' କରିଛି । ମୋର ସେଇ ପ୍ରିୟ ସମୁଦିଙ୍କର ପରଲୋକ ପରେ ମୋତେ ଆଉ ପ୍ରିୟ ନଦୀରେ 'ଗଙ୍ଗାସ୍ନାନ'ର ସୁଯୋଗ ମିଳିନଥିଲା । ପୁଣି ସୁବର୍ଣ୍ଣରେଖା ନଦୀରେ ଶିଖରପୁର ଠାରେ ସ୍ଥାୟୀପୋଲ ନିର୍ମାଣ ହେବା ପରଠୁଁ ଆଉ ନଦୀ ପାରିହେବା ପାଇଁ ବର୍ଷାଦିନେ ଯେମିତି ଡଙ୍ଗାର ଆବଶ୍ୟକତା ରହିଲାନି ସେମିତି ଖରାଦିନେ 'ଥଳଘାଟ'ରେ ପାଣି ଭିତରେ ଚାଲିଚାଲି ନଦୀପାରି ହେବାକୁ ପଡିଲାନି ।

ଏବେ ମୋ ବୟସ ୮୧ ବର୍ଷ । ତେବେବି, 'ଗଙ୍ଗାସ୍ନାନ'ର ଆଗ୍ରହ କମିନି ।

ଏଥର କିଛିଦିନ ତଳେ ବଡଜୋଇଁଙ୍କ ଘରକୁ ଆସିଛି । ଗତକାଲି ତାଙ୍କୁ ନଦୀରେ ଗାଧୋଇବା କଥା କହିଲି । ସେ ହସିଲେ ବି ସମ୍ମତ ହେଲେ ।

ଆଜି ଭୋରରୁ ସେ ମୋତେ ମୋଟର ସାଇକେଳରେ ନଦୀର ପାଣିପାଖକୁ ନେଇଗଲେ । ସେ ମୋ ଆଗେ ଆଗେ ପାଣିରେ ଚାଲିଲେ । ଗାଧୋଇବା ଭଳି ଜାଗାଟିଏ ଖୋଜି ବାହାର କଲେ । ସେଇଠି କେତେବେଳେ ବର୍ସି କି, ପୁଣି କେତେବେଳେ ଅଳ୍ପ ନଇଁପଡି ଆପାଦ ମସ୍ତକ ଗାଧୋଇଲି । ଯାହେଉ, ଗଭୀର ପାଣିକି ଯିବାର ଦୁଃସାହସ କଲିନି । ବହନ୍ତି ନଦୀର ପାଣି ମୋ ଦେହରେ ଶିହରଣ ସୃଷ୍ଟି କରୁଥାଏ । ମୋର ମନେ ହେଲା ଯେମିତି ମୋ ମାଆ ମୋ ଦେହକୁ ଘସିମାଜି ସଫାକରି ଦେଉଛି । କି ଶାନ୍ତି !

ମୋ ମାଆ ସୁବର୍ଣ୍ଣରେଖା, ଆମପାଇଁ ପବିତ୍ର 'ଗଙ୍ଗାନଦୀ' ! ବହୁ ପୂର୍ବରୁ ଓ ଆଜି ବି ଅନେକେ ଏଇ ନଦୀର ପବିତ୍ର ପାଣିରେ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ କରୁଥିଲେ ଓ କରୁଛନ୍ତି, ବୈଶାଖ ମାସରେ ତାର ବାଲୁକା ଶଯ୍ୟାରେ ଶ୍ରାଦ୍ଧଦାନ କରନ୍ତି । ଆଦିବାସୀ ଭାଇ ଭଉଣୀମାନଙ୍କ ପାଇଁ ଏହା ହେଉଛି,ପବିତ୍ର 'ଦାମୋଦର' ନଦୀ।

ଏଇକଥା ସବୁ ଭାବି ମୁଁ କିମିତି ଭାବବିହ୍ୱଳ ହୋଇଗଲି । ଜୋଇଁଙ୍କ 'ବାପା' ଡାକରେ ବାସ୍ତବ ଜଗତକୁ ଫେରିଲି । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

# ଧାରାବାହିକ ଅନୁବାଦ ଉପନ୍ୟାସ-(୪୦)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ



ଅନୁସୃଜନ:
ନନ୍ଦିତା ମହାନ୍ତି

(ଶେଷଭାଗ)

ମାଆ ଶାନ୍ତ ହୋଇଗଲା। ଗାଡ଼ି ଚାଲିଲା। ନାସିକ ରୋଡ୍‌ରେ ପ୍ରଦୀପ ଓହ୍ଲେଇ ଗଲା। ସାଙ୍ଗେ ସାଙ୍ଗେ ମାଆ କହିଲା, "ଯାଆ ଆଗକୁ, ଜାଗା ଖାଲି ହୋଇଗଲା।"

ମୁଁ ତଳକୁ ଓହ୍ଲେଇଲି। ଆଗ ସିଟ୍‌ରେ ଯାଇ ବସି ପଡ଼ିଲି। ମାଆକୁ ଭଲ ଲାଗିଲା। ସିଏ ମୋ ସ୍ତ୍ରୀକୁ କହିଲା, "ତୁ ବି ଯାଆ ତୋର ସ୍ୱାମୀ ପାଖକୁ..."।

ଆଗରେ ଆଉ ଜାଗା ନାହିଁ, ଏ କଥା ମନେ ପଡିବା କ୍ଷଣି, ସିଏ ଜିଦ୍ ଛାଡ଼ିଦେଲା। ଗାଡ଼ି ପୁଣି ଧୂଳି ଉଡ଼େଇ ଲିବାକୁ ଲାଗିଲା।"

ମାଆ ଏକଥା ଜମାରୁ ଭୁଲିବାକୁ ରାଜି ନଥିଲା ଯେ ତାକୁ ଟି.ବି. ହେଇଛି। ଗାଡ଼ିରେ ବି ନିଜ ପାଖରେ କାହାକୁ ବସିବାକୁ ଦେବାକୁ ଚାହୁଁ ନଥିଲା ସିଏ। ଏ କଥା ମୁଁ ସେଇ ମୁହୂର୍ତ୍ତରେ ହିଁ ବୁଝି ପାରିଥିଲି। ମାଆକୁ ହୋଇଥିବା ଟି.ବି. ସଂକ୍ରାମକ ନୁହେଁ। ଏଇ ମହାଭ୍ରମକୁ କେମିତି କଢ଼ାଯିବ ତା' ମୁଣ୍ଡରୁ ?ନାସିକରୁ ସାଙ୍ଗଲୀ ପହଂଚିଲା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ସାଙ୍ଗଲୀରୁ ଆମକୁ ଜୟସିଂହପୁର ଯିବାର ଥିଲା । ହେଲେ ବର୍ଷା ଯୋଗୁଁ ଆମେ ରାସ୍ତା ଭୁଲିଗଲୁ। ଆଉ ଆମେ ମିରଜ ରାସ୍ତାରେ ସିଧା ବାନ୍‌ଲେସ୍‌ବାଡ଼ି ପାଖରେ ପହଞ୍ଚିଗଲୁ। ଏବେ ପଛକୁ ଫେରିବା ଆଉ ସମ୍ଭବ ଥିଲା। ମିରଜରୁ ଜୟସିଂହପୁର ଯିବାକୁ ଠିକ୍ କଲୁ। ପହଞ୍ଚିଗଲୁ ମିରଜରେ। ମିରଜରୁ କୋହ୍ଲାପୁର ଯିବା ରାସ୍ତାକୁ ଆସିଲାବେଳେ ମାଆ କହିଲା "କାହିଁକିରେ ! ଇଏ କେଉଁ ଗାଁ ଗଲା ପଛରେ ?"

ମୁଁ : ସେଇ ଗାଁଟା ଥିଲା ମିରଜ।

ସିଏ : ତୁ ତ କହିଥିଲୁ ଚନ୍ଦରକୁ ସେଇଠି ଆଡ୍‌ମିଟ୍ କରାଯାଇଛି ବୋଲି ।





ମୁଁ : ହଁ... କହିଥିଲି ତ ।

ସିଏ : ତା' ହେଲେ ଚାଲନା... ତାକୁ ଦେଖି ସାରି ତାପରେ ଟାକ୍‌ଲିବାଡ଼ି ଯିବା।

ମୁଁ : ସିଏ ଏବେ ଏଇଠି ନାହିଁ। ତାକୁ ଟାକ୍‌ଲିବାଡ଼ି ନେଇ ଯାଇଛନ୍ତି।

ସିଏ : କେବେ ? ଆଉ ଏତେ ଜଲ୍‌ଦି ?

ମୁଁ : ହଁ, ସିଏ ସୁସ୍ଥ ହୋଇ ଗଲା ତ ସେଇଥିପାଇଁ।

ମୁଁ କ୍ରମାଗତ ଭାବରେ ମାଆକୁ ମିଛ କହି ଚାଲିଥିଲି। ସବୁବେଳେ ମୁଁ ଏଇ କଥା ଶୁଣି ଆସିଥିଲି ଯେ ସତ୍ୟ ଶିବ ଠାରୁ ବି ସୁନ୍ଦର। ହେଲେ ଏଠି ସତ୍ୟ ତାର କୁରୂପତ୍ୱାର ଚରମ ବୀଭତ୍ସତା ଓ ଆତଙ୍କିତ ରୂପ ନେଇ ସାମ୍‌ନାରେ ଛିଡ଼ା ହୋଇଥିଲା। ଦୁନିଆଁରେ ଯଦି କିଛି ସବୁଠାରୁ ଅଧିକ ବୀଭତ୍ସ ଥାଏ, ତେବେ ତାହା ହେଲା ସତ୍ୟ। ଶଳା... କିଏ କହୁଛି ଏହା ସବୁଠାରୁ ସୁନ୍ଦର ବୋଲି ?

ମୂଳତଃ ଏହା ଅତ୍ୟନ୍ତ କୁରୂପ ଓ ଭୟାଭୟ। ଆଉ ତାକୁ ସ୍ୱୀକାର କରିବା ବି ତା ଠାରୁ ଅଧିକ କଷ୍ଟକର। ... କଣ କରିବି କିଛି ବୁଝି ପାରୁ ନଥିଲି। ମାଆର ପ୍ରଶ୍ନର ଉତ୍ତର ଖୋଜିଲେ ବି ମୋତେ ମିଳୁ ନଥିଲା। ଯେତେବେଳେ ମୁଁ ଅସହାୟ ହୋଇଯାଏ, ନିରୁତ୍ତର ହୋଇଯାଏ, ସେତେବେଳେ ମାଆକୁ କେବଳ ଗୋଟିଏ ବାକ୍ୟ କହେ...

"ମାଆ ଏବେ ତୁ ଏକଦମ୍ ଶାନ୍ତ ହେଇଯାଆ.. ଚୁପ୍‌ପ୍ ବସିଯାଆ।"

ଏଥରକ ବି ମୁଁ ସେଇଆ କଲି। ଆଉ ଏଇ ଉତ୍ତରରୁ ମାଆକୁ ଯାହା ବୁଝିବାର ଥିଲା ମାଆ ତୁରନ୍ତ ବୁଝିଗଲା। ସିଏ ଦାରୁଣ ଭାବରେ ବିଳାପ କରି ଉଠିଲା। ମାଆ ଜୋର୍ ଜୋର୍‌ରେ ଚିତ୍କାର କରି କାନ୍ଦିବାକୁ ଲାଗିଲା। ନିଜର ହାତକୁ କାରର କାଚ ଝରକା ଉପରେ ବାଡ଼େଇବାକୁ ଲାଗିଲା। ମୁଁ ପୁଣି ଜୋର୍‌ରେ ଚିତ୍କାର କଲି। "ମାଆ ତୁ ଚୁପ୍‌ପ୍ ବସ୍।"

ମୋ କଥା ଶୁଣି ସିଏ କହିଲା "ଆରେ ! ତୋ ଛାତିରେ ହୃଦୟ ଅଛି ନା ନାହିଁ ? କେମିତି ଏମିତି ପଥର ହୋଇ ଜନ୍ମ ହେଲୁ ତୁ ? ଆରେ... ମୋର ଏତେ ବଡ଼ ପାହାଡ ପରି ନାତି ଚାଲିଗଲା... ସିଏ ଚାଲି ଯାଇଛି ନା ନାହିଁ ସତ ସତ କହ.. କାହିଁକି ନିଜ ମାଆକୁ ମିଛ କଥା କହୁଛୁ ତୁ।"

ମାଆର ପ୍ରଶ୍ନର ଉତ୍ତର ଥିଲା 'ହଁ'। ହେଲେ ସେଇ ଗୋଟିଏ ଶବ୍ଦ ଉଚ୍ଚାରଣ କରିବାର କ୍ଷମତା ନଥିଲା ମୋ ଭିତରେ। ଏମିତିରେ ତ ମୁଁ ମୋ ନିଜ ଭିତରେ ମାଆ ଠାରୁ ବି ଅଧିକ ବିଳାପ କରୁଥିଲି। 'ହଁ'.. ଏଇ ଗୋଟିଏ ଶବ୍ଦ ଭିତରେ ଭିତରେ ସମସ୍ତ ବିଳାପକୁ କଣ୍ଠସ୍ଥ କରି ନେଉଥିଲା। ହେଲେ ବି ବଡ଼ କଷ୍ଟରେ ଏଇ ଏକାକ୍ଷରୀ ଶବ୍ଦ ଗଳାର ମାଂସପେଶୀକୁ ଚିରି ପଦାକୁ ଆସିଲା। ଆଠ / ଦଶ ଘଣ୍ଟା ଧରି ନିଜ ଭିତରେ ବନ୍ଦ କରିଥିବା ସତ୍ୟ ଫଂଣା ଟେକି ମୋ ସାମ୍‌ନାରେ ଛିଡ଼ା ହୋଇଗଲା।

ମାଆ କାନ୍ଦି ଚାଲିଥିଲା। ଗାଡ଼ି ଯେମିତି କୃଷ୍ଣାନଦୀର ପୋଲ ଉପରେ ପହଞ୍ଚିଲା ସିଏ କହିବାକୁ ଲାଗିଲା "ଆରେ ମୋତେ ଧକ୍କା ଦେଇ ଫିଙ୍ଗିଦିଅ ଏଇ ନଦୀ ଭିତରକୁ। ଅଟକେଇ ଦେଏ ତୋ ଗାଡ଼ିକୁ.. ଏବେ ସେଇ ଗାଁକୁ ଯାଇ ଆଉ କଣ ଦେଖିବି ?"

ମୁଁ କହିଲି "ମାଆ ତୁ ଟିକେ ଶାନ୍ତ ହୋଇଯାଆ, ଆଉ ଟିକେ ପରେ ଆମେ ଯାଇ ଗାଁରେ ପହଞ୍ଚିଯିବା।"

ସିଏ: ଆଉ କାହିଁକି ବୋକା ବନଉଛୁ ମୋତେ। ଏବେ ଆଉ କଣ ବାକି ଅଛି ଗାଁରେ ?

ଆରେ ମୋର ନାତି ଚାଲିଗଲା... ଆରେ ମୁଁ ଯଦି ଗାଁରେ ଥାଆନ୍ତି ତାକୁ କେବେ ହେଲେ କୁଲିଗିରି କରିବାକୁ ପଠେଇ ନଥାନ୍ତି। ତୁ ମୋତେ ନାସିକ ନେଇ ଆସିଲୁ, ମୋର ଶବକୁ ସୁସ୍ଥ କରିବା ପାଇଁ.. ଆଉ ଇଏ କଣ ହୋଇଗଲା ଦେଖ୍! ଏବେ ଆଉ ମୋତେ ତୋର ସେଇ ନାସିକ୍‌ର ମୁହଁ ଦେଖିବାର ନାହିଁ। ଆରେ ଏଇ କୃଷ୍ଣାର ପାଣିଧାରରେ ମୋତେ ଦିଶିଯାଉଛି ମୋର ଚନ୍ଦର, ତୁ ଟିକେ ଦେଖ .... ରାସ୍ତାରେ କେଉଁଠି ଆଉ ଛିଡ଼ା ହୋଇନାହିଁ ତ ? ଟିକେ ଦେଖନା ତାକୁ ଆଉ କେଉଁ ଗହୀରରେ ପକେଇ ଦେଇ ନାହାଁନ୍ତି ତ ? ମାଆକୁ ଖୁବ୍ ଜୋର୍‌ରେ ଜାବୁଡ଼ି ଧରିଥିଲା ମୋର ସ୍ତ୍ରୀ । ରାସ୍ତାରୁ ତାର ଭାଇ ଅର୍ଥାତ୍ ଆମର ମାମୁଁ ବି ଆମ ସାଙ୍ଗରେ ଗଲେ। ମାମୁଁଙ୍କୁ ଦେଖି ମାଆ ପୁଣି ଥରେ ଚିତ୍କାର କରି କାନ୍ଦି ଉଠିଲା। ମାମୁଁ ତାକୁ ବହୁତ ବୁଝେଇଲେ। ହେଲେ ତାର କାନ୍ଦ ବନ୍ଦ ହେଉ ନଥିଲା। ମାମୁଁ ବିରକ୍ତ ହେବାକୁ ଲାଗିଲେ। ମାଆ ସେମିତି ସୁକୁସୁକୁ ହୋଇ କାନ୍ଦୁ କାନ୍ଦୁ କହିଲା "ଆରେ ଭାଇ, ବିରକ୍ତ କାହିଁକି ହେଉଛୁ ? ମୋତେ ଚପଲରେ ମାର । ଚୁପ୍ କେମିତି ରହିବ ମୁଁ... ଚନ୍ଦରକୁ ଆଣି ଦେଇପାରିବୁ କି ତୁ ମୋତେ ? ଆରେ ଭାଇ ... ମୁଁ କାହିଁକି ନାସିକରେ ଯାଇ ବସିଗଲି ରେ... ?"

ଗାଡ଼ି ଟାକ୍‌ଲିବାଡ଼ିର ରାସ୍ତାରେ ଥିଲା। ମାଆ ଭିତରେ ଥିବା ଆକ୍ରୋଶ ଜ୍ୱାଳାମୁଖୀ ପରିବାର୍ ବାର୍ ଫାଟି ପଡୁଥିଲା। ମାଆ ଏବେ ନିଜ ମନରୁ ଯେତେ ରାଗର ଲାଭାକୁ ଉଦ୍‌ଗୀରଣ କଲେ ମଧ୍ୟ ତାକୁ ତାର ଚନ୍ଦର ଆଉ କେବେହେଲେ ମିଳିବନି । ମୁଁ ମାଆର ମୁହୂର୍ମୁହୂ ବଦଳୁଥିବା ମନସ୍ଥିତି ଉପରେ ବିଚାର କରୁଥିଲି। ଏବେ କଣ କହି ମାଆକୁ ମୁଁ ପୁଣି ନାସିକ୍ ନେଇ ଯାଇପାରିବି.... କେମିତି ତାର ଶାରୀରିକ ସ୍ୱାସ୍ଥ୍ୟକୁ ଠିକ୍ କରିବି।....

(୪୧)

ଅନେକ ଥର ବୁଝିବାକୁ ଚେଷ୍ଟା କରି ମଧ୍ୟ ମାଆକୁ ବୁଝି ହେଉ ନଥିଲା । ଆଉ ସେଇଥିପାଇଁ ଏଇ ବହିଟିକୁ ସମାପ୍ତ କରିବାର ଅନେକ ଚେଷ୍ଟା କରି ମଧ୍ୟ ତାହା ଶେଷ ହେଉ ନଥିଲା। ଶେଷରେ ମୁଁ ଉଭୟଙ୍କୁ ସେମିତି ଛାଡ଼ି ଦେଲି, ଅସମ୍ପୂର୍ଣ୍ଣ ଭାବରେ .... ସତରେ କଣ ଏହାକୁ କେବେ ପୂର୍ଣ୍ଣ କରା ଯାଇପାରିବ ? (ସମାପ୍ତ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ଗୁରୁକୁଳରେ ରକ୍ତଦାନ ଶିବିର

ରୂପସା, ୩୦/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରୂପସା ସାମିଲ ହସନପୁର ପଞ୍ଚାୟତ ର ପିଞ୍ଛାବଣିଆ ଗ୍ରାମରେ ଥିବା ବୈଦିକ ଗୁରୁକୁଳ ଆଶ୍ରମ ପରିସରରେ ଜିଲ୍ଲା ରକ୍ତଦାତା ସଂଗଠନ ଓ ବୈଦିକ ଗୁରୁକୁଳ ଆଶ୍ରମର ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ବସ୍ତା ୫ଉଚଙ୍ଗ ଶ୍ରୀଯୁକ୍ତ ମାନସ କୁମାର ଦେଓ ଯୋଗଦାନ କରି ଶିବିରକୁ ଉଦ୍ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସାଧାରଣ ସଂପାଦକ ଡ଼ା.ହୃଷିକେଶ ସାହୁ, ସଭାପତି ଶ୍ରୀଯୁକ୍ତ କମଳ ଚକ୍ରବର୍ତ୍ତୀ, ଶ୍ରୀମତୀ ରାଜବାଳା ଚକ୍ରବର୍ତ୍ତୀ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜୟନ୍ତ କୁମାର ପାଣିଗ୍ରାହୀ,ରୋଟାରୀଆନ୍ ଡଃ କୁମାର ଗୋପାଳ ଓ ସମ୍ମାନିତ ଅତିଥି ସମାଜସେବୀ ଶ୍ରୀଯୁକ୍ତ ଭୁବନ ଚନ୍ଦ୍ର ରଣା, ସଂଘ ର ସଂଗଠନ ସମ୍ପାଦକ ମନୋରଞ୍ଜନ ଦାସ ,ବିଶିଷ୍ଟ କଳାକାର ପୂର୍ଣ୍ଣଦାଦା, ରବୀନ୍ଦ୍ର ବେହେରା ଯୋଗଦାନ କରି ରକ୍ତଦାତା ଙ୍କୁ ଉତ୍ସାହିତ କରିଥିଲେ। ଡ଼ା.ପ୍ରସନ୍ନ ମାରାଣ୍ଡି ରକ୍ତଦାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ବରିଷ୍ଠ ଟେକ୍ନିସିଆନ୍ ଶ୍ରୀ ବସନ୍ତ କୁମାର ଜେନା, ରାଜେଶ୍ କୁମାର ମିଶ୍ର,ବିଦ୍ୟାଧର ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ରେଜିଷ୍ଟ୍ରେସନ କାର୍ଯ୍ୟରେ ଗୋପାଳ ଚନ୍ଦ୍ର ସାହୁ ଓ ଭିକାରୀ ଚରଣ ମିସ୍ତ୍ରୀ ସହଯୋଗ କରିଥିଲେ। ରକ୍ତଦାନ କ୍ଷେତ୍ରରେ ଆମ୍ବଗଡ଼ିଆ ବିକାଶ ପରିଷଦ, ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ, ନେତାଜୀ ୟୁଥ୍ କ୍ଲବ୍,ଆଦର୍ଶ ଶିକ୍ଷାନିକେତନ, ଆର୍ଯ୍ୟ ସେବା ସଂଘ,ଚେରୀଟେବୁଲ୍ ଟ୍ରଷ୍ଟ ଆଦି ସଂଗଠନ ସହ ମଧୁପୁରା , ନୂଆଗାଁ,ରୂପସା ଓ ପିଞ୍ଛାବଣିଆଁ ଆଦି ଗ୍ରାମରୁ ଅନେକ ଇଚ୍ଛୁକ ରକ୍ତଦାତା ରକ୍ତଦାନ କରିଥିଲେ। ଶିବିରରୁ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ଶ୍ରୀ କମଲ ଚକ୍ରବର୍ତ୍ତୀ ଙ୍କ ସୁପୁତ୍ରୀ ଶ୍ରୀମତୀ ରୋଜାଲିନ୍ ଚକ୍ରବର୍ତ୍ତୀ ଙ୍କ ୩୪ ତମ ଜନ୍ମ ଦିବସ ଉପଲକ୍ଷେ ଅତିଥି ମାନଙ୍କ ଦ୍ୱାରା ୩୪ ଟି ଦୀପଦାନ , ବୃକ୍ଷ ରୋପଣ ଓ ଆଶ୍ରମରେ ରହୁଥିବା ଗରିବ ଅସହାୟ ପିଲାଙ୍କୁ କମଲ ଚକ୍ରବର୍ତ୍ତୀ ଙ୍କ ପକ୍ଷରୁ ଅନ୍ନ ଓ ବସ୍ତ୍ର ପ୍ରଦାନ କରାଯାଇଥିଲା ଏବଂ ପଣ୍ଡିତ ସୁରେନ୍ଦ୍ର ସିଂହ ଙ୍କ ପୌରହିତ୍ୟରେ ସମସ୍ତ ରକ୍ତଦାତାଙ୍କ ପାଇଁ ସ୍ୱସ୍ତି ଯଜ୍ଞ ଆୟୋଜିତ ହୋଇଥିଲା। ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ଗୁରୁକୁଳର କର୍ମକର୍ତ୍ତା ଓ ଅନ୍ତେବାସୀ ଙ୍କ ମହାନତା ପାଇଁ ଓଡ଼ିଶା ରକ୍ତ କେନ୍ଦ୍ର ପକ୍ଷରୁ ଗୁରୁକୁଳକୁ ଏକ ପ୍ରଶଂସାପତ୍ର ୨୦୨୩ ପ୍ରଦାନ କରାଯାଇଥିଲା। ପରିଶେଷରେ ଗୁରୁକୁଳ ତରଫରୁ ଶ୍ରୀ ଅନନ୍ତ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ବାଲେଶ୍ୱର ଜିଲ୍ଲାପରିଷଦ ଷ୍ଟାଣ୍ଡିଂ କମିଟିରେ ନୀଳଗିରିରୁ ଜଣେ ଅଧକ୍ଷ ସମେତ ଚାରି ସଭ୍ୟ ମନୋନୀତ

ନୀଳଗିରି , ୩୦/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାପରିଷଦରେ ବିଭିନ୍ନ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ବିଭାଗକୁ ନେଇ ୭ ଟି ଷ୍ଟାଣ୍ଡିଁଙ୍ଗ କମିଟି ଗଠନ କରାଯାଇଛି। ତେବେ ନୀଳଗିରି ନିର୍ବାଚନ ମଣ୍ଡଳୀରୁ ୧୩ ନଂ ଜିଲ୍ଲାପରିଷଦ ସଭ୍ୟ ଗତୀକୃଷ୍ଣ ନନ୍ଦ କୃଷି,ପଶୁପାଳନ, ମୃର୍ତ୍ତିକା ସଂରକ୍ଷଣ, ଉଦ୍ୟାନ ବିଭାଗ, ମତ୍ସ୍ୟ ଓ ଜଳସମ୍ପଦ ବିଭାଗର ଅଧକ୍ଷ ମନୋନୀତ ହୋଇଥିବା ବେଳେ ନୀଳଗିରିର କୋପରେଟିଭ ସଦସ୍ୟ ପ୍ରଦୀପ ଦାସ ଓ ଧୀରେନ୍ଦ୍ର ଲେଙ୍କା ଙ୍କ ସହ ମୋଟ ଆଠ ଜଣ ସଦସ୍ୟ ଏହି କମିଟିରେ ସ୍ଥାନ ପାଇଛନ୍ତି। ଏହା ବ୍ୟତୀତ ବାଲେଶ୍ୱର ଜିଲ୍ଲା ବିଜୁ ଯୁବଜନତା ଦଳ ସଭାପତି ତାପସ ପରିଡା ପାନୀୟ ଜଳ, ପରିମଳ, ପୂର୍ତ୍ତ, ଜଳସେଚନ, ଇଲେକ୍ଟ୍ରିସିଟି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସଦସ୍ୟତା ରେ ସ୍ଥାନ ପାଇଛନ୍ତି। ସେହିପରି ୧୧ନଂ ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତୀ ସୁବର୍ଣମଞ୍ଜରୀ ସିଂ ଶିକ୍ଷା, କ୍ରୀଡା ଓ ସଂସ୍କୃତି ବିଭାଗର ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ତେବେ ସମସ୍ତ ଅଧକ୍ଷ ଓ ସଦସ୍ୟ/ସଦସ୍ୟା ମାନେ ସରକାରଙ୍କ ଯୋଜନାକୁ ସଠିକ ମାର୍ଗରେ ପରିଚାଳନା କରିବାକୁ ଅଗ୍ରାଧିକାର ଦେବେ ବୋଲି ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗୃହ ବିବରଣୀରୁ ବାଦ୍ ....

ବିଧାୟକ ଅରୁଣ ସାହୁଙ୍କ ଦ୍ୱାରା ବିରୋଧୀ ଦଳର ଦୁଇ ବରିଷ୍ଠ ନେତାଙ୍କୁ ଆକ୍ଷେପ କରି କହିଥିବା 'ମେଂଟାଲ ଡିସଅର୍ଡର' ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ପରେ ବି ଗୃହ ସ୍ୱାଭାବିକ ହୋଇନଥିଲା । ବିଜେପି ସଦସ୍ୟମାନେ ନିଜର ବିରୋଧ ଜାରି ରଖିଥିଲେ । ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବାଚସ୍ପତିଙ୍କୁ ଅନୁରୋଧ କରି କହିଥିଲେ ଯେ, ନିଲମ୍ବିତ ଦୁଇ ବିଜେପି ବିଧାୟକଙ୍କ ଉପରୁ ନିଃସର୍ତ୍ତ ଭାବେ ନିଲମ୍ବନ ପ୍ରତ୍ୟାହାର କରାଯାଉ । ସେମାନେ ଗୃହରେ କ'ଣ କହିବେ, ତାଙ୍କ ବିବେକ ଉପରେ ଛାଡ଼ି ଦିଆଯାଉ । ଗୃହକୁ ସୁରୁଖୁରୁରେ ବାଚସ୍ପତି ଚଳାନ୍ତୁ, ସହଯୋଗ କରିବାକୁ ବିରୋଧୀ ଦଳ ପ୍ରସ୍ତୁତ ଅଛି ବୋଲି ଶ୍ରୀ ମିଶ୍ର କହିଥିଲେ । ବାଚସ୍ପତି ଶ୍ରୀମତୀ ମଲ୍ଲିକ ଏହି ପ୍ରସ୍ତାବକୁ ବିଚାର କରିବେ ବୋଲି କହିଥିଲେ । ତେବେ ଗୃହ ଠିକରେ ଚାଲୁନଥିବା ଅଭିଯୋଗ କରି କଂଗ୍ରେସ ବିଧାୟକମାନେ କକ୍ଷତ୍ୟାଗ କରିଥିଲେ । ବିଜେପି ବିଧାୟକମାନଙ୍କ ହଟ୍ଟଗୋଳ ଓ କଂଗ୍ରେସର କକ୍ଷତ୍ୟାଗ ଯୋଗୁ ଗୃହକୁ ବାଚସ୍ପତି ପୁଣିଥରେ ୨୦ମିନିଟ୍ ପାଇଁ ମୁଲତବୀ ଘୋଷଣା କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଗୃହ ୪ଟା ୯ରୁ ଏକଘଣ୍ଟା ଓ ପରେ ୧୫ମିନିଟ୍ ମୁଲତବୀ ହୋଇଥିଲା । ଉଲ୍ଲେଖଯୋଗ୍ୟ, ବିରୋଧୀ ଦଳ ନେତାଙ୍କ ପ୍ରତି ଶାସକ ବିଧାୟକ ଶ୍ରୀ ସାହୁ 'ମାନସିକ ସ୍ୱାସ୍ଥ୍ୟ' ଠିକ୍ ନାହିଁ ବୋଲି କହିବାକୁ ନେଇ ଉଭୟ କଂଗ୍ରେସ ଓ ବିଜେପି ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ । ଏପରିକି ବିଜେପି ଏହି ଶବ୍ଦକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ଜିଦ୍ କରିଥିଲେ ମଧ ବାଚସ୍ପତି ସେଥିପ୍ରତି କର୍ଣ୍ଣପାତ ନକରିବାରୁ ବିଜେପି ସଦସ୍ୟମାନେ ଭିନ୍ନ ଢଙ୍ଗରେ ପ୍ରତିବାଦ କରି ବାଚସ୍ପତିଙ୍କ ପୋଡ଼ିୟମକୁ ଡାଲି ଫିଙ୍ଗିଥିଲେ । ଯେଉଁଥିପାଇଁ ୨୮ତାରିଖରେ ବିଜେପିର ଦୁଇ ବିଧାୟକ ମୋହନଚରଣ ମାଝୀ ଓ ମୁକେଶ ମହାଲିଙ୍ଗଙ୍କୁ ବାଚସ୍ପତି ଚଳିତ ଅଧିବେଶନର ବାକି କାର୍ଯ୍ୟଦିବସ ନିମନ୍ତେ ନିଲମ୍ବନ ଘୋଷଣା କରିଥିଲେ । ଉକ୍ତ ଦୁଇ ବିଧାୟକଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର ଦାବି କରି ବିଜେପି ସଦସ୍ୟମାନେ ଆଜି ଗୃହରେ ହଟ୍ଟଗୋଳ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଗୃହ ବାହାରେ ଶାସକ ଦଳ ବିଧାୟକ ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ 'ମେଂଟାଲ ଡିସଅର୍ଡର' ରହିଛି ବୋଲି ସିଧାସଳଖ ଆକ୍ଷେପ କରିଥିଲେ । ଯାହାକୁ ବିରୋଧ କରି ବିଜେପି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ବ୍ୟକ୍ତ କରାଯାଇଥିଲା।

# ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ପାରାଦ୍ୱୀପ , ୩୦/୦୯ (ନି.ପ୍ର): ବିଶ୍ୱ ହୃଦୟ ଦିବସ ଅବସରରେ ଆର୍ସେଲରମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍ / ଏନ୍ଏସ୍ ଇଣ୍ଡିଆ) ଏହାର ପାରାଦ୍ୱୀପ ସ୍ଥିତ ପେଲେଟ୍ ପ୍ଲାଣ୍ଟରେ ବିଶ୍ୱ ହୃଦୟ ଦିବସ ପାଳନ ହୋଇ ଯାଇଛି । କଟକର ସେଣ୍ଟ୍ରାଲ୍ ରେଡ୍ କ୍ରସ୍ ବ୍ଲଡ୍ ସେଣ୍ଟର ସହିତ ମିଳିତ ଭାବେ ଏକ ରକ୍ତଦାନ ଶିବିର ଆୟୋଜନ ହେଇଥିଲା । କମ୍ପାନୀର କର୍ମଚାରୀ ଏବଂ ବ୍ୟବସାୟିକ ସହଯୋଗୀମାନଙ୍କର ସକ୍ରିୟ ଅଂଶଗ୍ରହଣ ସହିତ, ଶିବିର ସମୟରେ ୨୦୦ ୟୁନିଟ୍ ରୁ ଅଧିକ ରକ୍ତ ସଂଗ୍ରହ କରାଯାଇଥିଲା । ଏଚଆର ଆଣ୍ଡ ମେଡିକାଲ ଟିମ ଦ୍ୱାରା ଆୟୋଜିତ ଏହି ଶିବିରଟିକୁ ଏଏମ୍ / ଏନ୍ଏସ୍ ଇଣ୍ଡିଆ ସ୍ଲରି ପାଇପଲାଇନ, ପେଲେଟ ପ୍ଲାଣ୍ଟ ଏବଂ ଏଏମ୍ / ଏନ୍ଏସ୍ ବନ୍ଦର, ଓଡିଶା ଅପରେସନ୍ସ ଭିପି-ଅପରେସନ୍ସ ୟୁଏସଆର ରାଜୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ୟୁଏସଆର ରାଜୁ କହିଛନ୍ତି ଯେ ରକ୍ତଦାତାମାନେ ବହୁମୂଲ୍ୟ ଜୀବନ ବଞ୍ଚାଇ ପାରିବେ ଏବଂ ରୋଗୀମାନଙ୍କୁ ସେମାନଙ୍କର ଉତ୍ତମ କାର୍ଯ୍ୟ ମାଧ୍ୟମରେ ନୂତନ ଜୀବନ ଦେଇପାରିବେ । ସେ ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ଯେ ବ୍ୟସ୍ତବହୁଳ ଜୀବନଶୈଳୀ, କର୍ମକ୍ଷେତ୍ରରେ ଚାପ ଏବଂ କାର୍ଯ୍ୟ-ଜୀବନ ମଧ୍ୟରେ ଅସନ୍ତୁଳନତା ଅବସାଦ ମଧ୍ୟକୁ ଟାଣିନିଏ । ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ହୃଦ୍‌ରୋଗର ବୃଦ୍ଧି ଘଟାଏ, ବିଶେଷ କରି ଯୁବ ପିଢିଙ୍କ ମଧ୍ୟରେ ଏହା ଦେଖାଯାଉଛି । ଏକ ସୁସ୍ଥ ହୃଦୟ ପାଇଁ ସଠିକ୍ ପସନ୍ଦ ଚୟନ କରିବାର ସମୟ ଆସିଛି ।




# ସାଢେ ୩ହଜାର ଲିଟର ମଦ ଜବତ: ଜଣେ ଗିରଫ

ଖଇରା,୩୦/୯(ନି.ପ୍ର) ଖଇରା ଅବକାରୀ ବିଭାଗ ତରଫରୁ ଶୁକ୍ରବାର ରାତିରେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪୬୦ ଲିଟର ଦେଶୀ ଓ ୩ହଜାର ଲିଟର ବିଦେଶୀ ମଦ ଜବତ କରାଯାଇଛି । ଢୁଙ୍ଗୁରା ଆଦିବାସୀ ସାହି ରୁ ୩ହଜାର ଲିଟର ବିଦେଶୀ ଓ ୪ଶହ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିଭଳି ରଙ୍ଗାୟାତ ଗ୍ରାମକୁ ମଦବିକ୍ରୀ କରିବାକୁ ଆସିଥିବା ଖୁଣ୍ଟା ଅଞ୍ଚଳର ମଦନ ମହାନ୍ତିଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ୬୦ଲିଟର ଦେଶୀମଦ ଓ ଏକ ବାଇକ ଜବତ କରାଯାଇଛି । ତେବେ ଗିରଫ ହୋଇଥିବା ବ୍ୟକ୍ତି ମାନେ ଜେଲରୁ ଅଳ୍ପଦିନରେ ବାହାରି ଆସି ପୁଣି କାରବାର ବୃଦ୍ଧି କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ଶିଶୁ ଯତ୍ନ ଅନୁଷ୍ଠାନରେ ସେବା ମାନଦଣ୍ଡ ପାଳନ ଉପରେ କର୍ମଶାଳା

ଭଦ୍ରକ, ୩୦/୦୯ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ, ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଭଦ୍ରକ ଆନୁକୂଲ୍ୟରେ ଶିଶୁ ଯତ୍ନ ଅନୁଷ୍ଠାନ ମାନଙ୍କର ସମ୍ପାଦକ, କର୍ମକର୍ତ୍ତା ଓ ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଏବଂ ସମସ୍ତ ସଦସ୍ୟ, ଶିଶୁ କିଶୋର ନ୍ୟାୟ ବୋର୍ଡ଼ ର ସଦସ୍ୟ ମାନଙ୍କୁ ନେଇ "ଶିଶୁ ଯତ୍ନ ଅନୁଷ୍ଠାନରେ ସେବା ମାନଦଣ୍ଡର ସଠିକ ପାଳନ" ଉପରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ରୂପେ ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ ଓ ଏଥିସହିତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ନବୀନ ଚନ୍ଦ୍ର ସାହୁ, ଅମର କୁମାର ବାରିକ, ମୌସୁମୀ ମାଇତି ଓ କିଶୋର ନ୍ୟାୟ ବୋର୍ଡ଼ର ସଦସ୍ୟ ଲଳିତା ସାହୁ ଓ ବନମାଳୀ ଯେନା ପ୍ରମୂଖ ଯୋଗଦାନ କରିଥିଲେ। ଉକ୍ତ କର୍ମଶାଳାରେ ଜିଲ୍ଲାର ନଅଗୋଟି ଶିଶୁ ଯତ୍ନ ଅନୁଷ୍ଠାନର ସମ୍ପାଦକ, ଅଧିକ୍ଷକ, କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ବିଷୟ ବିଶାରଦ ଭାବେ ପୂର୍ବତନ ଶିଶୁ ସୁରକ୍ଷା ସମିତିର ସଦସ୍ୟ ସତ୍ୟ ସୁନ୍ଦର ପୁହାଣ ଯୋଗଦାନ କରିଥିଲେ। ଆନୁଷ୍ଠାନିକ ସୁରକ୍ଷା ଅଧିକାରୀ ବିଶ୍ୱ ନାରାୟଣ ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଯତ୍ନ ସହାୟତା ଆବଶ୍ୟକ କରୁଥିବା ଶିଶୁ ମାନଙ୍କ ସଠିକ ସେବା ମାନଦଣ୍ଡ ପ୍ରଦାନ ଦ୍ୱାରା ଶିଶୁ ମାନଙ୍କ ଭବିଷ୍ୟତ ସୁରକ୍ଷିତ ହୋଇଥାଏ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ସେବା ମାନଦଣ୍ଡର ପ୍ରତ୍ୟେକ ଦିଗ ଉପରେ ଧ୍ୟାନ ଦେବା ପାଇଁ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଶିଶୁଯତ୍ନ ଅନୁଷ୍ଠାନ ରେ ରହୁଥିବା ଶିଶୁ ମାନଙ୍କର ସୁରକ୍ଷିତ ଭବିଷ୍ୟତ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ଉପଯୁକ୍ତ ରହିବା ସ୍ଥାନ, ସୁରକ୍ଷା, ପ୍ରଯୁକ୍ତି ବିଦ୍ୟା ପ୍ରଶିକ୍ଷଣ ଆଦି ଉପରେ ଗୁରୁତ୍ୱ ଦେବାପାଇଁ ସୂଚନା ପ୍ରଦାନ କରିଥିଲେ। ଏ ସବୁର ତୁରନ୍ତ ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ଉପଦେଶ ଦେଇଥିଲେ। ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଡା. ଦେବରାଜ ପାଣିଗ୍ରାହୀ ଶିଶୁର ଆବଶ୍ୟକ ଜରୁରୀ ଯତ୍ନ ମାନଦଣ୍ଡ ର ଆବଶ୍ୟକତା ଉପରେ ନଜର ଦେବା ପାଇଁ କହିଥିଲେ। ଆଜିର କର୍ମଶାଳା ଦ୍ୱାରା ଶିଶୁର ଉପଯୁକ୍ତ ଯତ୍ନ ଆହୁରି ସୁଦୃଢ଼ ହୋଇପାରିବ। କାର୍ଯ୍ୟ କ୍ରମର ଦିତୀୟାର୍ଦ୍ଧରେ ପୂର୍ବତନ ଶିଶୁ ସୁରକ୍ଷା ସମିତିର ସଦସ୍ୟ ସତ୍ୟ ସୁନ୍ଦର ପୁହାଣ ଯତ୍ନ ସହାୟତା ଆବଶ୍ୟକ କରୁଥିବା ଶିଶୁ ସେବା ମାନଦଣ୍ଡ ପ୍ରଦାନର ବିଭିନ୍ନ ଦିଗ ଯଥା ଉପଯୁକ୍ତ ଖାଦ୍ୟ, ଶିକ୍ଷା, ବ୍ୟକ୍ତିତ୍ୱ ବିକାଶ, ପ୍ରଯୁକ୍ତି ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷା, ଯତ୍ନ ସହାୟତାର ସଠିକ ଯାଞ୍ଚ ଓ ଭବିଷ୍ୟତ କର୍ମ ସଂସ୍ଥାନ ଉପରେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ମଙ୍ଗଳ ସମିତିର ସଦସ୍ୟ ନବୀନ ଚନ୍ଦ୍ର ସାହୁ, ଅମର କୁମାର ବାରିକ, ମୌସୁମୀ ମାଇତି, ଶିଶୁ କିଶୋର ନ୍ୟାୟ ବୋର୍ଡ଼ ସଦସ୍ୟ ତଥା ଲଳିତା ସାହୁ ଓ ବନମାଳୀ ଯେନା ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ସେବା ମାନଦଣ୍ଡ ଉପରେ ଗୁରୁତ୍ୱ ପ୍ରଦାନ କରି ନିଜ ନିଜର ମତ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ନୟୁନିଟ୍‌ର ସ୍ୱାଗତିକା ବାରିକ୍, ଧୀରଜ ବାରିକ, ମହେଶ ଚନ୍ଦ୍ର ଦାଶ, ଦମୟନ୍ତୀ ଦାଶ, ଚିନ୍ମୟ ପଣ୍ଡା ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସୁବ୍ରତ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଶ୍ୱ ହୃଦୟ ଦିବସ ପାଳିତ

ଉଦଳା , ୩୦/୦୯ (ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟ ପରିସରରେ ବିଶ୍ୱ ହୃଦୟ ଦିବସ ପାଳିତ ହୋଇ ଯାଇଛି । ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଲମ୍ବୋଦର ବାରିକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାଉନସେଲର ଯୁବରେଡ଼କ୍ରସ ତଥା ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷକ ଅଧ୍ୟାପକ ଚନ୍ଦ୍ର ମୋହନ ପରିଡ଼ା ସ୍ୱେଚ୍ଛାସେବୀ ମାନଙ୍କୁ ଆକସ୍ମିକ ହୃଦଘାତର ପରିଚାଳନା କୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ଡ଼କ୍ଟର ଶାନ୍ତସୁନ୍ଦର ଆଚାର୍ଯ୍ୟ, ଅଧ୍ୟାପକ ବିଭୁ ରଂଜନ ବିଶ୍ୱାଳ, ନିହାର ରଂଜନ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାସେବୀ ମାନଙ୍କୁ ହୃଦୟ ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ ।

# ଇନରହୁଇଲ ପକ୍ଷରୁ ନେସନ ବିଲ୍ଡର ଆୱାର୍ଡ଼ ସେରିମନି




ଉଦଳା , ୩୦/୦୯ (ନି.ପ୍ର): କେବଳ ମହିଳା ମାନଙ୍କୁ ନେଇ ଉଦଳାରେ ଗଢ଼ି ଉଠିଥିବା କ୍ଲବ ଇନରହୁଇଲ ତରଫରୁ ଆଜି ସେପ୍ଟେମ୍ବର ୩୦ ତାରିଖ ଶନିବାର ଦିନ ନେସନ ବିଲଡ଼ର ଆୱାର୍ଡ଼ ସେରିମନି ଅନୁଷ୍ଠିତ ହୋଇ ଯାଇଛି । ପ୍ରାରମ୍ଭରେ ସମସ୍ତ ସଦସ୍ୟା କ୍ଲବର ପ୍ରତିଷ୍ଠାତା ମାର୍ଗାରେଟ ଓଲିଭର ଗୋଲଡ଼ିଂଙ୍କ ଫୋଟ ଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ ପୂର୍ବକ ବେଦମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହାପରେ ଇନରହୁଇଲ ଉଦଳାର ସଭାପତି ଜୟନ୍ତି ପଟ୍ଟନାୟକ ଆଜକୁ ୯୯ ବର୍ଷ ପୂର୍ବେ ୧୯୨୪ ମସିହାରେ ଇଂଲଣ୍ଡରେ ଏହି କ୍ଲବ କିପରି ଜନ୍ମ ନେଇଥିଲା ଓ ଆଜି ଏହା ସମଗ୍ର ପୃଥିବୀରେ ୧୦୦ ଗୋଟି ଦେଶରେ ତାର ଶାଖା ଖୋଲିବା ସହିତ ପ୍ରାୟ ୧ ଲକ୍ଷ ୨୦ ହଜାର ମହିଳା ଏଥିରେ ସଦସ୍ୟ ହୋଇଛନ୍ତି ବୋଲି ବ୍ୟକ୍ତ କରିଥିଲେ । ଏହାପରେ ସମ୍ପାଦିକା ମମତା ସାହୁ ମଂଚାସୀନ ସମସ୍ତ ଅତିଥିଙ୍କର ପରିଚୟ ପ୍ରଦାନ କରିବା ସହ ଉଦଳାରେ ଗଢ଼ି ଉଠିଥିବା ଇନରହୁଇଲ କ୍ଲବକୁ ମାତ୍ର ୫ ବର୍ଷ ପୁରିଲା, ଏତେ ଅଳ୍ପ ସମୟ ମଧ୍ୟରେ ଉଦଳା କ୍ଲବ ସମଗ୍ର ଓଡ଼ିଶାରେ କିପରି ତାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ପରେ ଇନରହୁଇଲ ଜିଲ୍ଲା - ୩୨୬ର ଇ.ଏସ୍.ଓ. ମଧୁସ୍ମିତା ତ୍ରିପାଠି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଉଦଳାର ଆମନ୍ତ୍ରଣରେ ଏତେ ପରିମାଣରେ ଆବେଗପୂର୍ଣ୍ଣ ଆତ୍ମିୟତା ଭରି ରହିଥିଲା ଯେ ଯାହାକି ମତେ ଆଜି ଏଠାକୁ ଆସିବାକୁ ବାଧ କରିଛି ଓ ଏହାକୁ କେବେ ମଧ ମୁଁ ଭୁଲି ପାରିବି ନାହିଁ ବୋଲି ବ୍ୟକ୍ତ କରିଥିଲେ । ରୋଟାରି ଜିଲ୍ଲା - ୩୨୬୨ରେ ଆଗାମି ବର୍ଷ ହେବାକୁ ଥିବା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଦେଶ ଗଠନରେ ଶିକ୍ଷକ ମାନଙ୍କର ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ନେସନ ବିଲ୍ଡର ଆୱାର୍ଡ଼ ପ୍ରଦାନର ଉଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଏହାପରେ କ୍ଲବ ତରଫରୁ ମନୋନିତ କରାଯାଇଥିବା ୧୦ ଜଣ ଶିକ୍ଷକଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ରୋଟାରି ଓ ଇନରହୁଇଲ କ୍ଲବ ଉଦଳାର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଏହାକୁ ସଫଳ କରିବାରେ ସହଯୋଗ କରିଥିଲେ । ଶେଷରେ ସମସ୍ତେ ଏକସ୍ୱରରେ ଜାତୀୟ ସଂଗୀତ ପରିବେଷଣ କରିବା ସହ କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ଧର୍ମଶାଳା ତହସିଲ ଅନ୍ତର୍ଗତ ମାଫିଆଙ୍କ ବିରୋଧରେ ଜରିମାନା ଅନାଦେୟ ଅଭିଯୋଗରେ ବିଜେପିର ଦାବିପତ୍ର

ଧର୍ମଶାଳା, ୩୦/୦୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବିଭିନ୍ନ କଳାପଥର ଖାଦାନରେ ବେଆଇନ ଖନନରେ ଲିଜଧାରୀଙ୍କୁ ଜରିମାନା କରାଯାଇଥିଲା । ତେବେ ଏହି ଜରିମାନା ଆଦାୟ ହେଉ ନ ଥିବା ଅଭିଯୋଗ କରି ଆଜି ଧର୍ମଶାଳା ବିଜେପି ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ପଂହଚି ଅତିରିକ୍ତ ତହସିଲଦାର ତପନ ମଲ୍ଲିକଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି । ତେବେ ୭ ଦିନ ଭିତରେ ଜରିମାନା ଆଦାୟ କରା ନ ଗଲେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହ ଏକ ଜନ ଆନ୍ଦୋଳନ କରାଯିବ ବୋଲି ବିଜେପି ପକ୍ଷରୁ ଚେତାବନୀ ଦିଆଯାଇଛି । ଧର୍ମଶାଳା ତହସିଲ ଅଧିନସ୍ଥ ବିଭିନ୍ନ କଳାପଥର ଖାଦାନରେ ଲିଜଧାରୀମାନେ ବେଆଇନ ଖନନ କରି ଆବଶ୍ୟକ ପରିମାଣ ଠାରୁ ଅଧିକ କଳାପଥର ଉତୋଳନ କରିଥିବା ନେଇ ଅଭିଯୋଗ ହୋଇଥିଲା । ଏହାର ତଦନ୍ତ କରାଯାଇ ୧୭ ଜଣ ଲିଜଧାରୀଙ୍କ ଉପରେ ୨୮୯ କୋଟି ଟଙ୍କା ଜରିମାନା କରାଯାଇଥିଲା । ତେବେ ସମ୍ପୃକ୍ତ ଲିଜ୍ ଧାରୀମାନେ ଏହି ଜରିମାନା ଅର୍ଥ ପୈଠ କରି ନଥିବା ବେଳେ ପ୍ରଶାସନ ପକ୍ଷରୁ ସେପରି କିଛି ପଦକ୍ଷେପ ନେଇ ନ ଥିବା ଧର୍ମଶାଳା ବିଜେପି ଅଭିଯୋଗ ଆଣିଛି । ଜରିମାନା ହେବାର ୧ ବର୍ଷ ୧ ମାସ ବିତିଯାଇଥିଲେ ମଧ କୌଣସି ବକେୟା ରାଶି ଆଦାୟ ହେଉ ନ ଥିବା ସହ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ । ତହସିଲ ପକ୍ଷରୁ ଡିମାଣ୍ଡ ନୋଟିସ୍ ହେବା ପରେ ସମସ୍ତ ଲିଜଧାରୀ ହାଇକୋର୍ଟରେ ପିଟିସନ ଦାଖଲ କରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉନାହିଁ । ଏନେଇ ଆଜି ପୂର୍ବାହ୍ନ ୧୧ଟା ସମୟରେ ବିଜେପି ନେତ୍ରୀ ସ୍ମୃତିରେଖା ପହିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକ ପଦଯାତ୍ରାରେ ଜାରକାସ୍ଥିତ ଶାନ୍ତିବଜାରରୁ ବାହାରି ବିଭିନ୍ନ ନାରାବାଜି ଦେଇ ଧର୍ମଶାଳା ତହସିଲ କାର୍ଯ୍ୟାଳୟରେ ପଂହଚି ଥିଲେ । ତୁରନ୍ତ ସମ୍ପୃକ୍ତ ଲିଜଧାରୀମାନଙ୍କ ଠାରୁ ଜରିମାନା ଅର୍ଥ ଆଦାୟ କରାଯାଇ ସେମାନଙ୍କ ବିରୋଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ । ସେଠାରେ ଏକ ଦାବି ପତ୍ର ଧର୍ମଶାଳା ଅତିରିକ୍ତ ତହସିଲଦାର ତପନ ମଲ୍ଲିକଙ୍କୁ ପ୍ରଦାନ କରିଥିଲେ । ଏକ ସପ୍ତାହ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ ବିଜେପି ପକ୍ଷରୁ ଏକ ଜନଆନ୍ଦୋଳନ କରାଯିବ ବୋଲି ନାରୀନେତ୍ରୀ ସ୍ମୃତିରେଖା ପହି ଚେତାବନୀ ଦେଇଥିଲେ ।

# ବସ୍ତାରେ ଶହୀଦ ଅମୃତ ବାଟିକା ପାଇଁ ମାଟି ସଂଗ୍ରହ



ବସ୍ତା , ୩୦/୦୯ (ନି.ପ୍ର): ଦିଲ୍ଲୀର କର୍ତ୍ତବ୍ୟ ପଥ ନିକଟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ନିର୍ମାଣ ହେବାକୁ ଥିବା 'ଶହୀଦ ଅମୃତ ବାଟିକା' ପାଇଁ ଏବେ ଦେଶ ସାରା ପବିତ୍ର ମାଟି ସଂଗ୍ରହ କରାଯାଉଛି। ଆଜି ବସ୍ତା ନିର୍ବାଚନ ମଣ୍ଡଳୀର ୧୫ ନମ୍ବର ଜିଲ୍ଲା ପରିଷଦ ଜୋନର କୁଡିଆ, ବାହାର୍ଦ୍ଦା, ମଥାନୀ ଓ ଦୁଧହଂସା ପ୍ରଭୃତି ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି କର୍ମୀମାନେ ଘର ଘର ବୁଲି ମାଟି ସଂଗ୍ରହ କରିବା ସହ ସାନଖୁଡି ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନରେନ୍ଦ୍ର ଆଇଚଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ବିଜେପି ନେତା ଶ୍ୟାମାପ୍ରସାଦ ବେହେରା, ମଣ୍ଡଳ ସଭାପତି ରଞ୍ଜନ ମହାନ୍ତି,ସୂର୍ଯ୍ୟନାରାୟଣ ସାହୁ, ଧ୍ରୁବ ଚରଣ ନାୟକ, ଧୀରେନ ସେଠୀ, ରାଧେଶ୍ୟାମ ମହାପାତ୍ର, ଅଭିରାମ ମଲ୍ଲିକ, ପ୍ରସନ୍ନ ପଣ୍ଡା, ଅନୀଲ ସାହୁ, ପ୍ରକାଶ କୁଣ୍ଡୁ, ଉମାକାନ୍ତ ବେଜ, ଶରତ ବାରିକ, ସୁମିତ୍ରା ପଣ୍ଡା,ବେଣୁଧର ରାଉତ, ମନୋଜ ସାମଲ, ଦିଲ୍ଲୀପ ପଣ୍ଡା, ରଜତ ନାରାୟଣ ଦାଶ, ବିଜୟ ମାଝୀ, ଦିଲ୍ଲୀପ ଧନ୍ଦା, ଦେବାନନ୍ଦ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ସବୁ ସଂଗୃହିତ ପବିତ୍ର ମାଟି ଅକ୍ଟୋବର ୨ ପରେ ଜିଲ୍ଲା ମୁଖ୍ୟକେନ୍ଦ୍ର ରେ ସଂଗୃହୀତ ହୋଇ ସରକାରଙ୍କ ଦ୍ୱାରା ଦିଲ୍ଲୀ ପ୍ରେରଣ କରାଯିବ।

# ଗାନ୍ଧି ଜୟନ୍ତୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ

ମୟୂରଭଂଜ, ୩୦/୦୯ (ନି.ପ୍ର): ମୟୂରଭଂଜ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଗାନ୍ଧି ଜୟନ୍ତି ଉପଲକ୍ଷେ ଏମକେସି ହାଇସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ବକ୍ତତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । 'ଅଧୁନିକ ଭାରତରେ ମହାମାଗାନ୍ଧିଙ୍କ ପ୍ରଭାବ' ଶୀର୍ଷକ ବିଷୟବସ୍ତୁ ଉପରେ ଅନୁଷ୍ଠିତ ଏହି ବକ୍ତତା ପ୍ରତିଯୋଗିତାରେ ଷଷ୍ଠ ରୁ ଅଷ୍ଟମ ଶ୍ରେଣୀ ବର୍ଗରେ ଓଏଭି, ମୋରଡାର ପ୍ରଭୁପାଦ ନାୟକ ପ୍ରଥମ, ଏମକେସି ହାଇସ୍କୁଲ ର ଜୟଦେବ ଦେ ଦ୍ୱିତୀୟ, ଓଏଭି ରାଣୀଭୋଳର ଏମଡି ବସ୍ତାଗୀର ହାସନ ତୃତୀୟ ସାନ ଅଧିକାର କରିଛନ୍ତି । ହାଇସ୍କୁଲ ସ୍ତରରେ ବାରିପଦାସିତ ବଳାଙ୍ଗୀ ସରକାରୀ ବାଳିକା ବିଦ୍ୟାଳୟର ମନୀଷା ଅପରାଜିତା ପାତ୍ର ପ୍ରଥମ, ଓଏଭି ମୋରଡାର ରାମକଷ୍ଣ ବାରିକ ଦ୍ୱିତୀୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ପଶୁଦାର ଦୀପସିତା ମିଶ୍ର ତୃତୀୟ ସାନ ଅଧିକାର କରିଛନ୍ତି ଉଚ୍ଚ ମାଧମିକ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଓଏଭି ମୋରଡାର ପ୍ରଭୁ ରନ ବେହେରା ପ୍ରଥମ, ଓଏଭି ରାଣୀଭୋଳର ସୁରଜ ଦତ୍ତ ଦ୍ୱିତୀୟ ଓ ବାରିପଦା ଉଚ୍ଚ ମାଧମିକ ବିଦ୍ୟାଳୟର ରଘୁନାଥ ହେମ୍ବ୍ରମ ତୃତୀୟ ସାନ ଅଧିକାର କରିଛନ୍ତି । ଏହି କାର୍ଯ୍ୟକ୍ରମ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରନ ଆଚାର୍ଯ୍ୟଙ୍କ ସଯୋଜନାରେ ସମାନିତ ହୋଇଥିବା ବେଳେ ଏମକେସି ହାଇସ୍କୁଲର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ବିଚାରକଭାବେ ଆଚଳିକ ମହାବିଦ୍ୟାଳୟ ଗଡିଆ ର ଅବସରପ୍ରାପ୍ତ ଅଧକ୍ଷ



ରାଜେନ୍ଦ୍ର ସାମଲ, ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳ ର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ଓ ଏମକେସି ହାଇସ୍କୁଲର ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଉ କୁମାର ପରିଡା ଯୋଗ ଦେଇଥିଲେ । କୃତୀ ପ୍ରତିଯୋଗୀମାନେ ଗାନ୍ଧି ଜୟନ୍ତୀରେ ଜିଲାସ୍ତରୀୟ ସ୍ୱରେ ପୁରସ୍କୃତ ହେବେ ।

# ମେଡିକାଲରେ ଭିତରେ ଢେଉ ମାରୁଛି ପାଣି: ଚଟାଣରେ ଚିକିତ୍ସା ହେଉଥିବା ରୋଗୀ ହନ୍ତସନ୍ତ



ନୀଳଗିରି, ୩୦/୦୯ (ନି.ପ୍ର): ଅସରାଏ ବର୍ଷରେ ବେହାଲ ଡାକ୍ତରଖାନା । ଡାକ୍ତରଖାନା ଭିତରେ ପଶିଲା ପାଣି । ବର୍ଷାରେ ବେହାଲ ହୋଇପଡିଛି ସ୍ୱାସ୍ଥ୍ୟ ବ୍ୟବସ୍ଥା । ଏପରି ଘଟଣା ନୀଳଗିରି ଉପଖଣ୍ଡ ମେଡିକାଲର ଦେଖିବାକୁ ମିଳିଛି । ଶୁକ୍ରବାର ମଧ ରାତ୍ରିରେ ବର୍ଷା ହେବାରୁ ମେଡିକାଲର ଛାତ ଉପର ପାଣି ନିଷ୍କାସନ ର କୋଣସି ବ୍ୟବସ୍ଥା ନଥିବାରୁ ମେଡିକାଲ ଭିତରେ ପଶି ଢେଉ ମାରିଲା ପାଣି । ଶଯ୍ୟା ଅଭାବରୁ ମେଡିସିନ ୱାର୍ଡ଼ ବାରଣ୍ଡା ଚଟାଣରେ ଚିକିତ୍ସା ହେଉଥିବା ରୋଗୀ ରାତିସାରା ହେଲେ ହନ୍ତସନ୍ତ । ଏହାର ଖବର ପାଇ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ସମାଜସେବୀ ସବ୍ୟସାଚୀ ମହାପାତ୍ର ଓ ତାଙ୍କର କିଛି ସହଯୋଗୀ ପହଞ୍ଚି ପରିସ୍ଥିତି କୁ ଅନୁଧ୍ୟାନ କରିଥିଲେ । ମାତ୍ର ଏତେସବୁ ପରିସ୍ଥିତି ଘଟିଥିଲେ ହେଁ ଘଟଣା ସ୍ଥଳରେ କୌଣସି ଡାକ୍ତର କିମ୍ବା ଅଧିକାରୀ ନପହଞ୍ଚିବା ପରିତାପର ବିଷୟ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସାଢ଼େ ତିନି କୋଟି ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ନିର୍ମାଣ ଦାୟିତ୍ୱନେଇ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ବିଭାଗୀୟ ଏସଡିଓ ଏବଂ ଯନ୍ତ୍ରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି । ପୁନର୍ବାର ଉକ୍ତ ଓପିଡି ନିର୍ମାଣ ପାଇଁ ୫- ଟି ଯୋଜନାରେ ମଧ କୋଟି କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ରାତି ଅଧରେ ରୋଗୀ ସଲାଇନ୍ ଧରି ଧାଇଁବା ଏପରିକି କିଛି ରୋଗୀ ପାଣିରେ ପଡ଼ିଯିବା ଭଳି ଘଟଣା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି । ତେବେ କୋଟି କୋଟି ଟଙ୍କା ସରକାରଙ୍କ ଖର୍ଚ୍ଚ କାହା ସ୍ୱାର୍ଥରେ । ସରକାର ପ୍ରାଥମିକତା ଭିତ୍ତିରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଉପରେ ଗୁରୁତ୍ୱାରୋପ କରିଥିଲେ ହେଁ ସ୍ୱାସ୍ଥ୍ୟ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ପୂର୍ତ୍ତବିଭାଗ ହାଲୁକା ଭାବରେ ନେବା ଯୋଗୁଁ ରୋଗୀ ହନ୍ତସନ୍ତ ହେବା ଦୁର୍ଭାଗ୍ୟର ବିଷୟ । ତେବେ ତୁରନ୍ତ ସମସ୍ୟାର ସମାଧାନ ଦିଗରେ କତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ଜଳେଶ୍ୱର , ୩୦/୦୯ (ନି.ପ୍ର): ଜଳେଶ୍ୱର ଟାଉନ୍ ହାଇସ୍କୁଲ ପରିସରରେ ଆୟେରଜିତ ସୁରଭି କାର୍ଯ୍ୟକ୍ରମରେ ୧୬ଟି ବିଦ୍ୟାଳୟ ଓ ୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାଗ ନେଇଥିଲେ । ବକ୍ତୃତା, କୁଇଜ, ବିତର୍କ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ସଂଗିତ, ଚିତ୍ରାଙ୍କାନ, ଚିତ୍ରକଳା, ହସ୍ତାକ୍ଷର, ଶୃତଲିଖନ ଓ ସୃଜନ ଶୀଳତାରେ ବଛାହୋଇଥିବା କୃତି ଛାତ୍ରଛାତ୍ରୀମାନେ ୧୭ ତାରିଖ ବ୍ଲକ ସ୍ତରୀୟକ ସୁରଭି କାର୍ଯ୍ୟକଅମୀର ଯୋଗ ଦେବେବେଳେ ସିଆରସିସି ଶାନ୍ତିଲତା ପାଢି ଓ ଅଂଜଳି ମହାପାତ୍ର କହିଛନ୍ତି । ଆୟୋଜିତ ସଭାରେ ରମେଶ ଚନ୍ଦ୍ର ଗିରି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥିଭାବେ ଏବିଇଓ ସୁଶାନ୍ତ କୁମାର ଜେନା ଓ ମୁଖ୍ୟବକ୍ତାଭାବେ ନୀଳକଣ୍ଠ ଖଣ୍ଡା ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣର ପ୍ରରିପ୍ରକାଶ ଘଟିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଦିତ୍ୟନାରାୟଣ ପାତ୍ର, ଅଜିତ୍ କୁମାର ପାତ୍ର, ଅବଦୁଲ ରସିଦ୍ ଖାଁ ବକ୍ତବ୍ୟ ରଖିଥିବା ବେଳେ ସଂଚିତାରାଣୀ ଜେନା ମଂଚ ଆହ୍ୱାନ, ସୌମ୍ୟରଂଜନ ପାତ୍ର ପରିଚାଳନା ଓ ସୌଦାମିନି ଦେ ଧନ୍ୟବାଦ ଅର୍ପଣ କରିଥିଲେ । ଆମ୍ବଲିଅଠା କ୍ଲଷ୍ଟର ସ୍ତରୀୟ ସୁରଭି ଓ ଓଡିଆ ମିଲେଟ ପ୍ରତିଯୋଗିତା କଲାଲପୁରସ୍ଥିତ ନରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି । କ୍ଲଷ୍ଟର ଅଧିନରେ ୧୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରତିନିଧିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରପାଳିକାର ଅଧ୍ୟକ୍ଷ ପ୍ରତିପ କୁମାର ପ୍ରଧାନ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନିଲ ନାୟକ ମୁଖ୍ୟବକ୍ତାଭାବେ ଯୋଗ ଦେଇ ସୁରଭୀ କାର୍ଯ୍ୟକ୍ରମର ଆବଶ୍ୟକତା ସଂପର୍କରେ କହିଥିଲେ । ୧୫ଟି ବିଦ୍ୟାଳୟର ପ୍ରାୟ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇ ୨୪ଜଣ ବ୍ଲକ ସ୍ତରୀୟ ପ୍ରତିଯୋଗୀତାରେ ଭାଗନେବେ ବୋଲି ଜଣାଯାଇଛି । ସିଆର୍‌ସିସି ମାଖନଲାଲ ବେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ପରିଚାଳନା କମିଟି ସଭ୍ୟସଭ୍ୟା ସହଯୋଗ କରିଥିଲେ ।

# ୧୭ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ



ଖଇରା, ୩୦/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ୧୭କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ଓ ମିଲେଟ ମିଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି । ଅନ୍ତରା କ୍ଲଷ୍ଟର ଅଧୀନ ବରଦା ଭଗବତୀ ଉଚ୍ଚ ବିଦ୍ୟାପିଠରେ ସିଆରସିସି ଲମ୍ବୋଦର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ପୁହାଣ ଉଦଘାଟନ କରିଥିଲେ । ସରପଞ୍ଚ ପରିକ୍ଷିତ ମହାପାତ୍ର,ପ୍ରାକ୍ତନ ସରପଞ୍ଚ ବ୍ରଜକିଶୋର ମହାନ୍ତି,ସମିତିସଭ୍ୟ ଅକ୍ଷୟ କୁମାର ଜେନା,ଚିନ୍ତାମଣି ସାହୁ, ନଟବର ମହାପାତ୍ର, ମିନତୀଲତା ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ରଞ୍ଜନ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିଭଳି ଖଇରା କ୍ଲଷ୍ଟର ଅନ୍ତର୍ଗତ ମିଟୁଆଣି ସମ୍ଭୁସୀତା ଉପ୍ରା ବିଦ୍ୟାଳୟରେ ସିଆରସିସି ଲକ୍ଷ୍ମଣ ସେନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ବିଇଓ ସୁଦର୍ଶନ ରାଉତ ମୁଖ୍ୟ ଅତିଥି,ଏବିଇଓ ଗୌରାଙ୍ଗ ମହାପାତ୍ର ମୁଖ୍ୟବକ୍ତା, ସରପଞ୍ଚ ଦୟାନିଧି ନାୟକ,ବ୍ରଜେନ୍ଦ୍ର କୁମାର ବେହେରା,ମହେନ୍ଦ୍ର ପ୍ରସାଦ ନାୟକ,ନମିତା ବେହେରା,ପ୍ରଶାନ୍ତ କୁମାର ଜେନା ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ସୃଜନାତ୍ମକ ଲିଖନ, ସଙ୍ଗୀତ, ନୃତ୍ୟ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହଛଡା ମାଖନପୁର, ପଳସା, ସାରଡାଙ୍ଗ କ୍ଲଷ୍ଟରରେ ସୁରଭୀ ମହୋତ୍ସବ ପାଳିତ ହୋଇ ଯାଇଛି ।

# ପ୍ରଧାନ ଶିକ୍ଷକ ଆନନ୍ଦ ପ୍ରସାଦ ଆଦକଙ୍କୁ ବିଦାୟ ସମ୍ବର୍ଦ୍ଧନା




ଲଙ୍ଗଳେଶ୍ୱର ୩୦/୯(ନିପ୍ର): ସାର୍ଥା ଖୁଦକାଣ୍ଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଆନନ୍ଦ ପ୍ରସାଦ ଆଦକ ଙ୍କୁ ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି । ବିଦ୍ୟାଳୟ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ସଦର ବ୍ଲକ ର ଅଧକ୍ଷା ସୁମିତା ବେହେରା, ସମ୍ମାନିତ ଅତିଥି ଭାବରେ ସାଧୁ ଚରଣ ପ୍ରଧାନ, ଜୟନ୍ତ ପାଣି, ରାଜେନ୍ଦ୍ର ଖମାରୀ, ସୈମ ପ୍ରଧାନ, ସମ୍ଭୁନାଥ ସାହୁ, ସରପଞ୍ଚ ଧନୁର୍ଜୟ ପାତ୍ର, ସମିତି ସଭ୍ୟ ମନୋରଞ୍ଜନ ଦଳାଇ, ପ୍ରମୁଖ ଯୋଗଦେଇ ଆଦର୍ଶ ଶିକ୍ଷକ ଶ୍ରୀ ଆଦକଙ୍କ ଶିକ୍ଷା ଦାନ ଓ ଅନୁଷ୍ଠାନ ପ୍ରେମୀ ଏବଂ ମିଷ୍ଟଭାଷୀ ଗୁଣ ଯୋଗୁଁ ସେ ଏହି ଅଞ୍ଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି ବୋଲି ବକ୍ତା ମାନେ ମତବ୍ୟକ୍ତ କରିଛନ୍ତି । ଶିକ୍ଷାବିତ ଲକ୍ଷ୍ମୀଧର ଖମାରୀ ଏହି ଉତ୍ସବରେ ସଭାପତି କରିଥିଲେ । ଶିକ୍ଷକ ଦୁଲାରୀ ମୁର୍ମୁ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ଶିକ୍ଷକ ବାବୁଧର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । ଈଶ୍ୱର ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସହଦେବ ଘୋଷ, କମିଟି ଉପାଧକ୍ଷ ନମିତା ଗିରି ମଞ୍ଚାସୀନଥିଲେ । ଶ୍ରୀମନ୍ତ ମାଇତି, ଗଣେଶ ବାରିକ,ମାନସ ତ୍ରିପାଠୀ, ଅଶ୍ୱିନୀ ଗିରି, ମଦନ ପ୍ରଧାନ, ନନ୍ଦ ଦୋଳାଳ ମାଇତି, ବିଶ୍ୱଜିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ ।

# ଗଛରେ ପିଟିହେଲା ବାଇକ୍: ଚାଳକ ମୃତ

ଭୁବନେଶ୍ୱର, ୩୦/୦୯ (ନି.ପ୍ର): ଭାରସାମ୍ୟ ହରାଇ ଗଛରେ ପିଟିହେଲା ବାଇକ୍, ଚାଳକ ମୃତ । କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମାତୃଗାଁ ଛକ ନିକଟରେ ଘଟିଛି ଏଭଳି ଦୁର୍ଘଟଣା । ମୃତ ଯୁବକ ହେଲେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ ପଂଚାୟତ ଛଚିଙ୍ଗା ଗ୍ରାମର ଶଙ୍କର ମାଝୀ । ସେ କାମ ସାରି ତୁମୁଡ଼ିବନ୍ଧରୁ ନିଜ ଘରକୁ ଫେରୁଥିବା ବେଳେ ମାତୃଗାଁ ଛକ ନିକଟରେ ଭାରସାମ୍ୟ ହରାଇ ତାଙ୍କ ବାଇକ ଗଛରେ ପିଟି ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରାଯାଇଥିଲା ।

# ଖାଲିନାରେ ବିଜେପିର ରକ୍ତଦାନ ଶିବିର : ୫୩ ୟୁନିଟ୍ ସଂଗୃହୀତ

ଜଳେଶ୍ୱର ୩୦/୯(ନିପ୍ର): ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ଜମ ଜନ୍ମ ଜୟନ୍ତୀ ଉପଲକ୍ଷେ ସେବା ସପ୍ତାହ ପାଳନ ଅବସରରେ ଖାଲିନା ପଂଚାୟତର ଆମ୍ବଡିଆ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ବରିଷ୍ଠ ନେତା ଅଭିଜିତ୍ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଯୁବନେତା ଦିବ୍ୟକାମ ମହାନ୍ତି, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ସୁକୁମାର ରଣା, ସଂଜିବ ରାଉତ, ସତ୍ୟ ବେହେରା, ବିଦ୍ୟାଧର ବେହେରା, ନାଥୁରାମ ଅଣ୍ଡିଆ, କମଳାକାନ୍ତ ଦେ, ମଣ୍ଟୁ ପ୍ରମାଣିକ, ଇତୁ ପ୍ରମାଣିକ, ସୁବ୍ରତ ସେଣ, ସଚିନ୍ଦ୍ର ପ୍ରମାଣିକ, ଅପୁ ଦେ, ଗଣେଶ ପ୍ରମାଣିକ, ନନ ପ୍ରମାଣିକ, ଉମେଶ ପ୍ରମାଣିକ, ବିଜୁକିଶୋର ପରିଡା, କିରଣ ପ୍ରମାଣିକ ଶିବିରକୁ ପରିଚାଳନା କରିଥିଲେ ।

# ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଓ ଚୟନ



ବାଲେଶ୍ୱର, ୩୦/୦୯ (ନି.ପ୍ର): ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଓ ଚୟନ ୨୦୨୩, ୨୦୨୪ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହଇଅଛି । ଏ ହିଁ ଉଦ୍ ଘାଟନ ଉତ୍ସାବ ରେ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷଧିକାରୀ ପ୍ରଭାତ ମଞ୍ଜରୀ ଦାସ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରି ଜିଲ୍ଲା ର ବିଦ୍ୟାଳୟ ସ୍ତରୀୟ ଖୋକ ଓ ଯୋଗା ସନ ପ୍ରତିଯୋଗିତା ଆରମ୍ଭ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ବାଲିଆ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ବି କରାଯାଇଥିଲା । ଅଳ୍ପଦିନ । ତଳେ ଦିବ୍ୟଗତ ଖେଳ ଶିକ୍ଷକ ପ୍ରବାସ ରଞ୍ଜନ ଜେନା ଦୁର୍ଘଟଣାରେ ମୃତୁ ବରଣ କରିଥିଲେ ତାଙ୍କ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏ ଥିରେ ୧୭ ବର୍ଷ ରୁ କମ ଓ ୧୪ ବର୍ଷ ରୁ କମ ବାଳକ ଓ ବାଳିକା ବିଭାଗର ଖୋ ଖୋ ଓ ଯୋଗା ସନ ପ୍ରତିଯୋଗିତା ରେ ଜିଲ୍ଲାର ୧୨ ଟି ବ୍ଲକ ରୁ ୪୫୦ ଜଣ ପ୍ରତିଯୋଗୀ ଭାଗ ନେଇ ଥିଲେ । ଜିଲ୍ଲାର ଅନ୍ୟ କ୍ରୀଡା ଶିକ୍ଷକ ଓ ଅଫିସର ମିଶି ମୋଟ ୫୫୦ ଜଣ ପ୍ରତିଯୋଗିତା ରେ ଯୋଗ ଦେଇ ଥିଲେ । । ଅତିଥିମାନେ ତାଙ୍କ ବକ୍ତବ୍ୟ ରେ କହିଥିଲେ କ୍ରୀଡା ବ୍ୟକ୍ତି ର ପରିଚୟ ସୃଷ୍ଟି କରେ, ଶାରୀରିକ ବିକାଶ ହୋଇଥାଏ। ଏହି ଉଦଯାପନ ଉତ୍ସବ ରେ ସଭାପତି ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରାଚୀ ତନୟା ଗିରି, ଧରଣୀଧର ପାତ୍ର,ଅତିରିକ୍ତ ଶିକ୍ଷାଧିକାରୀ । ପ୍ରକାଶ ଚନ୍ଦ୍ର ମହାଳିକ ଶିକ୍ଷାଧିକାରୀ ,ଶାରୀରିକ ଶିକ୍ଷାଧିକାରୀ ଅଶୋକ କୁମାର ନାୟକ ଅ ତିଥି ପରିଚୟ କରିଥିଲେ । ସେ ସରେ ଖ୍ରୀଷ୍ଟିଆନ ସ୍କୁଲ ର ପ୍ରଧାନ ଶିକ୍ଷକ ନାରାୟଣ ପୃଷ୍ଟି ଧନ୍ୟବାଦ୍ ଦେଇଥିଲେ ।

# କବି ବନମାଳୀ ବାରିକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ




ବାସୁଦେବପୁର, ୩୦/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଗୁଆ ଗଡିଆ ପଂଚାୟତ ର ଚିରଳ ଗ୍ରାମରେ ଅବସର ପତ୍ରିକା ର ସମ୍ପାଦକ କବି ଓ ସାମ୍ବାଦିକ ବନମାଳୀ ବାରିକ ଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ କବି ସୁଧାଂଶୁ ଶେଖର ମିଶ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡାକ୍ତର ଦୁର୍ଯ୍ୟୋଧନ ଦାସ, ମୁଖ୍ୟ ବକ୍ତା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଇଂ ଅଭୟ ସୂତାର, ସମାଜସେବୀ ପ୍ରଶାନ୍ତ ନାୟକ, ଅଧ୍ୟାପକ ସାହିତ୍ୟିକ ନିହାର ରଞ୍ଜନ କର, କବି ଜାନକୀ ପାଢ଼ୀ ପ୍ରମୁଖ ଏହି ଉତ୍ସବ ରେ ଯୋଗ ଦେଇ କବି ବନମାଳୀ ବାରିକ ଙ୍କ ସାହିତ୍ୟ ଓ ସାମ୍ବାଦିକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧରେ ଶିକ୍ଷାବିତ ରବି ନାରାୟଣ ସେନାପତି, କବି ରତ୍ନାକର ପଣ୍ଡା, କବି ସୁଦର୍ଶନ ଅଗସ୍ତି, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, କବି ଭଗବାନ ମିଶ୍ର, ସାମ୍ବାଦିକ ଡ଼କ୍ଟର ହରିହର ନାୟକ, ସାମ୍ବାଦିକ ଗୌରହରି ନାୟକ, ଜିଲ୍ଲା କଂଗ୍ରେସ ସଭାପତି ଅଶୋକ ଦାସ, ବିଜେପି ନେତା ଅଶୋକ ସାହୁ, ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲିକ, ଶିକ୍ଷାବିତ ଡ଼କ୍ଟର ଶୈଳେନ୍ଦ୍ର ନାରାୟଣ ପାଢ଼ୀ, କବି ଶାନ୍ତିଲତା ପଣ୍ଡା, ତପନ ମିତ୍ର, କବି ସଞ୍ଜୟ ଜେନା, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ, ଉଦୟ ଜେନା, କବି ଧନଞ୍ଜୟ ମହାକୁଡ଼ ପ୍ରମୁଖ କବି ବନମାଳୀ ବାରିକ ଙ୍କ ସାରସ୍ୱତ ସାଧନା ଓ ସାମାଜିକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କବି ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ବନମାଳୀ ଭାଇ ଙ୍କ ଜ୍ୟେଷ୍ଠ ପୁତ୍ର ପାର୍ଥ ସାରଥୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । କନିଷ୍ଠ ପୁତ୍ର ସୂର୍ଯ୍ୟ ସାରଥୀ ବାରିକ, କନ୍ୟା ଓ ପରିବାର ବର୍ଗ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

# ଆଦର୍ଶ ଶିକ୍ଷୟିତ୍ରୀ ଉର୍ମିଳା ସ୍ୱାଇଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ, ୩୦/୦୯ (ନି.ପ୍ର): ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକଙ୍କ ଗୁଣବତ୍ତା ଓ ଲୋକପ୍ରିୟତା ତାଙ୍କର ଅବସର ପରେ ଜଣାପଡିଥାଏ । ଏହିଭଳି ଜଣେ କର୍ତ୍ତବ୍ୟ ପରାୟଣ କର୍ମବୀରା ଶିକ୍ଷୟିତ୍ରୀ ଥିଲେ ଭଦ୍ରକ ପୌରପାଳିକା ପାତ୍ରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଉର୍ମିଳା ସ୍ୱାଇଁ । ଦୀର୍ଘ ତିନି ଦଶନ୍ଧି ଧରି ଶିକ୍ଷାଦାନ ଭଳି ଏକ ମହତ୍ ଦାନ କରିଆସୁଥିବା ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱାଇଁ ଉକ୍ତ ବିଦ୍ୟାଳୟରେ ୧୫ ବର୍ଷ ଧରି ନିଜର କର୍ମ ସଂପାଦନ କରିବା ମଧରେ ଆଜି ଅବସର ଗ୍ରହଣ କରିଛନ୍ତି । ଏଥି ଉପଲକ୍ଷେ ପାତ୍ରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ଚରଣ ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଜେନାଙ୍କ ସମେତ ସହକର୍ମୀ ମିନତୀ ମଲ୍ଲିକ, ଅଳକା ପୁହାଣ, ଅହିଂସା ପରିଡା, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷା ସୁକାନ୍ତି ପ୍ରଧାନ, ସିଆରସିସି ରଚନା ପାଲ , ବହୁ ବିଶିଷ୍ଟ ଅତିଥି ଓ ଛାତ୍ରଛାତ୍ରୀ ଯୋଗଦେଇ ଶ୍ରୀମତୀ ସ୍ୱାଇଁଙ୍କ କର୍ମ ସଂପାଦନ, ନିଷ୍ଠାପରତା, ଅମାୟିକ ବ୍ୟବହାର ଭଳି ଗୁଣାବଳୀର ଅବତାରଣା କରିଥିଲେ । ଏବଂ ସେ ବିଦ୍ୟାଳୟରେ କେବଳ ଶିକ୍ଷାଦାନ ନୁହେଁ ବୃକ୍ଷରୋପଣ ଭଳି ଘଟଣାମୂଳକ କାର୍ଯ୍ୟ ସହ ଛାତ୍ରଛାତ୍ରୀଙ୍କ ଗହଣରେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ସହକର୍ମୀଙ୍କ ମଧରେ ଜଣେ ପ୍ରିୟ ବାନ୍ଧବୀର ଭୂମିକା ଲିଭାଇବା ସହ ସ୍ଥାନୀୟ ଶିଶୁ ଅନାଥଶ୍ରମ ବାତ୍ସଲ୍ୟର ସଭ୍ୟା ଭାବେ ଯେଉଁଭଳି କାର୍ଯ୍ୟ ତୁଲାଇଥିଲେ, ତାହା ତାଙ୍କୁ ସମସ୍ତଙ୍କ ନିକଟରେ ପ୍ରିୟଭାଜନ କରି ରଖିବ ବୋଲି ବକ୍ତାମାନେ ନିଜର ବକ୍ତବ୍ୟରେ କହିଥିଲେ । ଏଥିସହ ତାଙ୍କର ଅବଶିଷ୍ଟ ଜୀବନ ସୁଖମୟ ହେବାର କାମନା କରିଥିଲେ । ଶ୍ରୀମତୀ ସ୍ୱାଇଁ ନିଜର ସମ୍ବର୍ଦ୍ଧନାର ଉତ୍ତରରେ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ଯେଉଁ ସହକର୍ମୀ ଓ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଙ୍କ ଗହଣରେ ଦୀର୍ଘବର୍ଷ କଟାଇଥିଲେ, ତାହାର ସ୍ମୃତିଚାରଣ କରିବା ସହ ଏହି ବିଦ୍ୟାଳୟ ତାଙ୍କ ଜୀବନର ଶେଷ ପର୍ଯ୍ୟନ୍ତ ଏକ ଅଭୁଲା ସ୍ମୃତି ହୋଇରହିବ ବୋଲି କହିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo